

ପବିତ୍ର ଗୁରୁ ଦିବସ ଅବସରରେ ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କୁ 'ସକାଳ' ପରିବାର ପକ୍ଷରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-72 ◆FRIDAY ◆5 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୭୨ ◆ଶୁକ୍ରବାର ◆୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଇପିଏଲ୍ ଟିକଟ ଉପରେ ୪୦% ଜିଏସ୍‌ଟି

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ଭାରତରେ କ୍ରିକେଟର ସବୁଠାରୁ ବଡ଼ ଉତ୍ସବ ଭାବରେ ବିବେଚନା କରାଯାଉଥିବା ଆଇପିଏଲ୍ ଦେଖିବା ଏବେ ପ୍ରଶଂସକଙ୍କ ପାଇଁ ମହଙ୍ଗା ହୋଇଯାଇଛି। ସରକାର ଲାଗୁ କରିଥିବା ନୂତନ ଜିଏସ୍‌ଟି ହାରର ସିଧାସଳଖ ପ୍ରଭାବ ଏବେ ଆଇପିଏଲ୍ ଟିକଟ ଉପରେ ପଡ଼ିବ। ଅର୍ଥାତ୍, ଯଦି ଆପଣ ଷ୍ଟାଡିୟମରେ ବସି ଆଇପିଏଲ୍ ମ୍ୟାଚ୍ ଦେଖିବାକୁ ଚାହାଁନ୍ତି, ତେବେ ଏବେ ଆପଣଙ୍କୁ ପୂର୍ବ ଅପେକ୍ଷା ଅଧିକ ପକେଟ ଢିଲା କରିବାକୁ ପଡିବ। କାରଣ ଏହା ଉପରେ ସରକାର ଜିଏସ୍‌ଟି ହାର ୨୮%ରୁ ୪୦% ବୃଦ୍ଧି କରିଛନ୍ତି। ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସରକାର ଷ୍ଟାଡିୟମରେ ଆଇପିଏଲ୍ ମ୍ୟାଚ୍ ଦେଖିବାକୁ ଏକ ବିଳାସପୂର୍ଣ୍ଣ ବିଷୟ ବୋଲି ବିବେଚନା କରି ତାହା ଉପରେ ୪୦% ଟିକସ ଲାଗୁ କରିଛନ୍ତି। ନୂତନ ଟିକସ ବ୍ୟବସ୍ଥାରେ ଆଇପିଏଲ୍ ମ୍ୟାଚ୍‌କୁ ତମାଖୁ ଉତ୍ପାଦ ଏବଂ କ୍ୟାସିନୋ ଭଳି ସେବା ସହିତ ସମାନ ବର୍ଗରେ ରଖାଯାଇଛି। ଏହି ମୂଲ୍ୟ ବୃଦ୍ଧି ପରେ ୧୦୦୦ ଟଙ୍କା ମୂଳ ମୂଲ୍ୟ ଥିବା ଆଇପିଏଲ୍ ମ୍ୟାଚ୍ ଟିକଟର ଚୂଡ଼ାନ୍ତ ମୂଲ୍ୟ ଏବେ ୧୨୮୦ ଟଙ୍କାରୁ ୧୪୦୦ ଟଙ୍କାକୁ ବୃଦ୍ଧି ପାଇବ। ଏହି ବୃଦ୍ଧି ସହିତ ଭାରତରେ କ୍ୟାସିନୋ ଏବଂ ରେସ୍ କ୍ଲବ ସହିତ ଆଇପିଏଲ୍ ଜିଏସ୍‌ଟି ଶୀର୍ଷ ସ୍ଲାବରେ ସାମିଲ ହୋଇଛି। ତଥାପି, ସାଧାରଣ କ୍ରିକେଟ୍ ମ୍ୟାଚ୍ ଉପରେ ୧୮% ଜିଏସ୍‌ଟି ଲାଗୁ ହେବ। ଜିଏସ୍‌ଟି ହାରରେ ଏହି ପରିବର୍ତ୍ତନ କେବଳ ଆଇପିଏଲ୍ ଭଳି ପ୍ରିମିୟମ୍ ମ୍ୟାଚ୍ କ୍ଷେତ୍ରରେ ଲାଗୁ ▶ପୃଷ୍ଠା-୭

### ଶ୍ରୀନଅରରେ ସୁନିଆଁ



## ଚାଲିଲା ୬୯ ଅଙ୍କ, ୧୪୩୩ ସାଲ

■ **ପୁରୀ, ୪।୯ (ସମିସ):** ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ନୂଆ ଅଙ୍କ ପ୍ରଚଳନ ହୋଇଛି। ଗୁରୁବାର ସୁନିଆଁ ଅବସରରେ ୬୯ଅଙ୍କ ଏବଂ ୧୪୩୩ ସାଲ ଆରମ୍ଭ ହୋଇଛି। ସେଥିଲାଗି ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପଡ଼ିଥିଲା। ସକାଳୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ଏହି ନୀତିରେ ଗଜପତି ମହାରାଜା କନକଦୁର୍ଗା, ଶ୍ୟାମାକାଳୀ, ରାଧାକୃଷ୍ଣ, ନୃସିଂହ ଆଦି ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ସନ୍ଧ୍ୟାରେ ପଞ୍ଚଦେବତା ପୂଜା, ରାମାଭିଷେକ ପୂଜା ହୋଇଥିଲା। ପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା। ଏକ ସୁନା ମୋହରରେ ୬୯ ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ରାଜଗୁରୁଙ୍କ ଉପସ୍ଥିତିରେ ବରାହ ନୃସିଂହ, ଲକ୍ଷ୍ମୀ ନୃସିଂହ ଆଦି ଦେବଦେବୀଙ୍କ ଚିହ୍ନ ଥିବା ମୁଦ୍ରାକୁ ନହର କରଣ ପ୍ରଚଳନ କରାଇବା ▶ପୃଷ୍ଠା-୭

### ପ୍ରାକୃତିକ ବିପର୍ଯ୍ୟୟ ନେଇ ଚିନ୍ତା ପ୍ରକଟ କଲେ ସୁପ୍ରିମ୍‌କୋର୍ଟ

# ପ୍ରତିଶୋଧ ନେଉଛି ପ୍ରକୃତି





■ **ନୂଆଦିଲ୍ଲୀ, ୪।୯(ଏଜେନ୍ସି):** ସମଗ୍ର ଉତ୍ତର ଭାରତରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ବିପର୍ଯ୍ୟୟ ଜାରି ରହିଛି। ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଅତ୍ୟନ୍ତ ଚିନ୍ତାଜନକ। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ପାର୍ବତ୍ୟ ଅଞ୍ଚଳରେ ଭୂସ୍ଖଳନ ହେଉଛି ଏବଂ ଶହ ଶହ ଘର ମାଟିରେ ମିଶିଯାଉଛି। ପାହାଡ଼ ଉପରେ ବେଆଇନ୍ ଭାବେ ବ୍ୟାପକ ଗଛ କଟାଯିବା ଏହି ପ୍ରାକୃତିକ ବିପର୍ଯ୍ୟୟର ସବୁଠାରୁ ବଡ଼ କାରଣ ବୋଲି ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମ କୋର୍ଟ। ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର ଗଭାଇ ଓ ଜଷ୍ଟିସ୍ କେ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ପାହାଡ଼ ଉପରେ ବ୍ୟାପକ ସଂଖ୍ୟାରେ ଗଛ କଟାଯାଉଥିବାରୁ ପ୍ରକୃତି ଏହାର ପ୍ରତିଶୋଧ ନେଉଛି।

ଏସଂକ୍ରାନ୍ତରେ ଅନାମିକା ରାଣାଙ୍କ ଆବେଦନର ଶୁଣାଣି କରି ସୁପ୍ରିମ କୋର୍ଟ କେନ୍ଦ୍ର ସରକାର, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଓ ପଞ୍ଜାବ ସରକାରଙ୍କ ସମେତ ନ୍ୟାସନାଲ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି (ଏନ୍‌ଡିଏମ୍‌ଏ), ପର୍ଯ୍ୟାବରଣ ମନ୍ତ୍ରଣାଳୟ, ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)କୁ ନୋଟିସ ଜାରି କରିଛନ୍ତି ଓ ଆଗାମୀ ୩ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ପାହାଡ଼ ଉପରେ ଗଛ କଟାଯିବା ପ୍ରକ୍ରିୟା ରୋକାଯିବା ଆବଶ୍ୟକ। ଗଛକଟା ସବୁଠାରୁ ବିପଜ୍ଜନକ। ଏବେ ପ୍ରକୃତି ଏହାର ପ୍ରତିଶୋଧ ନେଉଛି। ପ୍ରକୃତି କାମେର ଆମେ ଅଯଥା ହସ୍ତକ୍ଷେପ କରିଛୁ। ଏବେ ପ୍ରକୃତି ଆମକୁ କ୍ଷତି ପହଞ୍ଚାଉଛି। କୋର୍ଟ କହିଲେ ଯେ ବର୍ଷା ଓ ବନ୍ୟା ସଂପର୍କରେ ଗଣମାଧ୍ୟମରେ ପ୍ରକାଶିତ ଓ ପ୍ରସାରିତ ଚିତ୍ର ଆମକୁ ଚିନ୍ତାରେ ପକାଇଛି। ହିମାଚଳରେ ଆସିଥିବା ବନ୍ୟାରେ ହଜାର ହଜାର ସଂଖ୍ୟାରେ କାଠଗଣ୍ଡି ଭାସିଯାଉଥିବା ଦୃଶ୍ୟରୁ ସ୍ପଷ୍ଟ ହୋଇଯାଉଛି ଯେ ପାର୍ବତ୍ୟ ଅଞ୍ଚଳରେ ବେଆଇନ ଭାବେ ▶ପୃଷ୍ଠା-୭

**ପାହାଡ଼ ଉପରୁ ବେଆଇନ ଗଛକଟା ରୋକିବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ**

### ଲଘୁଚାପ ମଧ୍ୟପ୍ରଦେଶମୁହାଁ

# ୧୦ ଜିଲ୍ଲାକୁ ମହାନଦୀ ଭୟ

■ **ଭୁବନେଶ୍ୱର, ୪।୯ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶା ଅତିକ୍ରମ କରି ବର୍ତ୍ତମାନ ଉତ୍ତର ଛତିଶଗଡ଼ ଓ ପୂର୍ବ ମଧ୍ୟପ୍ରଦେଶ ଉପରେ କେନ୍ଦ୍ରୀଭୂତ ରହିଛି। ଏହାପ୍ରଭାବରେ ମହାନଦୀ ଉପରମୁଣ୍ଡ ଓ ଛତିଶଗଡ଼କୁ ଲାଗି ଥିବା ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ଜାରି ରହିଛି। ଲଘୁଚାପ ଯୋଗୁଁ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବା ବେଳେ ଗୁରୁବାର ସକାଳେ ଅନେକ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁଯାୟୀ ଗତ ୩୬ ଘଣ୍ଟାରେ ଦେବଗଡ଼ରେ ୧୪୫ ମିମି ବର୍ଷା ରେକର୍ଡ ହୋଇଛି। ଏହାସହିତ ଯାଜପୁରରେ ୧୩୦ ମିମି ବର୍ଷା ସହ ଝାରସୁଗୁଡ଼ାରେ ୧୧୫, ଚାନ୍ଦବାଲିରେ ୯୦, ବାରିପଦାରେ ୭୦, ବାଲେଶ୍ୱରରେ ୬୧, କେନ୍ଦୁଝରରେ ୫୦, ସମ୍ବଲପୁରରେ ୬୪, ସୁନ୍ଦରଗଡରେ ୬୨, ଭଦ୍ରକରେ ୬୭, ବରଗଡରେ ୬୭ ଓ ନୂଆପଡ଼ାରେ ୬୫ ମିମି ବର୍ଷା ରେକର୍ଡ ହୋଇଛି। ଶୁକ୍ରବାରଠାରୁ ବର୍ଷାର ପ୍ରଭାବ କମିବାକୁ ଥିଲେ ମଧ୍ୟ ପଶ୍ଚିମ ଓ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

ଅନ୍ୟପଟେ ବର୍ଷା ଯୋଗୁଁ ବର୍ତ୍ତମାନ ରାଜ୍ୟର ଏକାଧିକ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ମହାନଦୀ ସମେତ ବୈତରଣୀ, ବୁଢ଼ାବଳଙ୍ଗ ଓ ଜଳକା ଆଦି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ▶ପୃଷ୍ଠା-୭



**ହୀରାକୁଦର ୧୬ ଫାଟକ ଦେଇ ବନ୍ୟାଜଳ ନିଷ୍କାସନ**

### ଜଳସମ୍ପଦ ବିଭାଗକୁ ଅଡୁଆ ପାଣିପାଗ ପୂର୍ବାନୁମାନ

## ଗୋଟାଏ ସ୍ଥାନକୁ ଚେତାବନୀ; ଅନ୍ୟ ସ୍ଥାନରେ ଢାଳୁଛି ବର୍ଷା

■ **ଭୁବନେଶ୍ୱର, ୪।୯ (ସମିସ):** ଚଳିତ ବର୍ଷ ଘନ ଘନ ଲଘୁଚାପ ଓ ଅନୁକୂଳ ମୌସୁମୀ ରାଜ୍ୟରେ ବର୍ଷାର ସ୍ଥିତିକୁ ସ୍ୱାଭାବିକ କରିଛି। ଏହା ଚାଷୀମାନଙ୍କୁ ଯେତିକି ସନ୍ତୋଷ ଦେଇଛି, ହେଲେ ସରକାରଙ୍କ ପାଇଁ ଚିନ୍ତା ବଢ଼ାଇଛି। ଫଳରେ ଚଳିତ ବର୍ଷ ଉତ୍ତର ଓଡ଼ିଶାରେ ୭ମ ଥର ବନ୍ୟା ଆଶଙ୍କା ସୃଷ୍ଟି କରିଛି। କୌତୂହଳର କଥା ହେଉଛି ଅତୀତରେ ମୌସୁମୀରେ ବର୍ଷା ଓ ବନ୍ୟା ଜଳ ପରିଚାଳନାରେ ଦକ୍ଷତା ଅର୍ଜନ କରିଥିବା ରାଜ୍ୟ ଜଳସମ୍ପଦ ବିଭାଗ ଚଳିତ ବର୍ଷ ବନ୍ୟା ପରିଚାଳନାରେ ଚଳିତ ବର୍ଷା ସଫଳ ହୋଇପାରି ନାହିଁ।

ସାଧାରଣତଃ ବନ୍ୟା ଜଳ ପରିଚାଳନା କ୍ଷେତ୍ରରେ ଆଇଏମ୍‌ଡି ଓ ରାଜ୍ୟ ଜଳସମ୍ପଦ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଥାଏ। ଲଘୁଚାପ ଓ ଏହା ପ୍ରଭାବରେ କେଉଁ ଅଞ୍ଚଳରେ କେତେ ବର୍ଷା ହେବ ତାହା ଆଇଏମ୍‌ଡି ଆକଳନ କରିଥାଏ। ଏହାକୁ ଆଧାର କରି ରାଜ୍ୟର ଥିବା ବିଭିନ୍ନ ଡ୍ୟାମ୍‌ରୁ ଜଳ ନିଷ୍କାସନ ଓ ଗେଟ୍ ବନ୍ଦ, ଖୋଲା ହୋଇଥାଏ। ହେଲେ ଚଳିତ ବର୍ଷ ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଥିବା ପରିଲକ୍ଷିତ ହେଉଛି। ସେହିପରି ଗତ କିଛି ଦିନ ହେବ ସମ୍ଭାବ୍ୟ ବର୍ଷା ସଂକ୍ରାନ୍ତରେ ଆଇଏମ୍‌ଡ଼ି ଆକଳନ ସଠିକ୍ ରହୁନାହିଁ। ଆଇଏମ୍‌ଡି ଯେଉଁ ଯେଉଁ ଜିଲ୍ଲାରେ ପ୍ରବଳ ବର୍ଷା ଆକଳନ ଜାରି କରୁଛି, ବାସ୍ତବ ସ୍ଥିତି ଓଲଟା ହେଉଛି। ନିକଟରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ୧ ତାରିଖରେ ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଗଜପତି ଏବଂ ▶ପୃଷ୍ଠା-୭

**ଚଳିତ ବର୍ଷ ଉତ୍ତର ଓଡ଼ିଶାରେ ଆସିଲାଣି ୬ ଥର ବନ୍ୟା**

**ବନ୍ୟା ଜଳ ପରିଚାଳନାରେ ବିଫଳ ଜଳସମ୍ପଦ ବିଭାଗ**

**ଚିନ୍ତା ବଢ଼ାଇଲା ମହାନଦୀ ତଳ ଓ ଉପରମୁଣ୍ଡରେ ବର୍ଷା**

## ପାଇଖାନା ଟାଙ୍କିରୁ ନିଖୋଜ ନାବାଳକର ମୃତଦେହ ଉଦ୍ଧାର

■ **ରାଉରକେଲା, ୪।୯ (ସମିସ):** ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଚମ୍ପାଗଡ଼ରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ବିସର୍ଜନ ଶୋଭାଯାତ୍ରାରୁ ନିଖୋଜ ୬ ବର୍ଷୀୟ ଜଣେ ନାବାଳକର ଶବ ଆଜି ଏକ ପାଇଖାନା ଟାଙ୍କିରୁ ଉଦ୍ଧାର ହୋଇଛି। କେହି ଦୁର୍ବୃତ୍ତ ନାବାଳକକୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଏପରି କରିଥିବା ସନ୍ଦେହ କରାଯାଉଛି। ମୃତ ନାବାଳକ ହେଲେ, ଆରବ। ଏ ସଂପର୍କରେ ଆରବର ପରିବାରଲୋକ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ଅପରପକ୍ଷେ, ନ୍ୟାୟ ଦାବିରେ ପରିବାରଲୋକଙ୍କ ସହ ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକ କରିଛନ୍ତି। ସୂଚନାନୁଯାୟୀ, ବୁଧବାର ରାତିରେ ଆରବ ତାଙ୍କ ▶ପୃଷ୍ଠା-୭

**ହତ୍ୟା ଅଭିଯୋଗ ଆଣିଲା ପରିବାର**

## ନିରାଶ କରୁଛି 'ନିରାମୟ'

■ **ଭୁବନେଶ୍ୱର, ୪।୯ (ସମିସ):** ରୋଗୀଙ୍କୁ ମାଗଣା ଔଷଧ ଯୋଗାଇଦେବା ପାଇଁ ୨୦୧୫ ମସିହାରୁ ରାଜ୍ୟରେ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିଲେ 'ନିରାମୟ' ଯୋଜନା। ଏହି ଯୋଜନାରେ ରାଜ୍ୟ ଔଷଧ ନିଗମ ଔଷଧ ଖରିଦ କରିବା ପରେ ସରକାରୀ ଡାକ୍ତରଖାନାଗୁଡ଼ିକୁ ଯୋଗାଇ ଦିଆଯାଇଥାଏ ଓ ରୋଗୀମାନେ ବିନା ମୂଲ୍ୟରେ ଔଷଧ ପାଇଥାଆନ୍ତି। ଦୀର୍ଘ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଚାଲି ଆସିଛି ଏବଂ ଏଥିରେ ସାଧାରଣ ଗରିବ ରୋଗୀମାନେ ଉପକୃତ ହେଉଛନ୍ତି। ଛୋଟରୁ ବଡ଼ ସମସ୍ତ ରୋଗର ଔଷଧ ରୋଗୀମାନଙ୍କୁ ବର୍ଷ ବର୍ଷ ଧରି ମିଳୁଥିବାବେଳେ ମାତ୍ର ଗତ କିଛି ମାସ ହେଲା ରୋଗୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଔଷଧ ମିଳୁନି। ବିଶେଷକରି ମଧୁମେହ ଓ ଉଚ୍ଚ ରକ୍ତଚାପ ଆଦି ରୋଗୀଙ୍କୁ ସରକାରୀ ଡ଼ାକ୍ତରଖାନାରେ ନିରାମୟରେ ମିଳୁଥିବା ଔଷଧ ଆଉ ମିଳୁନାହିଁ।

୨୦୧୫-୧୬ ଆର୍ଥିକ ବର୍ଷରେ ଯୋଜନା ଆରମ୍ଭ ହେଲାବେଳେ ବର୍ଷକୁ ୧୪୧ କୋଟି ଟଙ୍କାର ଔଷଧ କିଣାଯାଉଥିଲା। ପରବର୍ତ୍ତୀ ସମୟରେ ଏହା ବୃଦ୍ଧି ପାଇ ୨୦୨୩-୨୪ ମସିହା ବେଳକୁ ୬୩୦ କୋଟି ଟଙ୍କାକୁ ଅତିକ୍ରମ କରିଥିଲା। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏହା ୪୫୦ କୋଟି ଟଙ୍କାକୁ ଖସି ଆସିଛି। ରୋଗୀମାନଙ୍କ ପାଇଁ ୭୪୧ ପ୍ରକାରର ଔଷଧ କିଣାଯାଉଥିବା କୁହାଯାଉଥିଲେ ହେଁ ଡାକ୍ତରଖାନାରେ ଅଧିକାଂଶ ▶ପୃଷ୍ଠା-୭

**ମିଳୁନି ଔଷଧ; ଚିନ୍ତାରେ ନିୟମିତ ସେବନକାରୀ**

### ଚିନ୍ତା ପ୍ରକଟ କଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ


## ବଢୁଛି ଆତ୍ମହତ୍ୟା ପ୍ରବଣତା

### ୨୦୨୧ରେ ଜୀବନ ହାରିଛନ୍ତି ୭୨ ଲକ୍ଷ ଲୋକ

**ନୂଆଦିଲ୍ଲୀ, ୪।୯(ଏଜେନ୍ସି):** ମାନସିକ ରୂପେ ଅସୁସ୍ଥ ହେଉଥିବା ଲୋକମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାର ମୁକାବିଲା ଲାଗି ଅନେକ ସରକାର ପଦକ୍ଷେପ ନେଉଥିଲେ ମଧ୍ୟ ଉଲ୍ଲେଖନୀୟ ସଫଳତା ମିଳିପାରି ନାହିଁ। ବିଶେଷ କରି ଯୁବକଯୁବତୀମାନେ ଏଭଳି ଅସୁସ୍ଥତାର ଶିକାର ହେଉଛନ୍ତି। ଏହା ସେମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ାଉଛି।

ଏସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ୨୦୨୪ରେ ବିଶ୍ୱରେ ୧୦୦ କୋଟିରୁ ଅଧିକ ଲୋକ ମାନସିକ ଅବସାଦର ଶିକାର ହୋଇଛନ୍ତି। ଏହା ସବୁ ବର୍ଗ ଓ ବୟସର ଲୋକଙ୍କୁ ପ୍ରଭାବିତ କରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଯୁବକଯୁବତୀ। ୫୮୧ ନିୟୁତ ମହିଳା ଏହାର ଶିକାର ହୋଇଥିବା ବେଳେ ୫୧୪ ନିୟୁତ ପୁରୁଷ ପ୍ରଭାବିତ ହୋଇଛନ୍ତି। ଚିନ୍ତା ଓ ଅବସାଦ ପାଇଁ ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ଖରାପ ହେଉଛି। ଏହାଦ୍ୱାରା ଯୁବପିଢ଼ି ଆତ୍ମହତ୍ୟା ପ୍ରବଣ ହେଉଛି। ବିଶ୍ୱରେ ପ୍ରତି ୧୦୦ଟି ମୃତ୍ୟୁରେ ଗୋଟିଏ ଆତ୍ମହତ୍ୟା କାରଣରୁ ହେଉଥିବା ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ ୨୦୨୧ରେ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ବର୍ଷ ବିଶ୍ୱରେ ମାନସିକ ଅବସାଦ ଓ ଦୁଶ୍ଚିନ୍ତାର ଶିକାର ହୋଇ ୭୨ ଲକ୍ଷ ୭ ହଜାର ଲୋକ ଆତ୍ମହତ୍ୟା କରିଥିଲେ। ଏଥିରେ କୁହାଯାଇଛି ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ବେଳେ ଅନ୍ୟ ୨୦ ଜଣ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଆତ୍ମହତ୍ୟା ରିପୋର୍ଟରେ କୁହାଯାଇଛି ଯେ ଜଣେ ମହିଳା ଆତ୍ମହତ୍ୟା କରିଥିବା ବେଳେ ଦୁଇ ଜଣ ପୁରୁଷ ଆତ୍ମହତ୍ୟା କରିଛନ୍ତି। ୧୫ରୁ ୨୯ ବର୍ଷ ବୟସର ଯେତେ ଯୁବକଯୁବତୀଙ୍କ ମୃତ୍ୟୁ ଘଟୁଛି ।।ସେଥିମଧ୍ୟରୁ ଏକ ତୃତୀୟାଂଶ ହେଉଛି ଆତ୍ମହତ୍ୟା କାରଣରୁ।

ମାନସିକ ଅବସାଦ ଓ ଦୁଶ୍ଚିନ୍ତା ସଂପର୍କରେ ଅନେକ କାରଣ ଦର୍ଶାଯାଇଛି। ଏଥିମଧ୍ୟରେ ରହିଛି ବିବାହ ସମସ୍ୟା, ଛାଡ଼ପତ୍ର, ଚାକିରି ଚାପ, ଆତ୍ମୀୟଙ୍କ ମୃତ୍ୟୁ, କାମ ଓ ପାଠ ଚାପ, ବେକାରୀ ସମସ୍ୟା, ଆର୍ଥିକ ଦୁସ୍ଥିତି, ବ୍ୟକ୍ତିଗତ ▶ପୃଷ୍ଠା-୭



**ମାନସିକ ଅବସାଦରେ ବିଶ୍ୱର ୧୦୦ କୋଟି**

### ହାଜତମୃତ୍ୟୁ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

# ଥାନାରେ କାମ କରୁନି ସିସିଟିଭି

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ହାଜତମୃତ୍ୟୁକୁ ନେଇ ପୁଣି ଉଦ୍‌ବେଗ ଜଣାଇଛନ୍ତି ସୁପ୍ରିମକୋର୍ଟ। ବାରମ୍ବାର ନିର୍ଦ୍ଦେଶ ଓ ତାଗିଦ ସତ୍ତ୍ୱେ ଥାନାରେ କାହିଁକି ସିସିଟିଭି କ୍ୟାମେରା କାମ କରୁନି ବୋଲି ପ୍ରଶ୍ନ କରିଛନ୍ତି। ରାଜସ୍ଥାନରେ ଗତ ୭-୮ ମାସ ମଧ୍ୟରେ ୧୧ ଜଣଙ୍କର ହାଜତମୃତ୍ୟୁକୁ ନେଇ ଉଦବେଗ ପ୍ରକାଶ କରିବା ସହିତ ସର୍ବୋଚ୍ଚ ଅଦାଲତ ନିଜ ଆଡୁ ମାମଲା ଦାୟର କରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ବେଞ୍ଚ ମାମଲାର ଶୁଣାଣି କରିବେ।

ସୂଚନାଯୋଗ୍ୟ ଯେ ରାଜସ୍ଥାନରେ ବୃଦ୍ଧି ପାଉଥିବା ହାଜତମୃତ୍ୟୁକୁ ନେଇ ଏକ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ରାଜ୍ୟରେ ଗତ ସାତ ଆଠ ମାସ ମଧ୍ୟରେ ୧୧ ଜଣ ହାଜତମୃତ୍ୟୁରେ ପ୍ରାଣ ହରାଇଲେଣି। ସୁପ୍ରିମକୋର୍ଟ ଏହି ଖବରକୁ ଗୁରୁତ୍ୱ ଦେଇ ମାମଲାର ଶୁଣାଣି କରିବେ ବୋଲି ଜଣାଇଛନ୍ତି। ଏଭଳି ଘଟଣାକୁ ନେଇ ଚିନ୍ତା ପ୍ରକଟ କରିବା ସହିତ ଥାନା ଭିତରେ ସିସିଟିଭି କ୍ୟାମେରା କାମ କରୁନଥିବାରୁ ପ୍ରଶ୍ନ ଉଠାଇଛନ୍ତି। ବିଭିନ୍ନ ଗଣମାଧ୍ୟମ ସୂତ୍ରରୁ ପ୍ରକାଶ ଯେ କେତେକ ଥାନାରେ ସିସିଟିଭି ନଥିବା ବେଳେ ଅନେକ ▶ପୃଷ୍ଠା-୭





## ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସବୁ ଥାନାରେ ନାହିଁ ସିସିଟିଭି

■ **ଭୁବନେଶ୍ୱର, ୪।୯ (ସମିସ):** ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗତ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ହୋଇପାରି ନାହିଁ। ରାଜଧାନୀ ଭୁବନେଶ୍ୱରରେ ଥିବା ଭରତପୁର ଆଦର୍ଶ ଥାନାରେ ନିଜ ପୁରୁଷ ବନ୍ଧୁ (ସେନା ଅଧିକାରୀ)ଙ୍କ ସହ ଯାଇଥିବା ଜଣେ ମହିଳାଙ୍କୁ ଥାନା ଭିତରେ ପୁଲିସର ଅସଦ୍‌ବ୍ୟବହାରକୁ ନେଇ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟର ଥାନା ଓ ଫାଣ୍ଡିଗୁଡ଼ିକରେ ସିସିଟିଭି ବ୍ୟବସ୍ଥାର ସ୍ଥିତି ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଦୟାଲ୍ ଗଙ୍ଗୱାର୍ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ଶ୍ରୀ ଗଙ୍ଗୱାର୍ ଥାନାଗୁଡ଼ିକରେ ସିସିଟିଭିର ସ୍ଥିତି ସମ୍ପର୍କରେ ଦର୍ଶାଇଥିଲେ ଯେ ରାଜ୍ୟରେ ଥିବା ୫୯୩ ଥାନା ମଧ୍ୟରୁ ୪୫୬ଟି ଥାନାରେ ସିସିଟିଭି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇନାହିଁ। ଥାନାରେ ଏପରି ବ୍ୟବସ୍ଥାକୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଏହା ପୁଲିସ ପ୍ରଶାସନର ଏକ ଚରମ ବିଫଳତା ବୋଲି ଉଲ୍ଲେଖ କରିଥିଲେ। ଥାନାରେ ସିସିଟିଭି ବ୍ୟବସ୍ଥା ହୋଇଥିବା ଏବଂ ୨୦୨୫ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମସ୍ତ ଥାନା ଏବଂ ଫାଣ୍ଡିରେ ସିସିଟିଭି କ୍ୟାମେରା ଲଗାଇବା ▶ପୃଷ୍ଠା-୭

## ଅକ୍ଟୋବର ପ୍ରଥମ ସପ୍ତାହରେ ବିହାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା

ପାଟନା, ୪।୯ (ଏଜେନ୍ସି): ନିର୍ବାଚନ କମିସନ ଆସନ୍ତାମାସରେ ବିହାର ବିଧାନସଭା ନିର୍ବାଚନ ନେଇ ଘୋଷଣା କରିପାରନ୍ତି। ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ନିର୍ବାଚନ ନେଇ ବିଜ୍ଞପ୍ତି ଘୋଷଣା ହେବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ଦୁଇଟି କିମ୍ବା ୩ଟି ପର୍ଯ୍ୟାୟରେ ନିର୍ବାଚନ ଆୟୋଜନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଦୁର୍ଗାପୂଜା, ଦଶହରା, ଦୀପାବଳି ଓ ଛଟ୍ ପୂଜା ଭଳି ପର୍ବ ପରେ ନିର୍ବାଚନ ହେବ ବୋଲି ଅନୁମାନ କରାଯାଉଛି। ଆଗାମୀ ନଭେମ୍ବର ୨୨ରେ ବିହାର ବିଧାନସଭାର କାର୍ଯ୍ୟକାଳ ଶେଷ ହେବ। ତେଣୁ ଏହାପୂର୍ବରୁ କମିସନ ନିର୍ବାଚନ ପ୍ରକ୍ରିୟା ନେଇ ସବୁ ପ୍ରକାର ଔପଚାରିକତା ଶେଷ କରିବ। ଗତ ୨୦୨୦ରେ ଅନୁଷ୍ଠିତ ନିର୍ବାଚନ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଏହିକ୍ରମରେ ନଭେମ୍ବର ୫ ଓ ୧୫ରେ ମତଦାନ ଓ ୨୦ରେ ଭୋଟ ଗଣନା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଭୋଟର ତାଲିକା ନେଇ ବିବାଦ ଚାଲିଥିବା ବେଳେ ସେପ୍ଟେମ୍ବର ୩୦ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ଗତଥର ଭଳି ନିର୍ବାଚନରେ ଏଥର ମଧ୍ୟ ଏନ୍‌ଡିଏ ଓ ଇଣ୍ଡିଆ ମେଣ୍ଟ ମଧ୍ୟରେ ସିଧାସଳଖ ମୁକାବିଲା ହେବ।

## ବ୍ରିଟେନରେ କାର୍ ଦୁର୍ଘଟଣା; ୨ ଭାରତୀୟ ଛାତ୍ର ମୃତ

ଲଣ୍ଡନ, ୪।୯ (ଏଜେନ୍ସି): ବ୍ରିଟେନରେ ଏକ କାର୍ ଦୁର୍ଘଟଣାରେ ତେଲଙ୍ଗାନାର ଦୁଇଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଦକ୍ଷିଣପୂର୍ବ ଇଂଲଣ୍ଡର ଏସେକ୍ସର ମେଜର ରାଉଣ୍ଡଆବାଉଟ୍‌ରେ ଏହି ଦୁର୍ଘଟଣା ହୋଇଥିଲା। ୨୩ ବର୍ଷୀୟ ଚୈତନ୍ୟ ତାରେ ନାମକ ବ୍ୟକ୍ତି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୨୧ ବର୍ଷୀୟ ଋଷି ତେଜା ରାପୋଲୁ ହସ୍ପିଟାଲ୍‌ରେ ପ୍ରାଣ ହରାଇଥିଲେ। କାର ଚଳାଉଥିବା ଦୁଇଜଣ ଲୋକଙ୍କୁ ଏସେକ୍ସ ପୁଲିସ ଗିରଫ କରିଛି। ଏହି ଦୁଇଜଣ ଇଷ୍ଟ ଲଣ୍ଡନର। ବିପଜ୍ଜନକ ଗାଡି ଚଳାନା ଯୋଗୁଁ ଏହି ଦୁଇଜଣଙ୍କୁ ଗିରଫ କରାଯିବାର କିଛି ସମୟରେ ପରେ ଜାମିନ ମିଳିଥିଲା। ଦୁର୍ଘଟଣା ନେଇ ତଦନ୍ତ ଜାରି ରହିଛି ବୋଲି ପୁଲିସ କହିଛି।

## ବିଜୟୱାଡା-ବେଙ୍ଗାଲୁରୁ ବିମାନରେ ପକ୍ଷୀ ମାଡ଼

ବେଙ୍ଗାଲୁରୁ, ୪।୯ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଜୟୱାଡା ବିମାନବନ୍ଦରରୁ ଗୁରୁବାର ବେଙ୍ଗାଲୁରୁ ଯିବାକୁ ଥିବା ଏକ ଏୟାର ଇଣ୍ଡିଆ ବିମାନରେ ପକ୍ଷୀ ମାଡ଼ ହୋଇଛି। ଏୟାର ଇଣ୍ଡିଆର ଆଇଏକ୍ସ୨୦୧୧ ବିମାନ ଟେକ୍‌ଅଫ୍ କରିବା ପୂର୍ବରୁ ହିଁ ଏକ ଚିଲ ପକ୍ଷୀ ମାଡ ହୋଇଥିଲା। ଏହା ଦ୍ୱାର ବିମାନର ନୋଜ୍ ଅର୍ଥାତ ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ପାଇଲଟ ବିମାନର ଇଞ୍ଜିନ୍ ଚାଲୁ କରିବା ମାତ୍ରେ ହିଁ ଏହି ଘଟଣା ଘଟିଥିଲା। ବିମାନର ଟେକ୍ ଅଫ୍ ସମୟ ୮.୧୫ରେ ଥିଲା ଓ ଏହା ୯.୪୦ରେ ବେଙ୍ଗାଲୁରୁରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା। ଏହି ବିମାନରେ ୧୬୦ରୁ ୧୬୫ ଯାତ୍ରୀ ଥିଲେ। ସମସ୍ତେ ସୁରକ୍ଷିତ ଅଛନ୍ତି। ଏହି ଯାତ୍ରୀମାନଙ୍କୁ ବେଙ୍ଗାଲୁରୁ ନେବା ପାଇଁ ଏକ ଦ୍ୱିତୀୟ ବିମାନର ବ୍ୟବସ୍ଥା କରାଯାଇଛି ବୋଲି ଏୟାର ଇଣ୍ଡିଆ ଏକ୍ସପ୍ରେସ ତରଫରୁ କୁହାଯାଇଛି। ଗତ ୩ ଦିନ ମଧ୍ୟରେ ଦ୍ୱିତୀୟଥର ପାଇଁ ପକ୍ଷୀ ମାଡ଼ ହେବାରୁ ଉଡାଣକୁ ବାତିଲ କରାଯାଇଛି। ଏହାପୂର୍ବରୁ ନାଗପୁରରୁ କୋଲକାତା ଯାଉଥିବା ଇଣ୍ଡିଗୋ ୬ଇ୮୧୨ ବିମାନରେ ମଙ୍ଗଳବାର ପକ୍ଷୀ ମାଡ ହୋଇଥିଲା। ଫଳରେ ବିମାନକୁ ନାଗପୁରରେ ଜରୁରୀ ଅବତରଣ କରାଯାଇଥିଲା।

## ବିଚ୍ ବଜାରରେ ପତ୍ନୀଙ୍କୁ ଗୁଳିକରି ହତ୍ୟାକଲା ସ୍ୱାମୀ

ଗୋରଖପୁର, ୪।୯ (ଏଜେନ୍ସି): ଉତ୍ତରପ୍ରଦେଶର ଗୋରଖପୁର ଜିଲ୍ଲାର ଶାହାପୁର ଅଞ୍ଚଳରେ ଗୁରୁବାର ଏକ ଜନଗହଳିପୂର୍ଣ୍ଣ ବଜାରରେ ଏକ ଅଭାବନୀୟ ଘଟଣା ଘଟିଛି। ବିଶ୍ୱକର୍ମା ଚୌହାନ ନାମକ ଜଣେ ସ୍ୱାମୀ ତାଙ୍କ ପତ୍ନୀ ମମତା ଚୌହାନଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଛାଡପତ୍ର ମାମଲା ନେଇ ଚାଲିଥିବା ପ୍ରକ୍ରିୟାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ବିଶ୍ୱକର୍ମା ଏହି କାଣ୍ଡ ଘଟାଇଥିଲେ। ଘଟଣା ପରେ ହିଁ ତାଙ୍କୁ ପୁଲିସ ଗିରଫ କରିଛି। ମମତାଙ୍କୁ ହତ୍ୟା କରିବା ନେଇ ତାଙ୍କର କୌଣସି ଅନୁଶୋଚନା ନାହିଁ ବୋଲି ସେ ପୁଲିସକୁ କହିଛନ୍ତି। ସେ ମୋର ପଇସା ଖାଇ ଯାଉଥିଲା ବିଶ୍ୱକର୍ମା କହିଛନ୍ତି। ୩୫ ବର୍ଷୀୟା ମମତା ଏକ ଘରୋଇ ଫାର୍ମରେ ଚାକିରି କରୁଥିଲେ। ସେ ନିଜର ୧୩ ବର୍ଷର ଝିଅ ସହ ଅଲଗା ରହୁଥିଲେ। କିନ୍ତୁ ଭରଣ ପୋଷଣ ପାଇଁ ସେ ସ୍ୱାମୀଙ୍କଠାରୁ ଅର୍ଥ ଓ ଚାଷଜମି ଦାବି କରୁଥିଲେ। ସନ୍ଧ୍ୟା ୭.୩୦ରେ ଏକ ଫଟୋ ଷ୍ଟୁଡିଓ ନିକଟରେ ଦୁହିଁଙ୍କ ମଧ୍ୟ ଜୋରସୋରରେ ପାଟି ଓ ଯୁକ୍ତିତର୍କ ହୋଇଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଉତ୍କ୍ଷିପ୍ତ ହୋଇ ବିଶ୍ୱକର୍ମା ପିସ୍ତଲ ବାହାର କରି ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ମମତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭିବାନୀ କୋର୍ଟ ପରିସରରେ ୪ ରାଉଣ୍ଡ ଗୁଳିମାଡ଼

ଭିବାନୀ, ୪।୯ (ଏଜେନ୍ସି): ହରିୟାଣାର ଭିବାନୀ କୋର୍ଟରେ ଗୁରୁବାର ଦ୍ୱିପହରରେ ଫାୟାରିଂ ହୋଇଛି। ହଠାତ ଦୁଇଜଣ ଯୁବକ ଆସି ୩ଜଣଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ଜଣେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଯାଇଥିବା ବେଳେ ଅନ୍ୟ ଦୁଇଜଣ କୌଣସି ପ୍ରକାର ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ଏହାପରେ ଦୁଇ ଆକ୍ରମଣକାରୀ ସେଠାରୁ ପଳାଇଯାଇଥିଲେ। ସୂଚନା ପାଇବା ମାତ୍ରେ ହିଁ ଏସ୍‌ପି ସୁମିତ କୁମାର ପୁଲିସ କର୍ମୀଙ୍କ ସହ ସେଠାରେ ପହଞ୍ଚିଥିଲେ। ତେବେ ଏହା ପୂର୍ବରୁ ସେଠାରେ ଉପସ୍ଥିତ ଲୋକ ଆହତ ବ୍ୟକ୍ତିଙ୍କୁ ଉଠାଇ ଅଟୋରେ ସିଭିଲ ହସ୍ପିଟାଲରେ ପହଞ୍ଚାଇଥିଲେ। ଦୁଇ ଅଭିଯୁକ୍ତ ୪ ରାଉଣ୍ଡ ଗୁଳି ଚଳାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏହା ଦେଖି ସେଠାରେ ଉପସ୍ଥିତ ଲୋକେ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ। ପୁଲିସ ଏହି ଘଟଣାର ଯାଞ୍ଚ ଆରମ୍ଭ କରିଛି ଓ ଅଭିଯୁକ୍ତଙ୍କୁ ଗିରଫ୍ କରିବା ପାଇଁ କେତୋଟି ଦଳ ଗଠନ କରିଛି।

## ଭାରତ, ଚୀନ୍‌କୁ ଧମକ ଦେବା ବନ୍ଦ କରୁ ଆମେରିକା: ପୁତିନ୍



ବେଜିଂ, ୪।୯ (ଏଜେନ୍ସି): ଭାରତ ଓ ଚୀନ୍‌କୁ ଟାରିଫ୍ ମାଧ୍ୟମରେ ଆମେରିକା ଧମକ ଦେବା ବନ୍ଦ କରୁ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ କହିଛନ୍ତି। ଏହି ଦୁଇ ଦେଶ ଏବେ ଆମେରିକା ଧମକକୁ ନେଇ ଆଦୌ ଭୟଭିତ ହେଉନାହାନ୍ତି। ବୁଧବାର ଚୀନ୍‌ର ବିଜୟ ଦିବସ ପରେଡ୍‌ରେ ଯୋଗ ଦେବା ପରେ ପୁତିନ ଗଣମାଧ୍ୟମ ସହ କଥା ହେବା ବେଳେ ଏହି କଥା କହିଛନ୍ତି। ଭାରତ ଓ ଚୀନ୍ ସହ ଟ୍ରମ୍ପ ଏଭଳି ଢ଼ଙ୍ଗରେ କଥା ହେବା ଉଚିତ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାରତ ଓ ଚୀନ ଏସିଆର ଦୁଇଟି ଶକ୍ତିଶାଳୀ ଦେଶ। ଆମେରିକା ଅର୍ଥନୈତିକ ଚାପ ପକାଇ ଏହି ଦୁଇ ମହାଶକ୍ତିଙ୍କୁ ଭୟଭିତ କରାଇବାକୁ ପ୍ରୟାସ କରୁଛି ଓ ଦୁଇ ଦେଶର ନେତୃତ୍ୱକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି। ଭାରତ ଓ ଚୀନ୍‌ର ଇତିହାସରେ ଆକ୍ରମଣର ଉଦାହରଣ ଯଥେଷ୍ଟ ରହିଛି। ତେଣୁ ଏହି ଦୁଇ ଦେଶର କୌଣସି ନେତା ଯଦି ନିଜର ଦୁର୍ବଳତା ଦେଖାନ୍ତି, ତେବେ ସେମାନଙ୍କର ରାଜନୈତିକ କ୍ୟାରିୟର ଶେଷ ହୋଇଯିବ। ତେଣୁ ଟ୍ରମ୍ପ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତୁ ବୋଲି ପୁତିନ ପରାମର୍ଶ ଦେଇଛନ୍ତି। ରୁଷଠାରୁ ଭାରତ ତୈଳ କ୍ରୟ କରୁଛି। ତେଣୁ ରୁଷ ୟୁକ୍ରେନ ବିପକ୍ଷରେ ଯୁଦ୍ଧ କରିବାକୁ ବଳ ପାଉଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି। ଟାରିଫ ଲାଗୁ କରି ଟ୍ରମ୍ପ ଯୁଦ୍ଧ ବନ୍ଦ କରିବାକୁ ପ୍ରୟାସ କରୁଛନ୍ତି। ଟ୍ରମ୍ପଙ୍କ ଏହି ନୀତି ତାଙ୍କ ରଢ଼ିବାଦୀ ମାନସିକତାକୁ ସୂଚାଉଛି ବୋଲି ସେ କହିଛନ୍ତି। ଔପନିବେଶିକ ଯୁଗ ଶେଷ ହୋଇଛି। ତେଣୁ ନିଜର ସାଥି ଦେଶଗୁଡିକ ସହ ଆମେରିକା ଏଭଳି କଥା ହେବା ଉଚିତ ନୁହଁ। ତେବେ ନିକଟ ଭବିଷ୍ୟତରେ ସୃଷ୍ଟି ହୋଇଥିବା ଏହି ଅଚଳାବସ୍ଥା କମ୍ ହେବ ଓ ସ୍ଥିତି ସାମାନ୍ୟ ହେବ ବୋଲି ପୁତିନ ଆଶା ପ୍ରକାଶ କରି କହିଛନ୍ତି।

## ମଣିପୁରରେ ଜାତୀୟ ରାଜପଥ-୨ ଖୋଲିବାକୁ କୁକି ରାଜି

ଏମ୍ଫାଲ, ୪।୯ (ଏଜେନ୍ସି): ଗତ ଦୁଇବର୍ଷ ହେବ ମଣିପୁରରେ ହିଂସା ଜାରି ରହିଥିବା ବେଳେ ଏବେ ଏହି ଉତ୍ତରପୂର୍ବ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ରାସ୍ତା ଖୋଲିଛି। ଜାତୀୟ ରାଜପଥ-୨ ଖୋଲିବାକୁ କୁକି-ଜୋ ପରିଷଦ ରାଜି ହୋଇଛି। ଫଳରେ ପୁଣିଥରେ ମଣିପୁର ଉତ୍ତରପୂର୍ବର ଅନ୍ୟ ରାଜ୍ୟମାନଙ୍କ ସହ ଯୋଡି ହେବ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର, ମଣିପୁର ସରକାର ଓ କୁକି-ଜୋ ପରିଷଦ ଏକ ନୂଆ ଚୁକ୍ତିରେ ହସ୍ତାକ୍ଷର କରିଛନ୍ତି। ଏହି ଚୁକ୍ତି ଆଗାମୀ ଗୋଟିଏ ବର୍ଷ ପାଇଁ ଲାଗୁ ହେବ ବୋଲି କୁହାଯାଇଛି। ଏଥିସହ କେନ୍ଦ୍ର ସରକାର ଓ କୁକି ନ୍ୟାସନାଲ ଅର୍ଗାନାଇଜେସନ (କେଏନ୍‌ଓ) ମଧ୍ୟରେ ୭ଟି ଚୁକ୍ତି ନେଇ ସହମତି ପ୍ରକାଶ ପାଇଛି।

ଦେଶର ଅଖଣ୍ଡତା ବଜାୟ ରଖିବାକୁ ସବୁ ପକ୍ଷ ଜାତୀୟ ରାଜପଥ-୨ ଖୋଲିବାକୁ ସହମତି ପ୍ରକାଶ କରିଛନ୍ତି। ଗତ କିଛିଦିନ ମଧ୍ୟରେ ଦିଲ୍ଲୀରେ ଏ ନେଇ ଏକାଧିକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୩ରେ ମଣିପୁର ଓ ମିଜୋରାମ ଯାତ୍ରା କରିବେ ଓ ସେଠାରେ ନୂଆ ବୈରାବି-ସାଇରଙ୍ଗ ରେଳବାଇ ପ୍ରକଳ୍ପ ଉଦ୍‌ଘାଟନ କରିବେ। ତେଣୁ ମୋଦୀଙ୍କ ଯାତ୍ରା ପୂର୍ବରୁ ଜାତୀୟ ରାଜପଥ-୨ ଖୋଲାଯିବା ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଜାତୀୟ ରାଜପଥ-୨ ମଣିପୁର ସହ ନାଗାଲାଣ୍ଡ, ଆସାମ, ମିଜୋରାମ୍ ଅନ୍ୟ ରାଜ୍ୟଗୁଡିକ ଯୋଡିଥାଏ। ୨୦୨୩ରେ ମଣିପୁରରେ କୁକି ଓ ମେତେଇ ସମ୍ପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ହିଂସା କାରଣରୁ ବନ୍ଦ ରହିଥିଲା। ଏହି ରାଜପଥ ଖୋଲିବା ଫଳରେ ମଣିପୁରରେ ସ୍ଥିତି ସାମାନ୍ୟ ହେବ ବୋଲି ଆଶା କରାଯାଉଛି। ଏଠାରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହା ବାଟ ଖୋଲିବ। ଏହା ଦ୍ୱାରା ଅତ୍ୟାବଶକୀୟ ଜିନିଷ ମଣିପୁରରେ ପହଞ୍ଚିପାରିବ ଓ ରିଲିଫ ଶିବିରରେ ରହୁଥିବା ବିସ୍ଥାପିତ ପରିବାରଗୁଡିକର ସମସ୍ୟା କମ୍ ହେବ ବୋଲି କୁହାଯାଇଛି। ମଣିପୁରର ଲୋକସଂଖ୍ୟା ୩୮ ଲକ୍ଷ ହୋଇଥିବାବେଳେ ଏହି ରାଜ୍ୟରେ କୁକୁ, ନାଗା ଓ ମେତେଇ ସମ୍ପ୍ରଦାୟର ଲୋକ ରୁହନ୍ତି। ନାଗା ଓ କୁକି ଖ୍ରୀଷ୍ଟିଆନ ଧର୍ମକୁ ମାନୁଥିବା ବେଳେ ମେତେଇ ହିନ୍ଦୁ ଧର୍ମର।

# ଯମୁନା ପାଣିରେ ଭାସୁଛି ଦିଲ୍ଲୀ

### ଫ୍ଲାଏ ଓଭର ଧସିଲା, ରିଲିଫ୍ ଶିବିରରେ ପାଣି

### ପଞ୍ଜାବ, ହରିୟାଣାରେ ବନ୍ୟା; ୪୮ ମୃତ



ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଏଥର ମୌସୁମୀ ଜନିତ ବର୍ଷା ସାରା ଉତ୍ତର ପଶ୍ଚିମ ଭାରତରେ ଜନଜୀବନ ଅସ୍ତବ୍ୟସ୍ତ କରିଛି। କ୍ରମାଗତ ପ୍ରବଳ ବର୍ଷା କାରଣରୁ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ଦିଲ୍ଲୀ- ଏନ୍‌ସିଆର ସମେତ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଓ ଉତ୍ତରାଖଣ୍ଡରେ ଏବେ ମଧ୍ୟ ବର୍ଷା ଜାରି ରହିଛି। ଯମୁନା ନଦୀର ପାଣି ଦିଲ୍ଲୀ ସହର ଭିତରେ ପ୍ରବେଶ କରିଛି। ଦିଲ୍ଲୀର ବିଭିନ୍ନ ସଡକରେ ଯମୁନା ନଦୀର ପାଣି ଠିଆ ହୋଇଛି। ଗୁରୁବାର ସକାଳେ ମୋନାଷ୍ଟେରୀ ମାର୍କେଟ୍‌ରେ ଥିବା ସଡ଼କରେ ଯମୁନା ପାଣି ପଶିଛି। ମୟୁର ବିହାରର ଫେଜ୍-୧ ନିକଟରେ ବନ୍ୟା ପୀଡିତଙ୍କ ପାଇଁ ତିଆରି ହୋଇଥିବା ଅସ୍ଥାୟୀ ରିଲିଫ୍ ଶିବିରରେ ମଧ୍ୟ ପାଣି ପଶିଯାଇଛି। ଫଳରେ ସମସ୍ୟା ଆହୁରି ଗୁରୁତର ହୋଇଛି। ଅଲିପୁରରେ ଜାତୀୟ ରାଜପଥ-୪୪ରେ ଥିବା ଫ୍ଲାଏ ଓଭର ବ୍ରିଜ୍‌ର ଏକ ଅଂଶ ଧସିଯାଇଛି।

ସେହିପରି ପଞ୍ଜାବର ସବୁ ୨୩ଟି ଜିଲ୍ଲାରେ ବନ୍ୟା ଆସିଛି। ୧, ୬୫୫ ଗାଁର ୩.୫୫ ଲକ୍ଷରୁ ଅଧିକ ଲୋକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ରାଜ୍ୟର ସବୁ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡିକୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ବନ୍ୟା ଯୋଗୁଁ ପଞ୍ଜାବରେ ଏପର୍ଯ୍ୟନ୍ତ ୧, ୭୫, ୨୮୬ ହେକ୍ଟର ଜମିର ଫସଲ ପ୍ରଭାବିତ ହୋଇଛି। ଅଗଷ୍ଟ ୧ରୁ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଆସିଥିବା ଏହି ବନ୍ୟାରେ ୩୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ପଠାନକୋଟ୍‌ରେ ୩ ଜଣ ଲୋକ ନିଖୋଜ ଅଛନ୍ତି। ସେହିପରି ହରିୟାଣାର ଅଧିକାଂଶ ଅଞ୍ଚଳ ବନ୍ୟା ଯୋଗୁଁ ପାଣିରେ ବୁଡିଯାଇଛି। ରାଜ୍ୟରେ ଏପର୍ଯ୍ୟନ୍ତ ୧୧ ଜଣ ମୃତ୍ୟୁବରଣ କରିଛନ୍ତି। ହିସାର, ପଞ୍ଚକୁଲା, ଅମ୍ବାଲା ଓ ରୋହତକରେ ସବୁ ସ୍କୁଲକୁ ବନ୍ଦ କରିଦିଆଯାଇଛି। ଦିଲ୍ଲୀରୁ ପାଣି ଛାଡିବା ଫଳରେ ଫରିଦାବାଦ୍‌ରେ ଯମୁନା ବିପଦ ସଂକେତ ଉପରେ ବହୁଛି। ଅନ୍ୟପଟେ ହିମାଚଳ ପ୍ରଦେଶର କୁଲ୍ଲୁରେ ଗୁରୁବାର ସକାଳେ ଭୂସ୍ଖଳନ ଯୋଗୁଁ ଦୁଇଟି ଘର ଭୁଶୁଡି ପଡ଼ିଛି। ପ୍ରବଳ ବର୍ଷା କାରଣରୁ ଏହି ରାଜ୍ୟରେ ବିପର୍ଯ୍ୟୟ ଥମିବାର ନା ନେଉନାହିଁ। ଫଳରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ୬ ଜଣ ଲୋକ ଫସି ରହିଛନ୍ତି। କୁଲୁରେ ମଧ୍ୟ ଭୂସ୍ଖଳନ ହୋଇଛି। ଆବର୍ଜନା ତଳେ ଦବି ରହିଥିବା ଜଣେ ଏନ୍‌ଡିଆରଏଫ୍ ଯବାନଙ୍କୁ ୨୪ ଘଣ୍ଟା ପରେ ଉଦ୍ଧାର କରାଯାଇଥିଲା। ସେହିପରି ଉଜ୍ଜୟିନ୍‌ରେ ସିପ୍ରା ନଦୀର ଜଳସ୍ତର ବୃଦ୍ଧିପାଇବା ଯୋଗୁଁ ଘାଟ କୂଳରେ ଥିବା ମନ୍ଦିରଗୁଡିକରେ ଜଳମଗ୍ନ ହୋଇଛି। ସେହିପରି ରତଲାମର ରେଲୱେ ପ୍ଲାଟଫର୍ମର ବି ପାଣିରେ ବୁଡିଯାଇଛି। ଭୂସ୍ଖଳନ ଯୋଗୁଁ ଜମ୍ମୁ-କଶ୍ମୀରରେ ଜମ୍ମୁ- ଶ୍ରୀନଗର ରାଜପଥ ବନ୍ଦ ରହିଛି। ସେପଟେ ଗୁଜରାଟ୍‌ରେ ଚଳିତ ମୌସୁମୀରେ ପ୍ରଥମଥର ପାଇଁ ନର୍ମଦା ଡ୍ୟାମ୍‌ରେ ୧୫ଟି ଗେଟ୍‌କୁ ଖୋଲାଯାଇଛି। କାଶ୍ମୀରରେ ମଧ୍ୟ ବନ୍ୟା ଜାରି ରହିଛି ଓ କ୍ରମାଗତ ଦ୍ୱିତୀୟ ଦିନରେ ମଧ୍ୟ ସବୁ ସ୍କୁଲ- କଲେଜକୁ ବନ୍ଦ କରାଯାଇଛି। ଶ୍ରୀନଗରରେ ବନ୍ୟା ଆସିବା ନେଇ ସତର୍କତା ଜାରି କରାଯାଇଛି। ଫଳରେ ତଳିଆ ଅଞ୍ଚଳକୁ ଖାଲି କରିବାକୁ ନିଷ୍ପତ୍ତି ନିଆଯାଇଛି। ଛତିଶଗଡ଼ରେ ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ସେହିପରି ରାଜସ୍ଥାନରେ ୨୬ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି।

## ପୁଅକୁ ଫିଙ୍ଗି ୧୩ ମହଲାରୁ ଡେଇଁ ମା'ର ଆତ୍ମହତ୍ୟା





ସୁରତ, ୪।୯ (ଏଜେନ୍ସି): ଗୁଜରାଟର ସୁରତସ୍ଥିତ ଅଲଥାନା ଅଞ୍ଚଳର ମାର୍ତାଣ୍ଡ ହିଲ୍ସରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ମା' ୧୩ ମହଲା ଉପରୁ ନିଜ ୨ ବର୍ଷର ପୁଅକୁ ଫିଙ୍ଗିବାର ୧୨ ସେକେଣ୍ଡ ପରେ ନିଜେ ସେଠାରୁ ଡେଇଁ ଆତ୍ମହତ୍ୟା କରିଛି। ଏହାକୁ ନେଇ ଏହି ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ଉତ୍ସବମୁଖର ଥିବା ଏହି ସୋସାଇଟିରେ ଅଚାନକ ଦୁଃଖର ଛାୟା ଖେଳିଯାଇଛି। ସୋସାଇଟିରେ ସ୍ଥାପିତ ହୋଇଥିବା ଗଣେଶ ପେଣ୍ଡାଲର ୨୦ ଫୁଟ ଦୂରରେ ମା ଓ ପୁଅଙ୍କ ମୃତଦେହ ପଡ଼ିଥିଲା। ବୁଧବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ଏହାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ପୁଲିସ ଯାଞ୍ଚ କରୁଛି। ତେବେ ଏହି ଆତ୍ମହତ୍ୟାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ମହିଳାଙ୍କ ପରିବାର ତରଫରୁ ମଧ୍ୟ ଏ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ତାଙ୍କ ପରିବାର ଆର୍ଥିକ ଭାବେ ସ୍ୱଚ୍ଛଳ ଥିଲା। ମହିଳାଙ୍କ ମୋବାଇଲକୁ ଯାଞ୍ଚ କରିବାକୁ ପୁଲିସ୍ ଫରରେନସିକ ଲାବ୍‌କୁ ପଠାଇଛି। ମହିଳା ଜଣକ ହେଉଛନ୍ତି ପୂଜା ପଟେଲ। ବିଲେଶକୁମାର ପଟେଲ ହେଉଛନ୍ତି ତାଙ୍କ ସ୍ୱାମୀ। ବିଲେଶକୁମାର ଲୁମ୍ବ କାରଖାନ ଚଳାନ୍ତି। ହସଖୁସିରେ ମହିଳାଙ୍କ ପରିବାର ସୁଖି ଜୀବନ ବିତାଉଥିଲେ। କିନ୍ତୁ ଏହି ଘଟଣା ପରେ ବିଲେଶକୁମାର ଓ ତାଙ୍କ ପରିବାର ହତବାକ୍ ହୋଇଛନ୍ତି। ଦୁହିଁଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ୧୩ ମହଲାରୁ ଖସି ପଡ଼ିବା ନେଇ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ପୁଲିସ ସିସିଟିଭି ଫୁଟେଜକୁ ନେଇ ଯାଞ୍ଚ ଆରମ୍ଭ କରିଛି। ମୃତଦେହଗୁଡିକର ପୋଷ୍ଟମର୍ଟମ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଜ ପୁଅକୁ ନେଇ ପୂଜା ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ତେବେ ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିବା ପରେ ଘଟଣା ସମ୍ପର୍କରେ ସବୁକିଛି ସ୍ପଷ୍ଟ ହେବ ହେବ ବୋଲି ଆଶା କରାଯାଉଛି।

■ ତାମିଲନାଡୁ ରାଜନୀତିରେ ହଟଚମଟ

## ଏନ୍‌ଡିଏରୁ ଅଲଗା ହେଲେ ଦିନାକରନ

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏନ୍‌ଡିଏରୁ ଆଉ ଏକ ପାର୍ଟି ଅଲଗା ହୋଇଛି। ଏଏମ୍‌ଏମ୍‌କେ ନେତା ଟିଟିଭି ଦିନାକରନ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ସେ ବୁଧବାର ଏ ନେଇ ଘୋଷଣା କରିଛନ୍ତି। ଦ୍ୱିତୀୟ ଦଳ ଭାବେ ଏଏମ୍‌ଏମ୍‌କେ ଏନ୍‌ଡିଏରୁ ଅଲଗା ହୋଇଛନ୍ତି। ଏହାପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପନିରସେଲଭାମ ତାଙ୍କ ପାର୍ଟି ସହ ଏନ୍‌ଡିଏରୁ ବାହରି ଯାଇଥିଲେ। ଆସନ୍ତାବର୍ଷ ଅର୍ଥାତ ୨୦୨୬ରେ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବ। ତେଣୁ ଏନ୍‌ଡିଏକୁ ଜବରଦସ୍ତ ଝଟ୍‌କା ଲାଗିଛି। ୨୦୨୪ ଲୋକସଭା ନିର୍ବାଚନରେ ଦିନାକରନ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏନ୍‌ଡିଏକୁ ବିନା କୌଣସି ସର୍ତ୍ତରେ ସମର୍ଥନ କରିଥିଲେ। ତେବେ ଜାତୀୟ ସାଧାରଣ ନିର୍ବାଚନ ଓ ରାଜ୍ୟ ନିର୍ବାଚନରେ ବହୁତ ପାର୍ଥକ୍ୟ ରହିଥିବା କଥା ଦିନାକରଣ କହିଛନ୍ତି। ଲୋକସଭା ନିର୍ବାଚନଠାରୁ ୨୦୨୬ ବିଧାନସଭା ନିର୍ବାଚନରେ ଯଥେଷ୍ଟ ପାର୍ଥକ୍ୟ ରହିଛି। ଆଗାମୀ ଡିସେମ୍ବରରେ ନୂଆ ଦଳ ସହ ଆମେ ମେଣ୍ଟ କରିବୁ ବୋଲି ସେ କହିଛନ୍ତି। ପୁଣିଥରେ ଏନ୍‌ଡିଏ ଓ ଏଆଇଏଡିଏମ୍‌କେ ଏକାଠି ହେବାକୁ ଦିନାକରନ ନାପସନ୍ଦ କରିଛନ୍ତି। ଏଥିସହ ବିଧାନସଭା ନିର୍ବାଚନ ପୂର୍ବରୁ ତାମିଲନାଡୁ ରାଜନୀତି ରୋଚକ ମୋଡରେ ଉପନୀତ ହୋଇଛି।

## ଆଗ୍ନେୟଗିରିରେ ୧୦ ମାସରେ ୩୨ଥର ଅଗ୍ନି ଉଦ୍‌ଗୀରଣ

ହନଲୁଲୁ, ୪।୯ (ଏଜେନ୍ସି): ଆମେରିକାର ଦୀପ ରାଜ୍ୟ ହାୱାଇରେ କିଲାଉଏ ଆଗ୍ନେୟଗିରିରେ ଅଗ୍ନି ଉଦ୍‌ଗିରଣ ହୋଇଛି ଓ ଏହା ଏବେ ମଧ୍ୟ ଜାରି ରହିଛି। ଗତ ଡିସେମ୍ବରରୁ ଏପର୍ଯ୍ୟନ୍ତ ଅର୍ଥାତ ପାଖାପାଖି ୧୦ ମାସ ମଧ୍ୟରେ ଏହି ଆଗ୍ନୟଗିରିରେ ୩୨ଥର ପାଇଁ ଅଗ୍ନି ଉଦ୍‌ଗିରଣ ହୋଇଛି ବୋଲି ଆମେରିକା ଭୂବୈଜ୍ଞାନିକ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ତରଫରୁ କୁହାଯାଇଛି। ୧୦୦ ମିଟରରୁ ଊର୍ଦ୍ଧ୍ୱ ଉଚ୍ଚକୁ ଅଗ୍ନି ଉଦ୍‌ଗିରଣ ହୋଇଥିଲା। କିଲାଉଆଉକୁ ବିଶ୍ୱର ସବୁଠାର ସକ୍ରିୟଆଗ୍ନେୟଗିରି କୁହାଯାଇଥାଏ। ହାୱାଇ ରାଜଧାନୀଠାରୁ ଏହା ୨୦୦ ମାଇଲ ଦକ୍ଷିଣରେ ଅବସ୍ଥିତ। ପ୍ରତି ସେକେଣ୍ଡରେ ହାରାହାରି ୬, ୭୫୦ କ୍ୟୁବିକ୍ ଲାଭା ଉଦ୍‌ଗିରଣ ହେଉଛି ଓ ୫୫, ୦୦୦ ଟନ୍ ସଲଫର ଡାଇଅକ୍ସାଇଡ୍ ଭଳି ବିଶାକ୍ତ ଗ୍ୟାସ ସୃଷ୍ଟି ହେଉଛି ବୋଲି ୟୁଏସ୍‌ଜିଏସ୍ କହିଛି।

## ପଶ୍ଚିମବଙ୍ଗ ବିଧାନସଭାରେ ପ୍ରବଳ ହଙ୍ଗଗୋଳ

### ୫ ବିଜେପି ବିଧାୟକ ସସ୍‌ପେଣ୍ଡ

### ବିଜେପି ଚିଫ୍ ହ୍ୱିପ୍‌ଙ୍କୁ ଘୋଷାଡ଼ି ବାହାର କଲେ ମାର୍ଶାଲ୍



କୋଲକାତା, ୪।୯ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭାରେ ଗୁରୁବାର ଅଭାବନୀୟ ସ୍ଥିତି ସୃଷ୍ଟି ହେବା ସହ ଜୋରସୋରରେ ହଙ୍ଗଗୋଳ ଦେଖିବାକୁ ମିଳିଛି। ବଙ୍ଗଳା ପ୍ରବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ନେଇ ଚର୍ଚ୍ଚା ଚାଲୁଥିବା ବେଳେ ଜୋରରେ ହଙ୍ଗାମା ହୋଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରସ୍ତାବକୁ ନେଇ ଭାଷଣ ଦେଉଥିବା ବେଳେ ବିପକ୍ଷ ଦଳର ବିଧାୟକମାନେ ସ୍ଲୋଗାନ ଦେବା ସହ ପାଟିତୁଣ୍ଡ କରିଥିଲେ। ସେପ୍ଟେମ୍ବର ୨ରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଗୃହରୁ ନିଲମ୍ବନ କରିବା ନେଇ ବିଜେପି ବିଧାୟକମାନେ ବିରୋଧ କରିଥିଲେ। ତୃଣମୂଳ କଂଗ୍ରେସ ବିଧାୟକ ଏହାକୁ ରୋକିବାକୁ ପ୍ରୟାସ କରିଥିଲେ। ବିଶୃଙ୍ଖଳା ଅଧିକ ହେବାରୁ ବାଚସ୍ପତି ବିମାନ ବାନାର୍ଜୀ ବିଜେପି ଚିଫ୍ ହ୍ୱିପ୍ ଶଙ୍କର ଘୋଷଙ୍କୁ ବିଧାନସଭାରୁ ସସ୍‌ପେଣ୍ଡ କରିଥିଲେ। ଶଙ୍କର ବାହାରକୁ ଯିବାକୁ ମନା କରିବାରୁ ମାର୍ଶାଲଙ୍କୁ ଡକାଯାଇଥିଲା। ଶଙ୍କରଙ୍କୁ ଘୋଷାଡି ମାର୍ଶାଲ ଗୃହ ବାହାରକୁ ନେଇଥିଲେ। ଏତିକି ବେଳେ ଶଙ୍କର ବେହୋସ ହୋଇଯାଇଥିଲେ। ତାଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଇଥିଲା। ଶଙ୍କରଙ୍କୁ ବାଦ୍ ଦେଲେ ବିଜେପିର ଅନ୍ୟ ୪ଜଣ ବିଧାୟକ ଅଗ୍ନିମିତ୍ର ପାଲ, ମିହିର ଗୋସ୍ୱାମୀ, ବଙ୍କିମ ଘୋଷ ଓ ଅଶୋକ ଡିଣ୍ଡାଙ୍କୁ ମଧ୍ୟ ଗୃହରୁ ନିଲମ୍ବିତ କରାଯାଇଥିଲା। ଭାଷଣ ଦେବା ଅବସରରେ ମମତା 'ମୋଦୀ ଭୋଟ ଚୋର' ସ୍ଲୋଗାନ ଦେଇଥିଲେ। ସେ ବିଜେପି ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ବଙ୍ଗଳା ବିରୋଧୀ ବୋଲି ଅବିହିତ କରିଥିଲେ। ବିଧାନସଭାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଗତ ପହିଲାରୁ ଆରମ୍ଭ ହୋଇଥିଲା। ୩ ତାରିଖ ଦିନ ଛୁଟି ଥିବାରୁ ଗୁରୁବାର ଅଧିବେଶନର ଅନ୍ତିମ ଦିବସ ଥିଲା। ଚଳିତ ସପ୍ତାହ ପ୍ରାରମ୍ଭରେ ଶୁଭେନ୍ଦୁ ଅଧିକାରୀଙ୍କୁ ଗୃହରୁ ନିଲମ୍ବନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମବଙ୍ଗରେ ଆସନ୍ତାବର୍ଷ ମାର୍ଚ୍ଚ-ଏପ୍ରିଲ୍‌ରେ ବିଧାନସଭା ନିର୍ବାଚନ ହେବ।

## ଭାରତରେ ଶିଶୁ ମୃତ୍ୟୁହାର ୧୯୭୧ ପରେ ୮୦ ପ୍ରତିଶତ ହ୍ରାସ ପାଇଛି

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଭାରତରେ ଶିଶୁ ମୃତ୍ୟୁ ହାର (ଆଇଏମ୍‌ଆର)ରେ ଆଖି ଦୃଶିଆ ହ୍ରାସ ହୋଇଛି। ଏବେ ଏହା ୨୫ ପ୍ରତିଶତରେ ପହଞ୍ଚିଛି। ୨୦୧୩ରେ ଏହା ୪୦ ପ୍ରତିଶତ ଥିଲା। ଅର୍ଥାତ ଗତ ୧୦ ବର୍ଷ ମଧ୍ୟରେ ଏଥିରେ ୩୭.୫ ପ୍ରତିଶତ ଅବନତି ହୋଇଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ) ୨୦୨୩ ବର୍ଷ ପାଇଁ ପ୍ରକାଶିତ ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ (ଏସ୍‌ଆରଏସ୍) ରିପୋର୍ଟରେ ଏ ନେଇ ଉଲ୍ଲେଖ କରିଛି। ଗୋଟିଏ ବର୍ଷରେ ପ୍ରତି ୧୦୦୦ ପିଲା ଜନ୍ମ ନେବା ପରେ କେତେ ସଂଖ୍ୟାରେ ମୃତ୍ୟୁବରଣ କରୁଛନ୍ତି ସେ ନେଇ ଆଇଏମ୍‌ଆର ବୈଧ ତଥା ନିର୍ଭରଯୋଗ୍ୟ ସୂଚନା ଦେଇଥାଏ। ଏହି ସଂଖ୍ୟାରେ ଯେତେ ଅବନତୀ ହେବ ଦେଶର ସ୍ୱାସ୍ଥ୍ୟାବସ୍ଥା ସେତେ ଉନ୍ନତ ବୋଲି ଧରିନେବାକୁ ହେବ।

ଏସ୍‌ଆରଏସ୍ ୨୦୨୩ ରିପୋର୍ଟ ଅନୁସାରେ ୧୯୭୧ ତୁଳନାରେ ଶିଶୁ ମୃତ୍ୟୁହାରରେ ୮୦ ପ୍ରତିଶତ ଅବନତି ହୋଇଛି। ୧୯୭୧ରେ ଏହା ୧୨୯ ଥିବା ବେଳେ ୨୦୨୩ରେ ଏହା ୩୭ରେ ପହଞ୍ଚିଛି। ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ଏହା ସର୍ବନିମ୍ନ ୩ ରହିଛି। ଏହିକ୍ରମରେ କେରଳ ଦ୍ୱିତୀୟ ସ୍ଥାନରେ ରହିଛି। କେରଳରେ ଶିଶୁ ମୃତ୍ୟୁହାର ୫ ରହିଛି। ଦେଶର ଗ୍ରାମାଞ୍ଚଳରେ ଆଇଏମ୍‌ଆର ୪୪ରୁ ୨୮କୁ ଓ ସହରାଞ୍ଚଳରେ ଏହା ୨୭ରୁ ୧୮କୁ କମିଛି। ଗତ ୧୦ ବର୍ଷ ମଧ୍ୟ ଆଇଏମ୍‌ଆରରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଯଥାକ୍ରମେ ୩୭ ଓ ୩୩ ପ୍ରତିଶତ ରହିଛି।

ଦେଶରେ ଜନ୍ମହାର ସମେତ ମୃତ୍ୟୁହାର ଉଭୟରେ ଯଥେଷ୍ଟ ଅବନତି ହୋଇଛି। ୧୯୭୧ରେ ଜନ୍ମହାର ୩୬.୯ରେ ଥିବା ବେଳେ ଏହା ୨୦୧୩ରେ ଏହା ୧୮.୪ରେ ପହଞ୍ଚିଛି। ଗତ ୧୦ ବର୍ଷରେ ଜନ୍ମହାର ୧୪ ପ୍ରତିଶତ କମିଛି। ୨୦୧୩ରେ ଏହା ୨୧.୪ ଥିବାବେଳେ ୨୦୨୩ରେ ଏହା ୧୮.୪ ରହିଛି। ବିହାରରେ ସର୍ବାଧିକ ଜନ୍ମହାର ୨୫.୮ ରହିଥିବା ବେଳେ ଆଣ୍ଡାମାନ ନିକୋବରରେ ଏହା ୧୦.୧ ରହିଛି। ସେହିପରି ଗତ ୫ ଦଶକରେ ମୃତ୍ୟୁ ହାରରେ ମଧ୍ୟ ଯଥେଷ୍ଟ ଅବନତୀ ହୋଇଛି। ୧୯୭୧ ମୃତ୍ୟୁହାର ୧୪.୯ ଥିବା ବେଳେ ୨୦୨୩ରେ ୬.୪ରେ ପହଞ୍ଚିଛି। ଚଣ୍ଡିଗଡ଼ରେ ମୃତ୍ୟୁହାର ସର୍ବନିମ୍ନ ୪ ଥିବା ବେଳେ ଛତିଶଗଡ଼ରେ ଏହା ସର୍ବାଧିକ ୮.୩ରେ ପହଞ୍ଚିଛି।

# ନବୀନଙ୍କୁ ଭେଟିଲେ ଦିଲ୍ଲୀପ ରାୟ



ଭୁବନେଶ୍ୱର, ୪।୯(ସମିସ): ଦୀର୍ଘ ୬ ବର୍ଷ ପରେ ନବୀନ ନିବାସରେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ । ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ଏହି ସୌଜନ୍ୟମୂଳକ ସାକ୍ଷାତ ଅବସରରେ ନବୀନଙ୍କ ସୁସ୍ୱାସ୍ଥ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି ଦିଲ୍ଲୀପ। ଉଭୟ ନେତାଙ୍କ ମଧ୍ୟରେ ଏହି ସମୟରେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିବା ସୂଚନା ମିଳିଛି ।

# କୋମାରେ ଅଭିଜିତ ମଜୁମଦାର

ଭୁବନେଶ୍ୱର,୪।୯ (ସମିସ): ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ, ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଛନ୍ତି । ଯକୃତ(ଲିଭର) ଜନିତ ରୋଗରେ ପୀଡ଼ିତ ହୋଇ ଅଭିଜିତ ଗତ ସପ୍ତାହରୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ଗୁରୁବାର ସକାଳେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ଏମ୍ସରେ ଭର୍ତ୍ତି ହେବା ପୂର୍ବରୁ ସେ କୋମାରେ ଥିବା ଭୁବନେଶ୍ୱର ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଏମ୍ସରେ ଭର୍ତ୍ତି ହେବା ପରେ ଅଭିଜିତଙ୍କ ବ୍ରେନ୍‌ରେ ସୋଡିୟମ କମିଥିବା ଏବଂ ନିଃଶ୍ୱାସ ନେବାରେ ସମସ୍ୟା ହେଉଥିବା କୁହାଯାଉଥିଲା। ଟ୍ରମାକେୟାରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଏବେ ସେଣ୍ଟ୍ରାଲ ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇ ଚିକିତ୍ସା କରାଯାଉଛି । ବର୍ତ୍ତମାନ ତାଙ୍କର ରକ୍ତଚାପ ଓ ସ୍ପନ୍ଦନ ସ୍ଥିର ଥିବା ଜେନେରାଲ ମେଡିସିନ୍ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ଶ୍ରୀକାନ୍ତ ବେହେରା ସୂଚନା ଦେଇଛନ୍ତି । ସେହିପରି ଅଭିଜିତ ମଜୁମଦାର୍‌ଙ୍କ ସାଥିରେ ଆସିଥିବା ଡାକ୍ତର ଅମ୍ରିତ ପାଟ୍ଟଯୋଶୀ କହିଛନ୍ତି ଯେ ଅଭିଜିତ ଗୁରୁତର ଥିବାରୁ ଭେଣ୍ଟିଲେଟର ସପୋର୍ଟରେ ଅଛନ୍ତି । ତାଙ୍କର ବ୍ରେନ୍ ଏବଂ ଲିଭର୍‌ରେ ସମସ୍ୟା ସାଙ୍ଗକୁ ଅଗ୍ନାଶୟ(ପାନ୍‌କ୍ରିଆଜ୍) ରେ ସମସ୍ୟା ଦେଖାଦେଇଛି । ତାଙ୍କ ନିକଟରେ ପରିବାର ସଦସ୍ୟ ଉପସ୍ଥିତ ଥିବାବେଳେ ଅଭିନେତା ବାବୁଶାନ, ଶ୍ରୀତମ୍ ଦାସଙ୍କ ସମେତ ବହୁ ସିନେ କଳାକାର ଓ ସଙ୍ଗୀତ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଏମ୍ସ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି । ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିବା ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

**ଆଶୁ ଆରୋଗ୍ୟ କାମନା କଲେ ନବୀନ**





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ବର୍ଷକ ମଧ୍ୟରେ ହୋଇନାହିଁ ଗୋଟିଏ ଡିସିମିଲ ଜମିର ସଂଶୋଧିତ ସ୍ୱତ୍ୱଲିପି

# ସତରେ ଫେରିବ ତ ମହାପ୍ରଭୁଙ୍କ ସମ୍ପତ୍ତି !

ଭୁବନେଶ୍ୱର, ୪।୯ (ସମିସ): ରାଜ୍ୟ ଓ ରାଜ୍ୟ ବାହାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତି ଫେରିବ। ମହାପ୍ରଭୁଙ୍କ ୫୮ ହଜାର ଏକର ଜମି ରହିଛି । ଏଥିରୁ ୩୭ ହଜାର ଏକର ଜମିର କାଗଜ ପ୍ରସ୍ତୁତ ହୋଇସାରିଛି। ବାକିଗୁଡ଼ିକର କାଗଜ ପ୍ରସ୍ତୁତ କରାଯାଉଛି। ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେଉଛନ୍ତି ଓ ଜମି ଫେରସ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମହାପ୍ରଭୁଙ୍କର ଯେଉଁଠି ଭୂସମ୍ପତ୍ତି ଅଛି ତାହାର ଠିକ୍ ଆକଳନ କିପରି ହୋଇପାରିବ ସେନେଇ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ରାଜ୍ୟ ଏବଂ ରାଜ୍ୟ ବାହାରେ ଯେଉଁଠି ମହାପ୍ରଭୁଙ୍କ ସମ୍ପତ୍ତି ଅଛି ସେସବୁ ମହାପ୍ରଭୁଙ୍କ କାମରେ କିପରି ବିନିଯୋଗ ହେବ ସେନେଇ ସରକାର ପଦକ୍ଷେପ ନେଉଛନ୍ତି ।

୨୦୨୩ ମସିହା ଅକ୍ଟୋବରରେ ତତ୍କାଳୀନ ବିଜେଡି ସରକାରରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଶ୍ରୀଜଗନ୍ନାଥଙ୍କ ଜମି ସମ୍ପର୍କିତ ଏକ ଉତ୍ତର ବିଧାନସଭାରେ ରଖିଥିଲେ। ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ମହାପ୍ରଭୁଙ୍କ ନାମରେ ରାଜ୍ୟର ୨୪ଟି ଜିଲ୍ଲାରେ ପ୍ରାୟ ୬୦ ହଜାର ୪୨୬ ଏକର ଜମି ରହିଛି। ତନ୍ମଧ୍ୟରୁ ୩୮ ହଜାର ୬୧ ଏକର ଜମିର ସଂଶୋଧିତ ସତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇଛି। ସେହିପରି ରାଜ୍ୟ ବାହାରେ ୬ଟି ରାଜ୍ୟରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ୩୯୫.୨୫୨ ଏକର ପରିମିତ ଜମି ଚିହ୍ନଟ କରାଯାଇଛି। ବେଆଇନ ଭାବେ

**ରାଜ୍ୟ ବାହାରେ ରହିଛି ୩୯୫ ଏକର ଶ୍ରୀଜଗନ୍ନାଥ ଜମି**



ଅବରୋଧ ହୋଇଥିବା ଶ୍ରୀଜୀଉଙ୍କ ଜମିକୁ ସରଜମିନ ତଦନ୍ତ କରାଯାଇଛି। ଓଡ଼ିଶାରେ ୭ଟି ଜିଲ୍ଲାରେ ପ୍ରାୟ ୧୬୯ ଏକର ଜମି ଉପରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଇଥିବା ଅବରୋଧକୁ ଉଚ୍ଛେଦ କରାଯିବା ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ଆଇନ-୧୯୫୫ର ଧାରା-୧୬(ଏ)(କ)ରେ ବର୍ଣ୍ଣିତ ଅନୁଯାୟୀ ମୋଟ ୯୭୪ଟି ବେଆଇନ ଅବରୋଧ ମୋକଦ୍ଦମା ସମ୍ପୃକ୍ତ ତହସିଲଦାରଙ୍କ ଇଜିଲାସରେ ଦାଏର କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସାରକା ସୂଚନା ଦେଇଥିଲେ। ଅନୁରୂପ ଭାବରେ ଶ୍ରୀ ଜଗନ୍ନାଥଙ୍କ ଜମି ସମ୍ପର୍କରେ ଗତ ମାର୍ଚ୍ଚ ମାସରେ ବିଧାନସଭାରେମ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ ପୂର୍ବତନ ଆଇନ ମନ୍ତ୍ରୀ ଜଗନ୍ନାଥଙ୍କ ଉତ୍ତରକୁ ଦୋହରାଇଥିଲେ। ଅତଏବ ୨୦୨୩ ଅକ୍ଟୋବରରୁ ୨୦୨୫ ମାର୍ଚ୍ଚ ମାସ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଗୋଟିଏ ହେଲେ ଏକର ଜମିର ସଂଶୋଧିତ ସତ୍ୱଲିପି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସିନାହିଁ ଓ ଅବରୋଧ ହୋଇଥିବା ଜମିର ସ୍ଥିତି ଅପରିବର୍ତ୍ତିତ ରହିଛି ।

ଅପରପକ୍ଷେ ଗତ ମେ ମାସରେ ଓଡ଼ିଶା ହାଇକୋର୍ଟ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ହାଇକୋର୍ଟ କହିଥିଲେ ଯେ ମହାପ୍ରଭୁଙ୍କ ସମ୍ପତ୍ତିର ଭୂକ୍ଷରଣ କେବଳ ଆଇନଗତ ବ୍ୟତିକ୍ରମ ନୁହେଁ, ଏହା ଆଧ୍ୟାତ୍ମିକ ଅପମାନ ଓ ସାଂସ୍କୃତିକ କ୍ଷତି । ତେଣୁ ଶ୍ରୀ ଜଗନ୍ନାଥଙ୍କ ନାମରେ ଥିବା ସମ୍ପତ୍ତି ସଂକ୍ରାନ୍ତୀୟ ତଥ୍ୟ ସଠିକ୍ ଭାବେ ରେକର୍ଡ କରିବାକୁ ରାଜସ୍ୱ ଓ ଭୂମି ରେକର୍ଡ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମହାପ୍ରଭୁଙ୍କ ସମ୍ପତ୍ତି ସୁରକ୍ଷିତ ରଖିବା ପାଇଁ ଉଭୟ ମନ୍ଦିର ପ୍ରଶାସନ ଏବଂ ଆଇନ ବିଭାଗ ଏକଠି କାମ କରିବାକୁ ପରାମର୍ଶ ଦେଇଥିଲେ ହାଇକୋର୍ଟ। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ସରକାର ଗୋଟିଏ ଡ଼ିସିମିଲ ଜମିର ସତ୍ୱଲିପି ସଂଶୋଧନ କରିବାରେ ବ୍ୟର୍ଥ ହୋଇଥିବାବେଳେ ୫୮ ହଜାର ଏକର ଜମି କିପରି ଫେରାଇ ଅଣାଯିବ ତାହାକୁ ନେଇ ପ୍ରଶ୍ନ ଉଠିଛି।

ଅପରପକ୍ଷେ ମନ୍ତ୍ରୀଙ୍କ ବୟାନକୁ ରାଜନୈତିକ ହଟଚମଟ ବୋଲି କହିଛନ୍ତି ବିଜେଡି ଓ କଂଗ୍ରେସ। ପୁରୀ ବିଜେଡି ବିଧାୟକ ସୁନୀଲ ମହାନ୍ତି କହିଛନ୍ତି ଶ୍ରୀ ଜଗନ୍ନାଥଙ୍କ ଜମି ଯଥାଶୀଘ୍ର ଫେରାଇ ଆଣିବାର ଆବଶ୍ୟକତା ରହିଛି। ବହୁ ଅସାଧୁ ଲୋକେ ଶ୍ରୀ ଜଗନ୍ନାଥଙ୍କ ଜମି ବେଆଇନ ଭାବରେ ବିକ୍ରି କରିଥିବା ବେଳେ ପୁରୀରେ ଉକ୍ତ ଜମିରେ ଏକ ବସ୍ତି ମଧ୍ୟ ତିଆରି ହୋଇଗଲାଣି। ତେଣୁ ସରକାର ପ୍ରଥମେ ଯେଉଁ ବିକ୍ରି ହେଉଛି ତାହାକୁ ରୋକନ୍ତୁ। ଏନେଇ ସରକାର ପଦକ୍ଷେପ ନେବା ପରିବର୍ତ୍ତେ କେବଳ ଅଯଥା ହଟଚମଟ ବୟାନ ଦେଉଛନ୍ତି ବୋଲି ସୁନୀଲ କହିଛନ୍ତି । ସେହିପରି ଜମିର ସଂଶୋଧିତ ସତ୍ୱଲିପି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସିନଥିବା ବେଳେ ଅବରୋଧ ଜମି ଚିହ୍ନଟ ଯଥା ପୂର୍ବଂ ତଥା ପରଂ ରହିଛି। ଏପରିସ୍ଥଳେ ଆଇନ ମନ୍ତ୍ରୀ କେବଳ ବାହାବା ନେବା ପାଇଁ ଆଜି ଭୂସମ୍ପତ୍ତି ସମ୍ପର୍କିତ ମନ୍ତବ୍ୟ ଦେଇଛନ୍ତି ବୋଲି ବିଶେଷଜ୍ଞ ମହଲ ମତ ପ୍ରକାଶ କରିଛନ୍ତି ।

# କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ସାମଗ୍ରୀ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ହେଉ: ବିଜେଡି

ଭୁବନେଶ୍ୱର,୪।୯(ସମିସ): ବୁଧବାର କେନ୍ଦ୍ର ସରକାର ପ୍ରଚଳିତ ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ ଆଣିଛନ୍ତି। ମାତ୍ର କ୍ରମାଗତ ଦାବି ସତ୍ତ୍ୱେ କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ଜିନିଷ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ହୋଇ ନ ଥିବାରୁ ବିଜୁ ଜନତା ଦଳ କ୍ଷୋଭ ପ୍ରକାଶ କରିଛି। ଏହାଛଡ଼ା ନୂତନ ଜିଏସ୍‌ଟି ସ୍ଲାବ୍ କାରଣରୁ ଓଡ଼ିଶା ସରକାରଙ୍କୁ ପ୍ରତି ମାସରେ ପ୍ରାୟ ୧୦୦୦ କୋଟି ଟଙ୍କାର ରାଜସ୍ୱ କ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ କେନ୍ଦ୍ର ସରକାର ଭରଣା କରିବା ଦରକାର ବୋଲି ବିଜେଡି ଦାବି କରିଛି।



- ଏବେବି କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ସାମଗ୍ରୀ ଉପରେ ୫ ପ୍ରତିଶତ ଜିଏସ୍‌ଟି ରହିଛି
- ନୂଆ ସ୍ଲାବ୍‌ରେ ୧୦୦୦ କୋଟିର ରାଜସ୍ୱ କ୍ଷତିକୁ କେନ୍ଦ୍ର ସରକାର ଭରଣା କରନ୍ତୁ

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ବିଧାୟକ ତଥା ଦଳର ବରିଷ୍ଠ ଉପସଭାପତି ନିରଞ୍ଜନ ପୂଜାରୀ ଜିଏସ୍‌ଟି ସ୍ଲାବ୍ ପରିବର୍ତ୍ତନ ଯୋଗୁଁ ଓଡ଼ିଶାରେ କ'ଣ ପ୍ରଭାବ ପଡ଼ିବ, ସେନେଇ ଆଲୋଚନା କରିଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ୨୦୧୮ ମସିହାରୁ କେନ୍ଦୁପତ୍ର ଉପରେ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ଼ ପାଇଁ ବିଜେଡି ଦାବି କରିଆସୁଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କେନ୍ଦୁପତ୍ର ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ପାଇଁ ଚିଠି ଲେଖିଥିଲେ। ଜିଏସ୍‌ଟିର ନୂତନ ସ୍ଲାବ୍ ଅନୁଯାୟୀ କେନ୍ଦୁପତ୍ର ଉପରେ ଜିଏସଟିକୁ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ଖସାଇ ଦିଆଯାଇଛି। କିନ୍ତୁ ଏହା କମିଥିଲେ ମଧ୍ୟ କେନ୍ଦୁପତ୍ର ତୋଳାଳୀଙ୍କୁ ବିଶେଷ ଫାଇଦା ମିଳିବ ନାହିଁ। କେନ୍ଦୁପତ୍ର ତୋଳାଳୀମାନେ କୌଣସି ସୁବିଧା ପାଇବେ ନାହିଁ।

ସେହିପରି ନିରଞ୍ଜନ ପୂଜାରୀ କହିଛନ୍ତି ଯେ କେନ୍ଦୁପତ୍ର ଭଳି ହ୍ୟାଣ୍ଡଲୁମ୍ କ୍ଷେତ୍ରରେ ମଧ୍ୟ ବୁଣାକାରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଏସ୍‌ଟି ଛାଡ଼ ପାଇଁ ବିଜେଡି ପକ୍ଷରୁ ଦାବି ହୋଇ ଆସୁଥିଲା। ଟେକ୍ସଟାଇଲ କ୍ଷେତ୍ରରେ ପାୱାରଲୁମ୍ ଓ ହ୍ୟାଣ୍ଡଲୁମ୍ ରହିଛି। ପାୱାରଲୁମ୍‌ରେ ଶିଳ୍ପପତିମାନେ ସମ୍ପୃକ୍ତ ଥିବାବେଳେ ହ୍ୟାଣ୍ଡଲୁମ୍‌ରେ ଗରିବ ବୁଣାକାରମାନେ ରହିଛନ୍ତି। ସେମାନେ ବିଭିନ୍ନ ସୂତାଶାଢ଼ୀ, ପାଟଶାଢ଼ୀ ଇତ୍ୟାଦି ତିଆରି କରିଥା'ନ୍ତି। ଏହି ଗରିବ ଶ୍ରେଣୀର ବୁଣାକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଏସ୍‌ସଟି ଛାଡ଼ ପାଇଁ ଦାବି ହୋଇ ଆସୁଥିଲା; କିନ୍ତୁ ସେମାନଙ୍କ ପାଇଁ ମଧ୍ୟ ୫ ପ୍ରତିଶତ ଜିଏସଟି ରହିଛି। ତେଣୁ ଉଭୟ କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ଟେକ୍ସଟାଇଲ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ପାଇଁ ବିଜେଡି ପୁଣିଥରେ ଦାବି କରିଛି।

# ସ୍ନେହାଙ୍ଗିନୀ ଛୁରିଆ ବିଜୁ ମହିଳା ଜନତା ଦଳ ସଭାପତି ନିଯୁକ୍ତ


## ମହିଳା ବ୍ୟାପାର କମିଟିରେ ୧୫ ବରିଷ୍ଠ ଓ ଯୁବନେତ୍ରୀ



ଭୁବନେଶ୍ୱର,୪।୯(ସମିସ): ବିଜେଡିର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପୁଣିଥରେ ହୋଇଛନ୍ତି ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ। ଏହାସହିତ ମହିଳା ବିଜେଡିକୁ ସଂଗଠିତ କରିବା ନିମନ୍ତେ ୧୫ ଜଣ ବରିଷ୍ଠ ଓ ଯୁବ ନେତ୍ରୀଙ୍କୁ କମିଟି (ମହିଳାବ୍ୟାପାର)ରେ ନବୀନ ସ୍ଥାନ ଦେଇଛନ୍ତି। ଦଳର ବରିଷ୍ଠ ନେତ୍ରୀ ସୁମିତ୍ରା ଜେନା, ରାଜଶ୍ରୀ ମଲ୍ଲିକ ଓ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନୁରୂପ ଭାବରେ ସୁଲୋଚନା ଦାସ, ସୁଲତା ଦେଓ, ବର୍ଷା ସିଂ ବରିହା, ଶର୍ମିଷ୍ଠା ସେଠୀ, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର, ମିନତୀ ବେହେରା, କସ୍ତୁରୀ ମହାପାତ୍ର, ପଦ୍ମିନୀ ଦିଆନ୍, ଦୀପାଳି ଦାସ, ରଞ୍ଜିତା ସାହୁ ଓ ଗୀତାଞ୍ଜଳି ବସ୍ତିଆଙ୍କ ସାଧାରଣ ସମ୍ପାଦିକା ଭାବେ ନବୀନ ନିଯୁକ୍ତି ଦେଇଛନ୍ତି ।

# ୩ ଜିଲ୍ଲା ପାଇଁ ବିଜେଡି ସଭାପତି ଓ କାର୍ଯ୍ୟକାରୀ ସଭାପତି ନିଯୁକ୍ତ

ଭୁବନେଶ୍ୱର,୪।୯(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ଢେଙ୍କାନାଳ, କୋରାପୁଟ ଓ ରାୟଗଡା ଜିଲ୍ଲା ପାଇଁ ସଭାପତି ଏବଂ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରିଛନ୍ତି। ବରିଷ୍ଠ ନେତା ଡ. ନୃସିଂହ ଚରଣ ସାହୁଙ୍କୁ ଢେଙ୍କାନାଳ ଜିଲ୍ଲା ସଭାପତି ଓ ସନ୍ଦୀପ ଷଡ଼ଙ୍ଗୀଙ୍କୁ କାର୍ଯ୍ୟକାରୀ ସଭାପତି ନିଯୁକ୍ତି ମିଳିଛି। କୋରାପୁଟ ଜିଲ୍ଲା ସଭାପତି ଭାବେ ଝିନ ହିକକା ଏବଂ ଦୁଇ କାର୍ଯ୍ୟକାରୀ ସଭାପତି ଭାବେ ଦୁର୍ଗା ମିଶ୍ର ଓ ପ୍ରସାଦ ବିଡିକାଙ୍କୁ ଦାୟିତ୍ୱ ମିଳିଛି। ସେହିପରି ରାୟଗଡା ଜିଲ୍ଲା ସଭାପତି ଭାବେ ଜଗନ୍ନାଥ ସାରକାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ଏବଂ କାର୍ଯ୍ୟକାରୀ ସଭାପତି ଭାବେ ଗୟାଧର ପୁଲାଓ ଓ ରଞ୍ଜିତ କୁମାର ପାଣିଗ୍ରାହୀ ପାଇଛନ୍ତି ।



# କୃଷିମନ୍ତ୍ରୀଙ୍କ ଜିଲ୍ଲାରେ କଷ୍ଟରେ କୃଷକ

**ବଲାଙ୍ଗିର, ୪।୯ (ସମିସ)**

ସାରା ରାଜ୍ୟରେ ସାରକୁ ନେଇ ଚିନ୍ତାରେ ରହିଛି ଚାଷୀ। ଚଳିତ ଖରିଫରେ ସାର କଳାବଜାର ଚରମସୀମାରେ ପହଞ୍ଚିଥିବା ବେଳେ ଏହାକୁ ନେଇ ରାଜ୍ୟ ସରକାରଙ୍କୁ ବିରୋଧୀ ଘେରିବା ଆରମ୍ଭ କରିଛନ୍ତି। ତେବେ କୃଷିମନ୍ତ୍ରୀଙ୍କ ଜିଲ୍ଲାରେ ଏବେ ଚାଷୀ ହରଡଘଣାରେ ରହିଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ବର୍ଷାଭାବ ଯୋଗୁଁ ଚାଷୀ ହତାଶ ହୋଇଥିବା ବେଳେ ଅନ୍ୟପଟେ ସାର କଳାବଜାର ଚାଷୀକୁ ଚିନ୍ତାରେ ପକାଇଛି। ଜିଲ୍ଲାରେ ଦୁଇ ଗୁଣା ଦରରେ ସାର ବିକ୍ରି ହେଉଥିବା ବେଳେ କୃଷିମନ୍ତ୍ରୀ ବିଭିନ୍ନ ସମୟରେ ବଡ ବୟାନ ଦେଉଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ନିଜ ଜିଲ୍ଲାରେ ଚାଲିଥିବା ଅନିୟମିତତା ଉପରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ବେଳେ ସାର ସମସ୍ୟାର ସମାଧାନ ଦିଗରେ ମଧ୍ୟ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି।

ଗତ କିଛି ଦିନ ତଳେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଏକ ସମୀକ୍ଷା ବୈଠକରେ ବଲାଙ୍ଗିର ଜିଲ୍ଲାରେ ସାରକୁ ନେଇ ଚାଲିଥିବା କାରସାଦି ଉପରେ ଅଭିଯୋଗ କରିଥିଲେ। ତାଙ୍କ କହିବା ଅନୁସାରେ ନିକଟସ୍ଥ ସୋନପୁର ଜିଲ୍ଲାରେ ପ୍ରାୟ ୪୦ରୁ ୫୦ ପ୍ରତିଶତ ସାର ପେକ୍ସ ଜରିଆରେ ଚାଷୀଙ୍କୁ ପ୍ରଦାନ କରାଯାଉଛି। ପେକ୍ସ ଜରିଆରେ ସାର

**ଏପଟେ ବର୍ଷାଭାବ ସେପଟେ ସାରକୁ ନେଇ ଚିନ୍ତାରେ ଚାଷୀ**

**ଚରମସୀମାରେ ସାର କଳାବଜାର**

**ସାର ଯୋଗାଣରେ ଘରୋଇ ବେପାରୀଙ୍କୁ କୃଷି ବିଭାଗର ଗୁରୁତ୍ୱ**

**କୃଷିମନ୍ତ୍ରୀଙ୍କୁ ବଲାଙ୍ଗିର ବିଧାୟକଙ୍କ ଟାର୍ଗେଟ**

ଆଣିଲେ ଚାଷୀ ଉଚିତ ଦରରେ କିଣିବେ; କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଥିବା ସେ ଅଭିଯୋଗ କରିଥିଲେ। ଜିଲ୍ଲାକୁ ଆସିଥିବା ସାରର ମାତ୍ର ୧୫ ପ୍ରତିଶତ ସାର ପେକ୍ସକୁ ଦିଆଯାଇଥିବା ବେଳେ ବାକି ସାର ସବୁ ଘରୋଇ ରିଟେଲର ଓ ହୋଲସେଲରଙ୍କୁ ବାଣ୍ଟି ଦିଆଯାଇଥିବା ଜଣାପଡ଼ିଛି। ଏହା ଫଳରେ ଚାଷୀ ଉଚିତ ଦରରେ ସାର ପାଇବା ବଦଳରେ ଅଧିକ ଦର ଦେଇ ଘରୋଇ ସାର ବେପାରୀଙ୍କ ପାଖରୁ କିଣୁଥିବା ଶ୍ରୀ ସିଂହଦେଓ ଅଭିଯୋଗ କରିଥିଲେ। ଏନେଇ ସେ ପରୋକ୍ଷରେ



କୃଷିମନ୍ତ୍ରୀଙ୍କୁ ଟାର୍ଗେଟ କରିବା ସହ ୫ ଦିନରେ ଏହାର ସମାଧାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ଅବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇରହିଛି। ଯଦି ଜିଲ୍ଲାରେ ସାର ସ୍ଥିତିର ବାସ୍ତବିକ ଚିତ୍ର ଯଦି ଦେଖାଯାଏ ତେବେ ଜିଲ୍ଲାର କୌଣସି ବି ପେକ୍ସରେ ଆଉ ସାର ନାହିଁ। ଯାହାକିଛି ଅଛି ସବୁ ଘରୋଇ ହୋଲସେଲର ଓ ରିଟେଲରଙ୍କ ପାଖରେ ରହିଥିବା କୃଷି ବିଭାଗ ପକ୍ଷରୁ ଜଣାପଡ଼ିଛି। ବିଭାଗୀୟ ସୂଚନା ଅନୁସାରେ ଜିଲ୍ଲାରେ ଚଳିତ ଖରିଫ ଚାଷ ପାଇଁ ୫୭ ହଜାର ୧୨୭ ମେଟ୍ରିକ ଟନ ସାର ଆସିଥିଲା। ଅଗଷ୍ଟ ୩୦ ତାରିଖ ସୁଦ୍ଧା ଜିଲ୍ଲାର ଘରୋଇ ହୋଲସେଲର ଓ ରିଟେଲରଙ୍କ ପାଖରେ ସମୁଦାୟ ୭ ହଜାର ୬୨ ମେଟ୍ରିକ ଟନ ସାର ମହଜୁଦ ରହିଛି। ଯେଉଁଥିରେ ୨୨୯୯.୮୭୧ ମେଟ୍ରିକ ଟନ ୟୁରିଆ, ୧୩୧୩.୮୫୫ ମେଟ୍ରିକ ଟନ ଡିଏପି, ୬୦୧.୧୧ ମେଟ୍ରିକ ଟନ ଏମଓପି, ୨୬୬୭.୯୧ ମେଟ୍ରିକ ଟନ ଏନପିକେଏସ ଓ ୧୭୯.୮୫ ମେଟ୍ରିକ ଟନ ଏସଏସପି ସାର ରହିଛି। ତେବେ ଜିଲ୍ଲାରେ ଚଳିତ ଖରିଫରେ ୧ ଲକ୍ଷ ୭୬ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଥିବା ବେଳେ ବର୍ଷାଭାବ ଯୋଗୁଁ ଅନେକ ଚାଷୀଙ୍କ ଜମି ନଷ୍ଟ ହେବାରେ ବସିଛି। ଧାନ ଅମଳର କୌଣସି ଆଶା ନ ଥିବା ସତ୍ତ୍ୱେ ଚାଷୀ ବହୁ କଷ୍ଟରେ ସାର ଯୋଗାଡ କରି ଧାନଚାଷ ପାଇଁ ପରିଶ୍ରମ କରୁଛି। ଏମିତିରେ ସାର ବେପାରୀଙ୍କ ଦାଉ ଚାଷୀକୁ ଚିନ୍ତାରେ ପକାଇଛି। ଜିଲ୍ଲାର ପ୍ରାୟ ସମସ୍ତ ସାର ଦୋକାନରେ ସାର ଦର ଦୁଇ ଗୁଣା ରହିଥିବା ବେଳେ ଚାଷୀଙ୍କୁ କୌଣସି ପ୍ରକାର ବିଲ୍ ମଧ୍ୟ ଦିଆଯାଉନାହିଁ। ଏତେ ଅନିୟମିତତା ସତ୍ତ୍ୱେ କୃଷି ବିଭାଗ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ବି ସାର ଦୋକାନରେ ଚଢଉ କରାଯାଇନାହିଁ କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏନେଇ ଯେତେବେଳେ ବି କୃଷି ବିଭାଗ ଅଧିକାରୀଙ୍କୁ ପଚାରିଲେ ଅଭିଯୋଗ ହୋଇନାହିଁ। ତେଣୁ ଚଢଉ ହୋଇନାହିଁ କହି ଖସି ଯାଉଥିବା ଦେଖିବାକୁ ମିଳିଛି। କୃଷିମନ୍ତ୍ରୀଙ୍କ ନିଜ ଜିଲ୍ଲା ବଲାଙ୍ଗିର ଜିଲ୍ଲାର ଯଦି ଏଭଳି ସ୍ଥିତି ତେବେ ଅନ୍ୟ ଜିଲ୍ଲା କଥା ପଚାରେ କିଏ। ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କୃଷି ବିଭାଗ ଯତ୍ନବାନ ହେବା ସହ ସାର ଅନିୟମିତତାକୁ ରୋକିବା ଦିଗରେ କଡା ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

## ସ୍କୁଟିରୁ ୨୦୦ ବୋତଲ କଫସିରପ ଜବତ



**ବଲାଙ୍ଗିର, ୪।୯ (ସମିସ):** ବଲାଙ୍ଗିର ସହରରେ ବେଆଇନ ଭାବେ କଫସିରପ ଚାଲାଣ ବେଳେ ଟାଉନ ପୁଲିସ ଚଢ଼ଉ କରି ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଗେଟ୍ ସରୋବର ପଡ଼ାର ସୁନିଲ ବଛା। ତାଠାରୁ ୨୦୦ ବୋତଲ କଫସିରପ ଜବତ ହୋଇଛି। ବଲାଙ୍ଗିର ସହର କଦମପଡ଼ା ନିକଟରେ ଏକ ସ୍କୁଟିରେ ଦୁଇ ଜଣ ଯୁବକ କଫସିରପ ଚାଲାଣ କରୁଥିବା ପୁଲିସ ଖବର ପାଇ ଚଢଉ କରିଥିଲା। ଘଟଣା ସ୍ଥଳରୁ ଜଣେ ଅଭିଯୁକ୍ତ ଫେରାର ହୋଇ ଯାଇଥିବା ବେଳେ ସୁନିଲକୁ ପୁଲିସ କାବୁ କରିଥିଲା। ଏ ନେଇ ଟାଉନ ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ଏହି କଫସିରପ କେଉଁଠୁ ଆସୁଥିଲା ତାକୁ ନେଇ ତଦନ୍ତ ଚାଲିଥିବା ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ବଦଳିଲେ ସଇଁତଳା, କଣ୍ଟାବାଞ୍ଜି ଥାନା ଅଧିକାରୀ

**ବଲାଙ୍ଗିର/କଣ୍ଟାବାଞ୍ଜି, ୪।୯ (ସମିସ):** ବଲାଙ୍ଗିର ଜିଲ୍ଲାରେ ଗତ କିଛି ଦିନ ଭିତରେ ହୋଇଥିବା କିଛି ବିବାଦୀୟ ଘଟଣା ଯୋଗୁଁ ପୁଲିସ ଅଡୁଆରେ ପଡ଼ିଛି। ତେବେ ଏହି ବିବାଦ ଘଟଣାରେ କାର୍ଯ୍ୟାନୁଷ୍ଠାନ କ୍ରମେ ଦୁଇ ଥାନାର ଅଧିକାରୀଙ୍କୁ ବଦଳି କରାଯାଇଛି। ବଡ଼ମାଲ ଫାଣ୍ଡି ଅଧିକାରୀଙ୍କୁ ମାଡ ଘଟଣା ପରେ ସଇଁତଳା ଥାନା ଅଧିକାରୀଙ୍କୁ ବଦଳି କରାଯାଇଛି। ସେହିଭଳି କଣ୍ଟାବାଞ୍ଜି ଥାନା ଅଧିକାରୀଙ୍କ ସ୍ୱାମୀଙ୍କ ଦବଙ୍ଗଗିରି ଘଟଣା ସାମ୍ନାକୁ ଆସିବା ପରେ ତାଙ୍କୁ ଅନ୍ୟ ଥାନାକୁ ବଦଳି କରି ଜିଲ୍ଲା ମୁଖ୍ୟାଳୟର ଜଣେ ଅଧିକାରୀଙ୍କୁ ବଦଳି କରାଯାଇଛି। କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରାଙ୍କୁ ସଇଁତଳା ଥାନାକୁ ବଦଳି କରାଯାଇଥିବା ବେଳେ ସଇଁତଳା ଥାନା ଅଧିକାରୀ ସୁଶାନ୍ତ ବଡେଇଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଛି। ମୁଖ୍ୟାଳୟରେ ଥିବା ଗୋପାଳ କର୍ଣ୍ଣଙ୍କୁ କଣ୍ଟାବାଞ୍ଜି ଥାନା ଅଧିକାରୀ ଭାବେ ବଦଳି ହୋଇଛି। କିଛି ଦିନ ତଳେ ସଇଁତଳା ଥାନା ବଡ଼ମାଲ ଫାଣ୍ଡି ଅଧିକାରୀଙ୍କୁ କିଛି ଯୁବକ ଫାଣ୍ଡି ଭିତରେ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ତେବେ ସମ୍ପୃକ୍ତ ଯୁବକଙ୍କୁ ପୁଲିସ ଗିରଫ କରିବା ବଦଳରେ ପ୍ରଥମେ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଥିଲା। ତେବେ ଫାଣ୍ଡି ଭିତରେ ପଶି ଯୁବକଙ୍କ ଏହିଭଳି ଉତ୍ପାତ ଘଟଣା ଜିଲ୍ଲା ପୁଲିସର ଛବିକୁ ଖରାପ କରିଛି। ଏହି ଘଟଣାରେ ସଇଁତଳା ଥାନା ଅଧିକାରୀ ସୁଶାନ୍ତ ବଡେଇ ଯେଉଁଭଳି ଭାବେ କାର୍ଯ୍ୟାନୁଷ୍ଠାନ ନେବା କଥା ସେହିଭଳି ଭାବେ ନେଇ ନ ଥିବା ଆଲୋଚନା ହୋଇଥିଲା। ଏହାକୁ ନେଇ ସେ ବିବାଦୀୟ ରହିଥିଲେ। ସେହିପରି ଆଉ ଏକ ଘଟଣା ରେ କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରା ବିବାଦୀୟ ହୋଇଥିଲେ। ତାଙ୍କ ସେନା ଅଧିକାରୀ ସ୍ୱାମୀଙ୍କ ଦବଙ୍ଗଗିରି ଘଟଣାରେ ସେ ବିବାଦୀୟ ହୋଇଥିଲେ। ଗତ ମଙ୍ଗଳବାର ରାତିରେ ତାଙ୍କ ସ୍ୱାମୀ କଣ୍ଟାବାଞ୍ଜି ସହରର ଜଣକୁ ମାଡ ମାରିବା ଘଟଣାକୁ ନେଇ ବିବାଦ ଦେଖା ଦେଇଥିଲା। ସ୍ଥାନୀୟ ଲୋକେ ଏସଡିପିଓ, ଥାନା ଅଧିକାରୀଙ୍କୁ ଘେରିଥିଲେ। ଏହି ଘଟଣାକୁ ନେଇ ଶ୍ରୀମତି ବେହେରା ବିବାଦୀୟ ହୋଇଥିଲେ। ତେବେ ଏହି ଦୁଇ ଘଟଣା ପରେ ପୁଲିସ ଛବି ସୁଧାରିବା ପାଇଁ ଦୁଇ ଅଧିକାରୀଙ୍କୁ ବଦଳି କରାଯାଇଛି।

## ବରକାନୀରେ ମଦପିଇ ଜଣେ ଗୁରୁତର, ଅନେକ ଅସୁସ୍ଥ

**ଦେଓଗାଁ, ୪।୯ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଦେଓଗାଁ ମୁଖ୍ୟାଳୟ ସମେତ ଜରାସିଂହା ପଞ୍ଚାୟତର ବରକାନୀ ଅଞ୍ଚଳରେ ଏବେ ଅପମିଶ୍ରିତ ରନ୍ଧାଦେଶୀମଦ ଖୁଲମଖୁଲା ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏହି ମଦ କମ୍ ମୂଲ୍ୟରେ ମିଳୁଥିବାରୁ ଗାଁମାନଙ୍କରେ ଏହାର ଚାହିଦା ମଧ୍ୟ ରହିଛି। ଏହିମଦ ପିଇ ଜଣେ ବ୍ୟକ୍ତି ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଅନେକ ବ୍ୟକ୍ତି ଏହି ମଦ ପିଇ ଅସୁସ୍ଥ ଥିବା ଜଣା ପଡ଼ିଛି। ତେବେ କିଛିଦିନ ତଳେ ଗଣପର୍ବ ନୂଆଁଖାଇ ସରିଛି। ଏବେ ଗାଁ ଗାଁରେ ଛାଡଖାଇ ପାଳନ ଲାଗି ରହିଛି। ଏହାର ସୁଯୋଗରେ କିଛି ଅସାଧୁ ତଥା ଲାଭଖୋର ମନୋବୃତ୍ତି ରଖିଥିବା ବ୍ୟକ୍ତି ଅପମିଶ୍ରିତ ଦେଶୀ ଖୋଲା ମଦ ଓ ସ୍ପିରିଟମିଶା ନକଲି ବିଦେଶୀ ମଦ ବିକ୍ରି କରୁଛନ୍ତି। ଏଣୁ ଲୋକେ ଏହି ମଦକୁ ଚଢ଼ା ଦରରେ କିଣୁଥିବା ଅଭିଯୋଗ ହେଉଛି। ଦେଓଗାଁର କଛାରପାଲିଠୁ ଆରମ୍ଭ କରି କଲେଜଛକ ପର୍ଯ୍ୟନ୍ତ ଦେଶୀ/ବିଦେଶୀ ମଦ ବିକ୍ରି ହେଉଛି। ଏଥିଯୋଗୁଁ ଦିନକୁ ଦିନ ଗାଁରେ ପ୍ରତ୍ୟହ ଅଶାନ୍ତିର ବାତାବରଣ ବଢ଼ି ଚାଲିଛି।

## ମ୍ୟୁନିସିପାଲିଟି ଦାବିରେ ବିଜେଡିର ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ



**କଣ୍ଟାବାଞ୍ଜି, ୪।୯ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମ୍ୟୁନିସିପାଲିଟି ମାନ୍ୟତା ଦାବି ନେଇ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ କରାଯାଇଛି। ସକାଳୁ ୬ଟାରୁ କଣ୍ଟାବାଞ୍ଜି ଇନ୍ଦ୍ରାଛକଠାରେ ବିଜେଡ଼ି ନେତାନେତ୍ରୀ ଏକତ୍ରିତ ହୋଇଥିଲେ। ସମସ୍ତେ କଣ୍ଟାବାଞ୍ଜି ସହର ବୁଲି ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ। ଏହାପରେ ଇନ୍ଦ୍ରାଛକଠାରେ ଏକ ପ୍ରତିବାଦ ସଭା କରିଥିଲେ। ଏକ ବିରାଟ ବାଇକ୍ ଶୋଭାଯାତ୍ରା କରି ସହରର ମୁଖ୍ୟ ମାର୍ଗ ଦେଇ କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତହସିଲଦାର ବିଶ୍ୱନାଥ ଖାଲଖୋଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବନ୍ଦ ପାଳନ ସମୟରେ ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ଦୋକାନବଜାର ସହ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଯଦି ତୁରନ୍ତ କଣ୍ଟାବାଞ୍ଜିକୁ ମ୍ୟୁନିସିପାଲିଟି କରା ନ ଯାଏ ତେବେ ଆନ୍ଦୋଳନ ଆହୁରି ଜୋରଦାର କରିବାକୁ ବିଜେଡ଼ି ନେତ୍ରୀ ନିରୁପମା ମାଝୀ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡ଼ି ନେତା ଗିରିରାଜ ସିଂ ମାଝୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରାଜୁ ଘିବେଲା, ମୁରିବାହାଲ ବ୍ଲକର ପୂର୍ବତନ ଅଧ୍ୟକ୍ଷ ହଂସରାଜ ଜୈନ, ପିଙ୍କି ଖର୍ସେଲ, ଦେବରାଜ ଯାଦବ, ଦେବାର ବାରିକ, କିଶୋର ମଜଖଣ୍ଡ, ବିଷ୍ଣୁ ପ୍ରସାଦ ଯୁଏଡ, ଦୀପକ ଘିବେଲା, ବିଟୁ ସଂଘା, ସୂର୍ଯ୍ୟପ୍ରତାପ ମିଶ୍ର, ଅସଦୁଲା ଖାନ, ଶ୍ରୀଧର ମାଝୀ, ଦୈତାରୀ ଭୋଇ, ରାମଚନ୍ଦ୍ର ରାୟ, ଶାନ୍ତନୁ ବିଭାର, ଅମିତ ସାହୁ, ପ୍ରେମିସ ବାଗ, ଅଶୋକ କୁଅଁର, ମହେନ୍ଦ୍ର ମାଝୀ, ଚମ୍ପେ ବାଗ, ମଣ୍ଟୁ ମହାନନ୍ଦ, ତପନ ବଏ, ଶେଷ ପୁଟେଲ, ବିଦେଶୀ ବେହେରା, ଲମ୍ବୁ ମହାନନ୍ଦ, କଶ୍ୟପ ସରାପ, ଯୁଧିଷ୍ଠିର ଭରାସଗ୍ରିଆ, ବିଶ୍ୱନାଥ ସାହୁ, ଫାଲଗୁନି ହାତୀ, ସଞ୍ଜୟ ସୁନା, ଏକୁ ବେହେରା, ସୁମନ ସେଠ, ତ୍ରିନାଥ ମାଝୀ, କାର୍ତ୍ତିକ ତାଣ୍ଡି, ବରୁଣ ଲୁହା, ପିଣ୍ଟୁ ଦୀପ, ତପନ ଦୀପ, ଗୋପାଳ ମେହେର, ସମ୍ଭୁ ମେହେର, କାହ୍ନା ଯରାଦବ, ସଚିନ ହଂସ, ଆଶିଷ ବେହେରା, ଅନୁପ ଖୁରାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଯୌନ ନିର୍ଯାତନା ସଚେତନତା ସମ୍ପର୍କିତ ଭିଡ଼ିଓ ପ୍ରଦର୍ଶିତ

**ଲୋଇସିଂହା, ୪।୯ (ସମିସ):** ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ (ବାଣୀନିକେତନ, ରୋଡ)ର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଆଇକ୍ୟୁଏସି ଦ୍ୱାରା ସ୍ମାର୍ଟ ହଲ୍‌ରେ ଯୌନ ନିର୍ଯାତନା ସଚେତନତା ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନିର ଛାତ୍ରୀମାନେ ଦୁଇଟି ସୋରେ ଏହାକୁ ଦେଖିଥିଲେ। ଯୌନ ନିର୍ଯାତନା କ'ଣ, ବିଭିନ୍ନ ପ୍ରକାରର ଯୌନ ନିର୍ଯାତନା ଓ ଯୌନ ନିର୍ଯାତନାର ଶିକାର ହେଲେ କଣ କରିବା ଉଚିତ ତାହା ଏହି ଭିଡ଼ିଓ ମାଧ୍ୟମରେ ଛାତ୍ରୀମାନଙ୍କୁ ଦେଖାଇ ସଚେତନ କରାଯାଇଥିଲା। ଏଥିରେ ଆଇସିସିର ସମ୍ପାଦକ ଡକ୍ଟର ଭୁରିଶ୍ରବା ମାଝୀ, ସଦସ୍ୟ ଡକ୍ଟର ଲିଙ୍ଗରାଜ ମେହେର ଓ ଅଧ୍ୟାପକ ନୀଳାମ୍ବର ବାରିକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଦେଓଗାଁରେ ଅନ୍ତର୍ଜାତୀୟ ସାକ୍ଷରତା ସପ୍ତାହ ପାଳନ



**ଦେଓଗାଁ, ୪।୯ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ ମୁଖ୍ୟାଳୟରେ ଗୁରୁବାର ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଛି। ସ୍ଥାନୀୟ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ହାଇସ୍କୁଲ ସମେତ, ସ୍ଥାନୀୟ ଆବାସିକ ବାଳିକା ଉଚ୍ଚବିଦ୍ୟାଳୟ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ଏକତ୍ରୀତ ହୋଇ ପରିକ୍ରମା କରିଥିଲେ। ଏବିଇଓ ଚୈତନ୍ୟ ଧରୁଆ, ବ୍ରାହ୍ମଣୀଯୋର ସିଆରସିସି ମଣ୍ଟୁ ସାମଲ, ସ୍ଥାନୀୟ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ଗୁରୁ, କଛାରପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ସଇଁତଳା ବ୍ଲକସ୍ତରୀୟ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଭଲିବଲ୍ ଚୟନ

**ସଇଁତଳା, ୪।୯ (ସମିସ):** କେରମେଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସଇଁତଳା ବ୍ଲକସ୍ତରୀୟ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଭଲି ବଲ୍ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଇଁତଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ ଯୋଶୀ ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ସମ୍ପାଦିକା ରଞ୍ଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ସଇଁତଳା ସରପଞ୍ଚ ସୁବ୍ରତ ନାଗ, କେରମେଲୀ ସରପଞ୍ଚ ଅଶୋକ ସାହୁ, କେରମେଲୀ ସ୍କୁଲ ସଭାପତି ଯଜ୍ଞେଶ୍ୱର ଦାଶ, ପ୍ରଧାନ ଶିକ୍ଷକ ସରୋଜ ମିଶ୍ର, କାନ୍ଧକେଲ ସ୍କୁଲ ପ୍ରଧାନ ଶିକ୍ଷକ ରାମଗୋପାଳ ଶର୍ମା ଖମାରି ସଭାରେ ମଞ୍ଚାସୀନ ଥିଲେ। ଏଥିରେ ୪ଟି ଜୋନରୁ ୭୦ଜଣ ବାଳକ, ବାଳିକା ଓ ୧୩ ଜଣ ଖେଳ ଶିକ୍ଷକ ଉପସ୍ଥିତ ଥିଲେ। କେରମେଲୀ ଜୋନ ସମ୍ପାଦକ ପ୍ରଶାସନ ବାଗ, କସର ଜୋନ ସମ୍ପାଦକ ନରୋତ୍ତମ ମଲ୍ଲିକ, ଗାଣ୍ଡପତରାପାଲି ଜୋନ ସମ୍ପାଦକ ରଞ୍ଜିତ କୁଅଁର, ଟିକ୍ରାପଡ଼ା ଜୋନ ସମ୍ପାଦକ ଜିତେନ୍ଦ୍ର ସେଟଙ୍କ ତତ୍ତ୍ୱାବଧାନ ଆସିଥିବା ଟିମ୍‌ରୁ ପୁଇଁତଳା



ବ୍ଲକରେ ୧୦ରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଭଲିବଲ ଚାମ୍ପିଅନସିପରେ ଭାଗ ନେବା ପାଇଁ ବାଳକ ବିଭାଗରୁ ୯ ଜଣ ଓ ବାଳିକା ବିଭାଗରୁ ୯ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଥିଲା। ଏହି ଖେଳକୁ ଖେଳ ଶିକ୍ଷକ ବିନୋଦ ବିହାରୀ ବେହେରା, ପ୍ରଭୁଦତ୍ତ ଧାରୁଆ, ନିରୁପମ ଚାନ୍ଦ ସାହୁ, ସୁନୀଲ ମହାପାତ୍ର, ହିମାଂଶୁ ବିଶ୍ୱାଳ, ଗଗନ ବେହେରା, ଆଶୁତୋଷ ରାଜପଲିଆ ରାଜବିହାରୀ ବନଚୋର, ଦିନମଣୀ ପୋଡ଼ ପ୍ରମୁଖ ପରିଚାଳନା କରିଥିଲେ। ସୌମ୍ୟ ରଞ୍ଜନ ମହାନ୍ତି, ମୋନାଲିସା ମହାପାତ୍ର, ସବିତା ଏକ୍କା, ରଶ୍ମିତା ନାୟକ, ଅନୁପମ ମହାନ୍ତି ପରିଚାଳନାରେ ସାହାଯ୍ୟ କରିଥିଲେ। ରଞ୍ଜିତା ମିଶ୍ର ସ୍ୱାଗତ ଅଭିଭାଷଣ ଦେବା ସହ ବିବରଣୀ ପାଠ କରିଥିଲେ। ଖେଳ ଶିକ୍ଷକ ପ୍ରଶାସନ ବାଗ ଧନ୍ୟବାଦ ଦେଇ ଥିଲେ।

## ପ୍ରାକୃତିକ କୃଷି ଉପରେ ତାଲିମ





**ଖପ୍ରାଖୋଲ, ୪।୯ (ସମିସ):** ସ୍ଥାନୀୟ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତାଲିମ କକ୍ଷରେ ପ୍ରାକୃତିକ କୃଷି ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସନ୍ତୋଷ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ତାଲିମଦାତା ରୁପେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଯିନୀତା ବରୁଆ, ଅଭୟ ତ୍ରିପାଠୀ, ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ ଯୋଗ ଦେଇଥିଲେ। ପ୍ରାକୃତିକ କୃଷିର ଆବଶ୍ୟକତା ଉପରେ ସମସ୍ତେ ଆଲୋଚନା କରିଥିଲେ। ଏହାସହ ସହ ସମସ୍ତେ ନିଜ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବାକୁ କହିଥିଲେ। ସେହିପରି ଗୋମୂତ୍ର, ଗୋବର, ବିଭିନ୍ନ ଗଛର ପତ୍ର ବ୍ୟବହାର କରି ମାଟିର ଉର୍ବରକ ଓ ରୋଗ ପୋକ ନିୟନ୍ତ୍ରକ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ। ଏହା ବ୍ୟବହାର କଲେ ମାଟି, ପାଣି, ପବନ ଓ ପରିବେଶ ସୁସ୍ଥ ରହିବ। ଜୀବଜଗତ ସୁସ୍ଥ ରହିପାରିବେ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ରୋଗ ପୋକ ନିୟନ୍ତ୍ରକ ପ୍ରସ୍ତୁତି ଉପରେ ତାଲିମ୍ ପ୍ରଦାନ କରାଯାଇଥିଲା। ମାନସ ଖମାରୀ ଓ ପରେଶ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥଲେ।




# ଅପରେସନ 'ପ୍ରହାର'ର ଗତି କୁଆଡ଼େ

**ବଲାଙ୍ଗିର, ୪।୯ (ସମିସ)**

**ବଡ ନିଶା ମାଫିଆ ଛାଡି ଛୋଟ ବେପାରୀ ପଛରେ ପୁଲିସ**

**ଲକ୍ଷ୍ୟ ପୂରଣ ହେବ ନା ନାହିଁ ସନ୍ଦେହ**

ଅପରାଧୀ, ନିଶା ବେପାରୀଙ୍କୁ ସାବାଡ କରିବା ପାଇଁ ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ଏକାଧିକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ପ୍ରଥମେ ଅପରେସନ 'ଗରୁଡ' ପରେ ଆରମ୍ଭ ହୋଇଥିଲା ଅପରେସନ 'ଗଜ'। ପରେ ଅବଶ୍ୟ ଏହାର ନାଁ ବଦଳି 'ପ୍ରହାର' ହୋଇଛି। ଏହି ଅପରେସନକୁ ନେଇ କିନ୍ତୁ ଏବେ ପ୍ରଶ୍ନ ଉଠିଛି। ଏହି ଅପରେସନ ଆରମ୍ଭ ହେବା ନେଇ ଗତ ୨୬ ତାରିଖରେ ନିଜେ ଆଇଜି ହିମାଂଶୁଲାଲ ବଲାଙ୍ଗିର ଆସି ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଥିଲେ। ଅପରେସନରେ କିନ୍ତୁ ବଲାଙ୍ଗିର ପୁଲିସକୁ ସେହି ଅନୁସାରେ ଆଖିଦୃଶିଆ ସଫଳତା ମିଳିନି। ଯେଉଁ ସବୁ ଦିଗ ବିଷୟରେ ନିଜେ ଆଇଜି ସୂଚନା ଦେଇଥିଲେ ସେନେଇ କୌଣସି ସଫଳତା ଏଯାବତ ପୁଲିସକୁ ମିଳି ନ ଥିବା ବେଳେ ଏହି କିଛି ଦିନ ଭିତରେ ଛୋଟ ଛୋଟ ନିଶା ବେପାରୀଙ୍କୁ ପୁଲିସ ଗିରଫ କରିଥିବା ସୂଚନା ମିଳିଛି।

ବଡ ମାଛ ଧରିବା ପାଇଁ ରାଜ୍ୟ ପୁଲିସ ଅପରେସନ ପ୍ରହାରର ଜାଲ ପକାଇଛି। କିନ୍ତୁ ଏହି ଜାଲ ରେ ଏବେ ବି ବଲାଙ୍ଗିର ଜିଲ୍ଲାରେ ଗୋଟିଏ ବି ବଡ ମାଛ ପଡ଼ି ନ ଥିବା ବେଳେ କେରାଣ୍ଡି ଗୋଟାଇବାରେ ବ୍ୟସ୍ତ ରହିଛି ପୁଲିସ। ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ପରେ ଅପରାଧୀଙ୍କୁ ସାବାଡ କରିବା ପାଇଁ ପୁଲିସ ଅପରେସନ 'ଗରୁଡ' ଆରମ୍ଭ କରିଥିଲା। ଏଥିରେ ବଲାଙ୍ଗିର ପୁଲିସର ପ୍ରଦର୍ଶନ ଭଲ ରହିଥିଲା। ଅନେକ ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଜିଲ୍ଲା ଦେଇ ଚାଲାଣ ହେଉଥିବା ନିଶାଦ୍ରବ୍ୟକୁ ଧରିବାରେ ମଧ୍ୟ ସଫଳ ହୋଇଥିଲା। ଗତ ୨୫ ତାରିଖ ପରେ ପୁଲିସ ବିଭାଗ ପକ୍ଷରୁ ଅପରେସନ 'ଗଜ' ଆରମ୍ଭ କରାଯାଇଥିଲା। ଗତ ୨୬ ତାରିଖରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ତାଙ୍କ କହିବା ଅନୁସାରେ ପ୍ରାୟତଃ ଅପରାଧ ପଛରେ ନିଶା କାରବାର ରହିଛି। ଏହା ଫଳରେ ଏହି ଅପରେସନରେ ନିଶା କାରବାରର ର୍‌ୟାକେଟ୍‌କୁ ସମ୍ପୂର୍ଣ୍ଣ ଭାବେ ସଫା କରିବା ଦିଗରେ ଏହି ଅପରେସନ କରାଯିବ ବୋଲି କହିଥିଲେ। ଛୋଟ ବେପାରୀଠାରୁ ଆରମ୍ଭ କରି ବଡ ବଡ ମାଫିଆ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଅପରେସନରେ ଗିରଫ କରାଯିବ ବୋଲି କହିଥିଲେ। ତେବେ ଏହି ସାମ୍ବାଦିକ ସମ୍ମିଳନୀକୁ ପ୍ରାୟ ଗୋଟିଏ ସପ୍ତାହ ବିତିସାରିଥିବା ବେଳେ ବଲାଙ୍ଗିର ପୁଲିସର ଗତିକୁ ନେଇ ପ୍ରଶ୍ନ ଉଠିଛି। ଅପରେସନ ଆରମ୍ଭ ସମୟରେ କେବଳ ତୁଷୁରା ଥାନା ଅଞ୍ଚଳରୁ ୧୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ପୁଲିସ କାହାକୁ ବି ଗିରଫ କରିପାରି ନ ଥିବା ବେଳେ ଆଜି ପର୍ଯ୍ୟନ୍ତ ମଧ୍ୟ ଗିରଫ କରିନାହିଁ। ଗଞ୍ଜେଇ କେଉଁଠୁ ଆସୁଥିଲା, କେଉଁଠାକୁ ଯାଉଥିଲା ସବୁ ସୂଚନା ସତ୍ତ୍ୱେ ଏବେ ବି ପୁଲିସ ହାତ ଖାଲି। ଏହା ବାଦ ଆଜି ପର୍ଯ୍ୟନ୍ତ କୌଣସି ବି ବଡ ଧରଣର ଚଢଉ ଜିଲ୍ଲାରେ ହୋଇ ନ ଥିବା ଜଣାପଡ଼ିଛି। କାଁ ଭାଁ କମ୍ ପରିମାଣର ନିଶା ଦ୍ରବ୍ୟ ଧରି କିଛି ଲୋକଙ୍କୁ ଗିରଫ କରାଯାଇଥିବା ଦେଖିବାକୁ ମିଳିଛି। ଟାଉନ ପୁଲିସ ଗୁରୁବାର ପ୍ରାୟ ଦୁଇ ଶହ ବୋତଲ କଫସିରପ ଧରିଥିବା ସୂଚନା ମିଳିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ବଲାଙ୍ଗିର ଜିଲ୍ଲା ବେଆଇନ ନିଶା କାରବାରର ହବ୍ ପାଲଟିଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ କଫସିରପ, ଗଞ୍ଜେଇ ଆଣି ଗଚ୍ଛିତ ରଖି ତାକୁ ବିଭିନ୍ନ ଉପାୟରେ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ବସ୍, ଛୋଟ ଛୋଟ ଦାମୀ କାର, ବାଇକ, ଟ୍ରେନ ଯୋଗେ ଚାଲାଣ ହେଉଥିବା ବେଳେ ସ୍ୱତନ୍ତ୍ର ଅଭିଯାନ କରି ବି ପୁଲିସ ସେହି ବଡ ମୁଣ୍ଡ ପାଖରେ ପହଞ୍ଚି ନ ପାରିବା ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଜିଲ୍ଲାରେ କୁଚିଆଠାରୁ ଆରମ୍ଭ କରି ହାତରନ୍ଧା ଅପମିଶ୍ରିତ ମଦ କାରବାର ମଧ୍ୟ ବୃଦ୍ଧି ପାଇଛି। ଢାବାରେ ଖୋଲାଖୋଲି ମଦ କାରବାର ଚାଲିଥିବା ବେଳେ ଗଳିକନ୍ଦି ଦୋକାନରେ ବେଶ୍ ସହଜରେ ନିଶା ବଟିକା, କଫସିରଫ, ଗଞ୍ଜେଇ ବିକ୍ରି ହେଉଛି। ତେବେ ପୁଲିସ ଯେଉଁ ଲକ୍ଷ୍ୟ ନେଇ ଏହି ଅପରେସନ ଆରମ୍ଭ କରିଥିଲା ସେହି ଲକ୍ଷ୍ୟ ସାଧିତ ହେବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଜିଲ୍ଲା ପୁଲିସ କେରାଣ୍ଡି ଗୋଟାଇବା ବଦଳରେ ବଡ ମାଛ ଧରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଅନ୍ୟଥା ଏହି ଅପରେସନ କେବଳ ଲୋକଦେଖାଣିଆ ବୋଲି ପ୍ରମାଣିତ ହେବ।

■ ଧାନ ଗଛରେ ରୋଗପୋକ ପ୍ରାଦୁର୍ଭାବ

# କୃଷି ବିଭାଗ କର୍ମଚାରୀଙ୍କ ଦେଖାମିଳୁନି



ଧର୍ମଗଡ,୪।୯(ସମିସ):ଚାଷୀଙ୍କ ପିଛା ଛାଡୁନି ଦୁର୍ଦ୍ଦଶା।ସମସ୍ୟା ଉପରେ ସମସ୍ୟା ଉପୁଜି ଥିବା ବେଳେ ମେରୁଦଣ୍ଡ ଭାଙ୍ଗି ପଡିଛି।ବିହନ ଠାରୁ ଆରମ୍ଭ କରି ସାର କୀଟନାଶକ ସବୁଠି ଶୋଷଣରେ ଶିକାର ସାଜିଥିବା ଚାଷୀ ପୁଣି ଏବେ ଧାନ ଗଛ ରେ ରୋଗପୋକ ପ୍ରାର୍ଦୁଭାବକୁ ନେଇ ଚିନ୍ତାରେ ପଡି ଯାଇଛି। ରୁଆବେଉସା ଶେଷ କରି ଦ୍ୱିତୀୟ ପର୍ଯ୍ୟାୟ ସାର ଦେବା ଶେଷ କରିଛି।ଠିକ ଏତିକି ବେଳ କୁ ଧାନ ଗଛ ରେ ରୋଗ ପୋକ ଦେଖା ଦେଲାଣି।ଗଣ୍ଠି ରୋଗ ପତ୍ରପୋଡ଼ା ଇତ୍ୟାଦି ରୋଗପୋକ ଧାନ ଗଛରେ ଲାଗି ନଷ୍ଟ ହେବା ଆରମ୍ଭ ହେଲାଣି।ଧାର କରଜ କରି ଚାଷୀ କୀଟ ନାଶକ ଔଷଧ ପ୍ରୟୋଗ କରିଛି ସତ ହେଲେ ଥମିବା ନା ନେଉ ନ ଥିବା ପ୍ରକାଶ କରନ୍ତି।ଧର୍ମଗଡ ବ୍ଲକ୍ ଜୟନ୍ତପୁର ଗ୍ରାମର ଶତାଧିକ ଚାଷୀଙ୍କ ଜମିରେ ରୋଗପୋକ ଲାଗିଥିବା ଜଣାପଡିଛି।ସେମାନଙ୍କ ମଧ୍ୟରେ ଡମ୍ବରୁ କାଣ୍ଡ,ହଳଧର ମାଝୀ,ରୋମାଞ୍ଚିଳ ନାଏକ,ଜୟଧର ମେହେର,ଅଶୋକ ନାଏକ,ବେଳାର ନାଏକ,ପତିଧର ନାଏକ,ଗୋସିଂ ନାଏକ,ହେମାନନ୍ଦ ଝାଙ୍କର ନରସିଂ ଗୋଇନ୍ଦା ଙ୍କ ପ୍ରାୟ ୨୦ହେକ୍ଟର ଜମି ଧାନ ଚାଷରେ ବିଶେଷ ପ୍ରଭାବ ପଡିଥିବା ଅଭିଯୋଗ ହୋଉଛି।ଅନ୍ୟପଟେ ଏଭଳି ସ୍ଥିତିରେ କୃଷି ବିଭାଗ କର୍ମଚାରୀଙ୍କ ଦେଖା ନ ମିଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।ଯାହା ସଠିକ ପରାମର୍ଶ ପାଇବାରେ ଚାଷୀ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।ତୁରନ୍ତ କୃଷି ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀଙ୍କ ମହଲରେ ଦାବି ହେଉଛି।

# ଏନ୍ଏସି ଦାବିରେ ୧୨ ଘଣ୍ଟିଆ ମ.ରାମପୁର ବନ୍ଦ

ମ.ରାମପୁର,୪।୯(ସମିସ)

ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ସମୁଦାୟ ୨୫ଟି ଏନ୍ଏସି ଘୋଷଣା କରି ସାରିଥିବା ବେଳେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ସେଥିରୁ ବାଦ୍ ପଡିଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ସହର ସମସ୍ତ ମାନଦଣ୍ଡ ପୂରଣ କରିବା ସତ୍ତ୍ୱେ ବାଦ୍ ପଡ଼ିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଯେହେତୁ ମ .ରାମପୁରରେ ପୂର୍ତ୍ତବିଭାଗ ସବଡିଭିଜନ, କ୍ଷୁଦ୍ର ଜଳସେଚନ ବିଭାଗ ସବଡିଭିଜନ, ଉଠାଜଳସେଚନ ସବଡିଭିଜନ, ଉତେଇ ଜଳସେଚନ ବିଭାଗ ସବଡିଭିଜ କେନ୍ଦୁଲିପ ସବଡିଭିଜନ, ଜେଏମ୍ଏଫସି କୋର୍ଟ, ସବଜେଲ,ସବଟ୍ରେଜରୀ ରହିଛି ଅଥଚ ରାମପୁର ର ନାଁ ନାହିଁ। ଯାହାକୁ ନେଇ ଗୁରୁବାର ମ. ରାମପୁର ଜନ ସାଧାରଣ ବନ୍ଦ ଡାକରା ଦେଇଛନ୍ତି। ଏଥିରେ ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଇ ସମସ୍ତ ପ୍ରକାର ଯାନ ବାହାନ,ଦୋକାନ ଶିକ୍ଷାନୁଷ୍ଠାନ,ସରକାରୀ ଓ ବେସରକାରୀ ଅଫିସ ଇତ୍ୟାଦି ବନ୍ଦ ରହିଥିଲା।ଏହାକୁ ସମସ୍ତ ରାଜନୈତିକ ଦଳ ବିଭିନ୍ନ ସଂଗଠନ ପୂର୍ଣ୍ଣ ସମର୍ଥନ ଓ ସହଯୋଗ କରିଥିବା ଦେଖା ଦେଇଛି। ଉକ୍ତ ବନ୍ଦ ଡାକରାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଜିବେଶ କୁମାର ପଣ୍ଡା, ବଣିକ ସଂଘ ସଭାପତି ପ୍ରଶାନ୍ତ ସାମନ୍ତରା, ବିଭୁ ସାହୁ, ଗୋବିନ୍ଦ ଶତପଥୀ, ବରିଷ୍ଠ ସାମ୍ବାଦିକ କମ୍ପାଣି ମିଶ୍ର, ରାହାସ ପୋଡ଼,ପୂର୍ବତନ ମ.ରାମପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ବାଗ, କିଶୋର ପ୍ରହରାଜ,ଜିଲ୍ଲା ଆଦି ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ସିପିଆଇ ଏମ ଜିଲ୍ଲା ସମ୍ପାଦକ ସତ୍ୟ ଜିତ ଚାଟାର୍ଜୀ, ହିରେନ୍ଦ୍ର ପ୍ରତାପ ସିଂହ ଦେଓ, ଭାରତୀୟ ଜନତା ପାର୍ଟି ମଣ୍ଡଳ ସଭାପତି ଯାଜ୍ଞସେନ ପଣ୍ଡା, ପୂର୍ବତନ ମଣ୍ଡଳ ସଭାପତି ପ୍ରତାପ ରଣା,ଜାଗରଣ ମଞ୍ଚ ସଭାପତି ଚମରା ବରର୍ତ୍ତି, ଆଦିବାସୀ ସଂଘ ବ୍ଲକ ସମ୍ପାଦକ ଦ୍ରୋଣାଚାର୍ଯ୍ୟ ମାଝି, ସମାଜସେବୀ ଚିରାଗ ସିଂହ ଦେଓ, ବରିଷ୍ଠ ଆଇନଜୀବି ସତ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଅନ୍ୟପଟେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଅପରାହ୍ନ ସମୟରେ କେସିଙ୍ଗା ନିକଟ ଉକ୍ରେଲା ହେଲିପେଡରେ ଓହ୍ଲାଇ ଜାତୀୟ ରାଜପଥ ନଂ ୫୯ ଦେଇ କନ୍ଧମାଳ ଜିଲାକୁ ଏକ ଦଶାହ କାର୍ଯ୍ୟରେ ଦେବାକୁ ଯିବାବେଳେ ମ.ରାମପୁରରେ ଅଟକି ଆନ୍ଦୋଳନ କାରୀଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ ସୁଦ୍ଧା କୌଣସି ପ୍ରକାର ସନ୍ତୋଷ ଜନକ ଉତ୍ତର ଦେଇନଥିବା ହେତୁ ଆନ୍ଦୋଳନ କାରିଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି।




# ସୋନାଲି ମାଝୀ ଓ ମଳୟ ମୁଣ୍ଡ ପାଇବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଜୁନାଗଡ,୪।୯(ସମିସ):ଜୁନାଗଡ ସହର୍ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମଳୟ ମୁଣ୍ଡ ଏବଂ ଜୁନାଗଡ ବ୍ଲକ ବ୍ରାହ୍ମଣୀ ଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ସୋନାଲି କୁମାରୀ ମାଝୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜୁନାଗଡ ବ୍ଲକରୁ ଦୁଇ ଜଣ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ଜୁନାଗଡ ବିଇଓ ତପନ ମାଝୀ ଓ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ଅଞ୍ଚଳ ତଥା ନିଜ ନିଜ ସ୍କୁଲ ପାଇଁ ଗୌରବ ଆଣିଛନ୍ତି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ପଦ୍ମଲୋଚନ ସାହୁ

କୋକସରା,୪।୯(ସମିସ): ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ କୋକସରା ବ୍ଲକ୍ ଡେଙ୍ଗାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏମ୍ଏନ୍ ପଦ୍ମଲୋଚନ ସାହୁ ମନୋନୀତ ହୋଇଛନ୍ତି। ଖବର ପ୍ରଚାରିତ ହେବାପରେ ତାଙ୍କ ପାଖରେ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। କୋକସରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ୍) ତରଫରୁ ଶିକ୍ଷକ ସଞ୍ଜିବ କୁମାର ପାଢ଼ୀ, ସିଆରସିସି ବୈକୁଣ୍ଠ ଜାଲ, ଇଶ୍ୱରୀ ପ୍ରସାଦ ଅଗସ୍ତି, ଚନ୍ଦ୍ର ମୋହନ ପୁଝାରୀ, ଗଗନ ବିହାରୀ ପଟ୍ଟନାୟକ, ଦେବି ସିଂ ମାଝୀ, ବେଣୁଧର ନାଏକ ପ୍ରମୁଖ ଶୁଭେଚ୍ଛା ଜଣାଇ ଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇନ୍ତି।

# ଓଏସ୍ଆର୍ଟିସି ବସ୍‌ରେ ନିଆଁ ; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

କୋକସରା,୪।୯(ସମିସ):ଜୟପୁରରୁ ଅନୁଗୋଳ ଯାଉଥିବା ଏକ ଓଏସ୍ଆର୍ଟିସି ବସରେ ଗୁରୁବାର ସନ୍ଧ୍ୟାରେ ୨୬ ନମ୍ବର ଜାତୀୟ ରାଜପଥର କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ କାଉଡୋଲା ବସ୍‌ଷ୍ଟାଣ୍ଡ ନିକଟରେ ନିଆଁ ଲାଗିଯାଇଛି। କୋକସରା ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିବା ସହ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ସୂଚନା ଅନୁସାରେ, ଜୟପୁରରୁ ଅନୁଗୋଳ ଯାଉଥିବା ଉକ୍ତ ଓଏସ୍ଆରଟିସି ବସର ପଛପଟେ କୋକସରା ବ୍ଲକ କାଉଡୋଲା ବସ୍ ଷ୍ଟାଣ୍ଡ ନିକଟରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଯାତ୍ରୀମାନେ ବସରୁ ନିଆଁ ବାହାରୁଥିବା ଦେଖି ଭୟଭୀତ ହୋଇଥିଲେ। ବସ୍‌କୁ ଅଟକାଇ କୋକସରା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। କୋକସରା ଅଗ୍ନିଶମ ବିଭାଗର ଓଆସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀ ଲଳିତ ପୁଟେଲ, ହେମନ୍ତ ନାଏକ, ମନୋଜ କୁମାର ବିଶ୍ୱାଳ, ସୁନୀଲ ରଞ୍ଜନ ବାରଲା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିବା ସହ ନିଆଁକୁ ଆୟତ୍ତ କରିଥିବା ଜଣାପଡିଛି। ତେବେ କେଉଁ କାରଣରୁ ବସରେ ନିଆଁ ଲାଗିଛି ତାହା ସ୍ପଷ୍ଟ ଜଣାପଡି ନଥିବାବେଳେ ବଡ଼ ଧରଣର ଅଘଟଣ ଘଟିବା ଆଗରୁ ଅଳ୍ପକେ ବର୍ତ୍ତି ଯାଇଛି। ଅନ୍ୟପଟେ ବସରେ ଥିବା ଯାତ୍ରୀମାନେ ନିଜ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି।



# ଦକ୍ଷିଣାଞ୍ଚଳ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ କଳାହାଣ୍ଡିର କୃତିତ୍ୱ

ଭବାନୀପାଟଣା,୪।୯(ସମିସ): ନିକଟରେ ୩୦ ରୁ ୩୧ ତାରିଖ ପର୍ଯ୍ୟନ୍ତ ଚେନ୍ନାଇରେ ଦକ୍ଷିଣାଞ୍ଚଳ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାରୁ ସର୍ବମୋଟ ୧୮ଟି ପ୍ରତିଯୋଗୀ ଭାଗ ନେଇଥିଲେ। କଳାହାଣ୍ଡିରୁ ୫ଜଣ ପ୍ରତିଯୋଗୀ ଭାଗ ନେଇ ୭ଗୋଟି ମେଡାଲ ହାସଲ କରି ଜିଲ୍ଲାର ସୁନାମ ଅର୍ଜନ କରିଛନ୍ତି। ମେଡାଲ ତାଲିକାରେ- ବାଳକ ବିଭାଗରେ ସ୍ପାରିଙ୍ଗରେ ୧୬-୧୭ ବର୍ଷ ଏବଂ ୫୦-୬୦ କେଜି ବର୍ଗରେ ପ୍ରିନ୍‌ସ ତାଣ୍ଡି ବ୍ରୋଞ୍ଜ ମେଡାଲ, ୧୮-୩୪ ବର୍ଷ ଏବଂ ୫୨ କେଜି କମ୍ ବର୍ଗରେ ଦୟା ରାଉତ ରୌପ୍ୟ ପଦକ, ୧୩-୧୪ ବର୍ଷ ବର୍ଗରେ ୫୦-୫୫ କେଜି ବର୍ଗରେ ରାଜଲକ୍ଷ୍ମୀ ଦେବୀ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି କୋରିୟାନ ପେର୍ଟନ ବା ତୁଲ୍‌ରେ ୧୬-୧୭ ବର୍ଷ ବର୍ଗରେ ପ୍ରିନ୍‌ସ୍ ତାଣ୍ଡି ବ୍ରୋଞ୍ଜ ମେଡାଲ, ୧୮ ରୁ ୩୪ ବର୍ଷ ବର୍ଗରେ ଦୟା ରାଉତ ରୌପ୍ୟ ପଦକ ଏବଂ ୩୫ ବର୍ଷ ଉର୍ଦ୍ଧ୍ୱ ବର୍ଗରେ ରେସ୍‌ମା ବେଗମ୍ ସ୍ୱର୍ଣ୍ଣ ପଦକ ପାଇ ଜଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଅର୍ଜନ କରିଛନ୍ତି। ଓଡିଶା ତାଏକ୍ୱୋଣ୍ଡୋ ଦଳ ଓଡିଶା ମୁଖ୍ୟ ଶେଖ୍ ମୁନାୱର୍‌ଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀତାରେ ଭାଗ ନେଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଓଡିଶାର ଏହି ସଫଳତା ପାଇଁ ଓଡିଶାବାସୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି। ଆସନ୍ତା ଡିସେମ୍ବର ମାସରେ ଜାତୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗୀତାରେ ବହୁତ ଦକ୍ଷ ଖେଳାଳି ଭାଗ ନେଇ ଓଡିଶା ପାଇଁ ଆହୁରି ଅଧିକ ସଫଳତା ଆଣିବେ ବୋଲି ଓଡିଶା ତାଏକୋଣ୍ଡ ମୁଖ୍ୟ ଶେଖ୍ ମୁନୱର୍ ମତବ୍ୟକ୍ତ କରିଛନ୍ତି।




● ଦେବୀ ପୀଠରେ ଅନୈତିକ ପୂଜାର୍ଚ୍ଚନା ଘଟଣା

# ଦେବୀଙ୍କ ପୀଠରେ ଗ୍ରାମବାସୀଙ୍କ ଧାରଣା

ଧର୍ମଗଡ,୪।୯(ସମିସ): ସାଧାରଣ ଭାବେ କୌଣସି ସମସ୍ୟା ବା ଦାବି ନେଇ ସରକାର ,ପ୍ରଶାସନ କାର୍ଯ୍ୟାଳୟ ରେ ଲୋକେ ଧାରଣା ଦେବା ଶୁଣାଯାଏ।ହେଲେ ଦେବୀ ପୀଠରେ ଗ୍ରାମବାସୀ ଧାରଣା ଦେବା ଏକ ବିରଳ ଘଟଣା ଧର୍ମଗଡ ବ୍ଲକ୍ ଜୟନ୍ତପୁର ପଞ୍ଚାୟତ ରଇନଗୁଡା ଗ୍ରାମରେ ଦେଖିବାକୁ ମିଳିଛି।ଗ୍ରାମଦେବୀ ଭଣ୍ଡାର ଘରୁଆଣିଙ୍କ ପୀଠରେ ଗ୍ରାମବାସୀ ଧାରଣା ଦେବା ଭଳି ଘଟଣା ଏବେ ଚର୍ଚ୍ଚା ପରିସରକୁ ଆସିଛି। ସୂଚନା ଯେ ଗାଁ କିଛି ଦୂରରେ ଥିବା ଦେବୀ ଭଣ୍ଡାର ଘରୁଆଣିଙ୍କ ପୀଠରେ କେଉଁ ଏକ ଦୁର୍ବୃତ୍ତ ଅନୈତିକ ଭାବେ ପୂଜାର୍ଚ୍ଚନା କରିଥିବା ଓ ଛେଳି ବଳି ଦେଇଥିବା ଦେଖିବାକୁ ମିଳିଛି।ଯାହା ଗ୍ରାମର ନୀତି ନିୟମ ବିରୋଧ ହୋଇଥିବା ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି।ଦେବୀଙ୍କ ପୀଠ ରେ ପୂଜାର୍ଚ୍ଚନା ହୋଇଥିବା ଦେଖି ଗ୍ରାମବାସୀ ଙ୍କ ଭିତରେ ଗତ ସୋମବାର ଦିନ ବୈଠକ ଅନୁଷ୍ଠିତ ହୋଇଥିଲା। ଦୁର୍ବୃତ୍ତଙ୍କୁ ଚିହ୍ନଟ ଓ କୋଉ ପରିସ୍ଥିତିରେ ଅନୈତିକତା ଭାବେ ପୂଜାର୍ଚ୍ଚନା କରାଯାଇଛି ଆଲୋଚନା ହୋଇଥିଲା।ଶେଷରେ ଦେବୀଙ୍କ ଉପରେ ଆସ୍ଥା ବିଶ୍ୱାସ ରଖି ପୀଠରେ ଧାରଣା ଦେବା ଭଳି ନିଷ୍ପତ୍ତି ନିଆଯାଇଥିଲା।ତେବେ ଦୁର୍ବୃତ୍ତ ଜଣକ ଗୁଣି ଗାରେଡି କରିବା ପାଇଁ ଦେବୀ ପୀଠରେ ପୂଜାର୍ଚ୍ଚନା କରିଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଦେବୀଙ୍କ ନିକଟରେ ବିଶ୍ୱାସ ଓ ଭରସା ଅଛି -ନିହାତି ଭାବେ ଅନୀତି ଭାବେ ପୂଜାର୍ଚ୍ଚନା କରିଥିବା ଦୁର୍ବୃତ୍ତ ଚିହ୍ନଟ ହୋଇ ପାରିବ ଓ ଦେବୀ ଦଣ୍ଡ ଦେବେ ବୋଲି ଗ୍ରାମବାସୀ ଆସ୍ଥା ପ୍ରକଟ କରିଛନ୍ତି।ସୂଚନା ଯେ ବର୍ଷକୁ ଥରେ ଦଶହରା ସମୟରେ ଦେବୀ ପୀଠରେ ପୂଜାର୍ଚ୍ଚନା କରିବା ନିୟମ ରହିଛି। କେବଳ ଦେବୀଙ୍କ ପୂଝାରି ପୂଜାର୍ଚ୍ଚନା କରିବା ନିୟମ ଥିବା ବେଳେ ଦୁର୍ବୃତ୍ତ ଜଣକ ନିୟମକୁ ଉଲ୍ଲଂଘନ କରିଥିବା ଯୋଗୁ ଗାଁରେ କୌଣସି ପ୍ରକାର ବିପଦ ଆସିବା ଆଶଙ୍କା ଥିବା ଜୟରାମ ଦୁରିଆ,ରୁପା ମାଝୀ,ନବୀନ ନାଏକ,ଶ୍ୱେତରାମ ନାଏକ, ବୈଷ୍ଣବ ନାଏକ,ଚୈତନ୍ୟ ନାଏକ,ମୁଁନିସି ମାଝୀ,କାର୍ତ୍ତିକ ମାଝୀ,ଦିଗାମ୍ବର ମାଝୀ,ଅଖିଳ ମାଝୀ,ଅନିରୁଦ୍ଧ ନାଏକ,ମଦନ ନାଏକ, ନରେନ୍ଦ୍ର ନାଏକ,ହୀରାଧର ମାଝୀ,ଗୁପ୍ତେଶ୍ୱର ମାଝୀ,ତରୁଣୀ ମାଝୀ,ଟେକମନ ନାଏକ, କ୍ଷିତ ନାଗ,ବେଣୁଧର ନାଗ,ହୀରାଧର ନାଏକ,ଜଗନ୍ନାଥ ବୋଡ଼କିଆ ,ମକରନ୍ଦ ଝାଙ୍କର ପ୍ରମୁଖ ପ୍ରକାଶ କରିଛନ୍ତି। ଗ୍ରାମ ଦେବୀ ସେହି ଦୁର୍ବୃତ୍ତକୁ ଚିହ୍ନଟ କରିବା ଓ ଦଣ୍ଡ ଦେବା ନେଇ ଦେବୀଙ୍କ ଥରେ ଧାରଣା କରିଥିବା ପ୍ରକାଶ କରିଛନ୍ତି।

# ନୂଆଁଖାଇ ଭେଟ୍‌ଘାଟ ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା



ଲାଞ୍ଜିଗଡ଼,୪।୯(ସମିସ): ବୁଧବାର କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ସ୍ଥିତ ବୁଢ଼ା ଉମେର(ଜାମଗୁଡ଼ା) ଗାଁରେ ନୂଆଁଖାଇ ଭେଟ୍‌ଘାଟ ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମାଁ ଧରଣୀ ଯୁବକ ସଂଘ କମିଟିର ସଭାପତି ଯଶୋବନ୍ତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରଦିପ ଘଡେଇ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ଉପାଧ୍ୟକ୍ଷ ଜଗଦୀଶ ବେନିଆ ଯୋଗଦେଇ ଥିଲେ।ସମ୍ମାନିତ ଅତିଥି ଭାବେ ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝୀ,ନାଏବ ସରପଞ୍ଚ ପବିତ୍ର ବିଭାର, ଏଡିଓ କର୍ଣ୍ଣ ମହାନନ୍ଦ, ଯୋଗାଣ ସହାୟକ କୁଳମଣି ବେହେରା, ସାମ୍ବାଦିକ ନିଲେଶ କୁମାର ନାଗ, କର୍ଲାକୁପା ଗାଁ ଗୌତିଆ ରାମପ୍ରସାଦ ବେହେରା, ଯୁବ ସମାଜସେବୀ ଲକ୍ଷ୍ମୀକାନ୍ତ ବେହେରା, ଜୟମୁନୀ ବେହେରା, ଯଦୁ ନାଏକ, ଗାଁ ଗୌତିଆ ମଦନ ମାଝୀ ପ୍ରମୁଖ ଯୋଗଦେଇ ଥିଲେ। ନୂଆଁଖାଇ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ନୃତ୍ୟ ପ୍ରତିଯୋଗିତାରେ କୃତି ପ୍ରତିଭାକୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସାମ୍ବାଦିକ ଗୋପାଳ ଦାସ ମହାନନ୍ଦ ପରିଚାଳନା କରିଥିଲେ। ଏଥିରେ ମାଁ ଧରଣୀ ଯୁବକ ସଂଘର ସଦସ୍ୟ ବଳରାମ ନାଏକ, ଈଶ୍ୱର ମାଝୀ, ବିଶ୍ୱାମିତ୍ର ମାଝୀ, ଲିଙ୍ଗରାଜ ମାଝୀ,ସେତା ମାଝୀ, ଦୁର୍ଯ୍ୟୋଧନ ନାଏକ, ଗନ୍ଧର୍ବ ନାଗଙ୍କ ସମେତ ଗ୍ରାମର ଯୁବବର୍ଗ ବୟୋଜ୍ୟେଷ୍ଠ ସହଯୋଗ କରିଥିଲେ।

● ଫେଲ୍ ମାରୁଛି ଗ୍ରାମ୍ୟ ପରିମଳ ବିଭାଗ

# ଲିଟିସର୍ଗି ଗାଁ ମଝିରେ ମଇଳା ପାଣି

ନୂଆପଡ଼ା,୪।୯(ସମିସ): ସ୍ୱଚ୍ଛତାକୁ ନେଇ ଅନେକ କାର୍ଯ୍ୟକ୍ରମ ହେଉଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀନରେ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା ସବୁ କାର୍ଯ୍ୟକାରୀ ହେଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଯୋଜନା ବାଟ ହୁଡୁଛି। ଗାଁ ଗୁଡିକରେ ଅସ୍ୱଚ୍ଛ ବାତାବରଣ ଲାଗି ରହିଛି। ଗାଁ ମଝିରେ ମଇଳା ପାଣି ଜମି ଦୁର୍ଗନ୍ଧ ହେବା ସହ ଲୋକେ ନାନା ରୋଗର ଶିକାର ହେଉଛନ୍ତି। ଏଭଳି ଏକ ଉଦାହରଣ ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍ ଲିଟିସର୍ଗୀ ଗାଁରେ ଦେଖିବାକୁ ମିଳିଛି। ଗାଁ ମଝିରେ ମଇଳା ପାଣି ଜମି କୃତ୍ରିମ ପୋଖରୀ ପରି ଲାଗୁଛି। ଦିନେ କି ଦୁଇ ଦିନ ନୁହେଁ, ଅନେକ ଦିନ ଧରି ମଇଳା ପାଣି ଜମୁଛି। ଏହି ରାସ୍ତା ଦେଇ ପିଲାଏ ସ୍କୁଲକୁ ଯିବା ଆସିବା କରୁଥିବା ବେଳେ ଲୋକେ ଦୋକାନ ବଜାର ବି ଯାଉଛନ୍ତି। ବୃଦ୍ଧବୃଦ୍ଧା ଓ ସାଧାରଣ ଲୋକ ଚାଉଳ ଭତ୍ତା ପାଇଁ ପଞ୍ଚାୟତକୁ ଯାଉଛନ୍ତି। ହେଲେ ଫେରିଲା ବେଳେ କାଦୁଅ ସରସର୍ ହୋଇ ଫେରୁଛନ୍ତି। ବିଭିନ୍ନ ସମୟରେ ଶିଶୁମାନେ ଝଡାବାନ୍ତି, ଚର୍ମରୋଗ ଆଦିରେ ଆକ୍ରାନ୍ତ ହେଉଥିବାରୁ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧୁଛି। ଅନେକ ଦିନ ଧରି ଏମିତି ଦୁର୍ଗନ୍ଧ ଯୁକ୍ତ ମଇଳା ପାଣିରେ ଯିବା ଆସିବା କରୁଛନ୍ତି। ବାରମ୍ବାର ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲାପ୍ରଶାସନକୁ ଜଣାଇ ନିରାଶ ହୋଇ ପଡିଛନ୍ତି। ଗାଁ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଆମେ ବୋଡ଼େନ ବିଡ଼ିଓଙ୍କୁ ଜଣାଇଥିଲୁ, ଖୁବ ଶିଘ୍ର ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି। କେବେ ମଇଳା ପାଣିରେ ଚାଲିବା ବନ୍ଦ ହେବ, କେବେ ରାସ୍ତା ହେବ, ସେ ଦିନକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି।




ୟୁନିୟନ ବ୍ୟାଙ୍କ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୨.୦୯.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| ଯୋଡା ଶାଖା, ମେନ୍ ରୋଡ୍, ଯୋଡା, ପିନ୍-୭୫୮୦୩୮, ମୋ.: ୯୬୩୫୧୪୨୭୨୩ | | | | |
| ୧. | ସାନ୍ନା ପ୍ରବୀନ୍, ସ୍ୱାମୀ: ମହମ୍ମଦ ଗଫୁର କୁରେଶୀ, ସା: ଯୋଡା ମାର୍କେଟ, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୪ / ୧୩୬୭୧୬୫୩୦୦୦୦୪୫୫ | ଟ.୩୦,୬୯୯.୦୦ | ୨.୩୬ | ୩.୧୩ |
| ୨. | ଶ୍ରୀମତୀ ସୁନିତା ପୃଷ୍ଟି, ସ୍ୱାମୀ: ଶୁକଦେବ ପୃଷ୍ଟି, ସା: କୋହୁରଇଡା, ଭୂର୍ଯ୍ୟରଇଡା, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୫ / ୧୩୬୭୧୬୫୩୦୦୦୦୩୮୦ | ଟ.୨୩,୬୯୬.୮୫ | ୫.୫୬ | ୬.୬୫ |
| ରାଇରଙ୍ଗପୁର ଶାଖା, ପ୍ଲଟ୍ ନଂ.: ୫୪/୧୦୬୬, ଦୋବେ ଧର୍ମଶାଳା ସାମ୍ନା, ୱାର୍ଡ ନଂ.-୯, ପୋ: ରାଇରଙ୍ଗପୁର, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୪୩, ମୋ.: ୯୭୦୪୮୬୮୮୪ | | | | |
| ୧. | ମହମ୍ମଦ କୁଲଫିକାର ଅଲ୍ଲି, ୱାର୍ଡ ନଂ.-୧୧, ଗ୍ରାମ: ଠାକୁରାଣୀବେଡା, ପୋ: ରାଇରଙ୍ଗପୁର, ଥାନା: ରାଇରଙ୍ଗପୁର, ମୟୂରଭଞ୍ଜ-୭୫୭୦୨୨ / ୭୬୩୯୦୬୬୩୦୦୦୦୦୦୩ | ଟ.୪୭,୮୦୨.୦୦ | ୧୧.୩୮୯ | ୧୬.୨୭ |
| ରେମୁଣା-କାନୁଗଞ୍ଜ ଶାଖା, ଗଣେଶ୍ୱରପୁର, କାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩ | | | | |
| ୧. | ଶ୍ରୀ ପ୍ରଫୁଲ୍ଲ କୁମାର ଜେନା, ପିତା: ଝାଡେଶ୍ୱର ଜେନା, ସା: ସରସ୍ୱତୀପୁର, ପୋ: ଛଣପୁର, ବାଲେଶ୍ୱର, ପିନ୍-୭୫୬୦୫୬ / ୭୨୩୭୦୬୬୩୦୦୦୦୦୦୫୧ | ଟ.୧,୫୬,୭୩୦.୦୦ | ୩୩.୪୧୭ | ୩୫.୫୬ |
| ବାଲେଶ୍ୱର ମୁଖ୍ୟ ଶାଖା, ଆର୍ କେ ପ୍ଲାଜା, ୧ମ ମହଲା, ହସ୍ପିଟାଲ ରୋଡ୍, ଭି ଏନ୍ ମାର୍ଗ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୭୭୩୫୩୪୬୬୬୯ | | | | |
| ୧. | ଶ୍ରୀ ସୁଦାମ ମହାରଣା, ପିତା: ସୁଧବ ମହାରଣା, ସା: ମହାରଣା ସାହି, ବାଣେଶ୍ୱର ନିକଟ, ବାଲେଶ୍ୱର-୭୫୬୦୦୨ / ୫୦୦୬୦୬୫୪୦୦୦୦୦୯୬୭ | ଟ.୪,୮୭,୯୧୯୬ | ୮୫ | ୧୦୦.୬ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତ ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତ ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତ କରିପାରିବ।

ସ୍ଥାନ : ବାଲେଶ୍ୱର
ତାରିଖ : ୦୪.୦୯.୨୦୨୫

ଶାଖା ପ୍ରବନ୍ଧକ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା; ୫ ଅଭିଯୁକ୍ତ କୋର୍ଟଚାଲାଣ

ଲାଞ୍ଜିଗଡ଼,୪।୯(ସମିସ)



ମାସକ ମଧ୍ୟରେ ଗୁଣିଗାରେଡ଼ି ସନ୍ଦେହରେ ଘଟିଛି ତିନୋଟି ହତ୍ୟାକାଣ୍ଡ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଶ୍ୱନାଥପୁର ଥାନା ଅଞ୍ଚଳରେ ଘଟିଥିବା ଏସବୁ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ବିଶ୍ୱନାଥପୁର ପୁଲିସ। ପୂର୍ବରୁ ଲାଞ୍ଜି ପଞ୍ଚାୟତ କାଣ୍ଡାମା ଓ ବେ?ାଗାଁ ପଞ୍ଚାୟତ ମନସ୍ତରା ପରେ ଗତକାଲି କୁମଖାଲ ପଞ୍ଚାୟତ ଅନ୍ତର୍ଗତ ମେରାଙ୍ଗପଦର ଗାଁରେ ଗୁଣିଗାରେଡ଼ି ସନ୍ଦେହର୍‌େ ଘଟିଥିବା ହତ୍ୟାକାଣ୍ଡରେ ମଧ ପୁଲିସକୁ ସଫଳତା ମିଳିଛି। ଏହି ଘଟଣାରେ ପୁଲିସ ଶବ ଜବତ କରି ତଦନ୍ତ କରିବା ପରେ ଗୁରୁବାର ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଗୁରୁବାର ବିଶ୍ୱନାଥପୁର ଥାନା ପରିସରରେ କଳାହାଣ୍ଡି ପୁଲିସ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୁଭ୍ରାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ତାଙ୍କ ସହିତ କେସିଙ୍ଗା ଉପଖଣ୍ଡ ପୁଲିସ ଅଧିକାରୀ ସମ୍ବିତ କୁମାର ମାଝୀ, ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ମେରାଙ୍ଗପଦର ଗାଁର ସାନ୍ଧୁ ମାଝୀ (୪୦) ଗତକାଲି ବୁଧବାର ନିକଟସ୍ଥ ଖଜୁରଗୁଡ଼ା ଗାଁକୁ ନିଜ ସାଇକେଲ ସଜାଡ଼ିବାକୁ ଯାଇ ଘରକୁ ଫେରିନଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନଫେରିବାରୁ ତାଙ୍କ ସ୍ତ୍ରୀ ରାଜା ମାଝୀ ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିଥିଲେ। ଏପରିକି ଗୁଣିଗାରେଡ଼ି ସନ୍ଦେହରେ ତାଙ୍କ ସ୍ୱାମୀକୁ ହତ୍ୟାକରି ଫିଙ୍ଗି ଦିଆଯାଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ ପାଇବା ପରେ କେସିଙ୍ଗା ଉପଖଣ୍ଡ ପୁଲିସ ଅଧିକାରୀ ଶ୍ରୀମାଝୀଙ୍କ ନେତୃତ୍ୱରେ ବିଶ୍ୱନାଥପୁର ଥାନାଧିକାରୀ ଶ୍ରୀଶବର, ଏଏସ୍ଆଇ ବୁଦ୍ଧିଶ୍ୟାମ ମାଝୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ମେରାଙ୍ଗପଦର ଗାଁକୁ ପହଞ୍ଚିବା ସହିତ ତଦନ୍ତ ଆରମ୍ଭ କରିଥିଲେ। ଏହାସହିତ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍‌ର ସହାୟତା ନେଇଥିଲେ। ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିବା ସହିତ ଏହି ମାମଲାରେ ପାଞ୍ଚଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପଚରାଉଚରା କରିଥିଲା। ସେମାନଙ୍କ ଠାରୁ ସୂଚନା ପାଇ ମେରାଙ୍ଗପଦର ଜଙ୍ଗଲ ଭିତରେ ପୋତା ଯାଇଥିବା ଅବସ୍ଥାରେ ସାନ୍ଧୁଙ୍କ ଶବ ଠାବ କରାଯାଇଥିଲା। ଏହାପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସନ୍ଦୀପ ତିର୍କିଙ୍କ ଉପସ୍ଥିତିରେ ମାଟି ଖୋଳି ଶବ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତଙ୍କଠାରୁ ସୂଚନା ପାଇ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଧାରୁଆ ଛୁରିକୁ ଜବତ କରିଥିଲା ପୁଲିସ। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଏହି ଘଟଣାରେ ସଂପୃକ୍ତ ସେହି ଗାଁର ଘୁରୁଣା ମାଝୀ (୫୩), ପୁଷ୍ଟା ଓରଫ କୁଷ୍ଟା ମାଝୀ (୩୫), ସାନ୍ଦ୍ରୁ ମାଝୀ(୩୮), ଲଛମନ ମାଝୀ (୩୯), ରାଜୁ ମାଝୀ (୩୨)ଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ସାନ୍ଧୁଙ୍କୁ ଗୁଣିଗାରେଡ଼ି ସନ୍ଦେହର୍‌େ ହତ୍ୟା କରିଥିବା ସ୍ୱୀକାର କରିବା ପରେ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର କରିବାରୁ ସେମାନଙ୍କୁ ଜେଲ ଯିବାକୁ ପଡିଛି। ଏନେଇ ବିଶ୍ୱନାଥପୁର ଥାନା କେସ ନଂ ୫୮/୦୩.୯.୨୦୨୫ରେ ମାମଲା ରୁଜୁ କରି ବିଶ୍ୱନାଥପୁର ଥାନାଧିକାରୀ ଶ୍ରୀ ଶବର ତଦନ୍ତ କରୁଛନ୍ତି।

ତେବେ ମାସକ ମଧ୍ୟରେ ଗୁଣିଗାରେଡ଼ି ସନ୍ଦେହରେ ତିନୋଟି ହତ୍ୟାକାଣ୍ଡ ଘଟିବା ପରେ ପୁଲିସର ମୁଣ୍ଡବ୍ୟଥା ବଢିଯାଇଛି। ଆଗାମୀ ଦିନରେ ବିଶ୍ୱନାଥପୁର ଥାନା ଅଞ୍ଚଳରେ ପୁଲିସ ପ୍ରଶାସନ, ନିର୍ବାଚିତ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂସ୍ଥା, ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କୁ ନେଇ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ବିରୋଧରେ ଲୋକଙ୍କୁ ସଚେତନ କରିବାକୁ କଳାହାଣ୍ଡି ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ଉପଖଣ୍ଡ ପୁଲିସ ଅଧିକାରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

# ସମ୍ପାଦକୀୟ



ସେମାନେ ହିଁ ପ୍ରକୃତ ଶିକ୍ଷକ, ଯେଉଁମାନେ ଆମ ନିଜକୁ ଚିନ୍ତା କରିବାରେ ସାହାଯ୍ୟ କରନ୍ତି ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

ସକାଳ
THE SAKALA

## ଜିଏସ୍‌ଟି ଆଶ୍ୱସ୍ତି

ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ପ୍ରଚଳନ ପରେ ଯେଉଁ ବ୍ୟାଖ୍ୟାନ ସୃଷ୍ଟି କରାଗଲା ସେଥିରେ କୁହାଗଲା ଯେ ପୂର୍ବରୁ ଗରିବଙ୍କ ଜୀବନଧାରଣ ପାଇଁ ଅତ୍ୟାବଶ୍ୟକ ଅଟା ଓ ଚାଉଳରେ ମଧ୍ୟ ଟିକସ ଲାଗୁଥିଲା । ଜିଏସ୍‌ଟି ପରେ ଗରିବ ଆଶ୍ୱସ୍ତ ହେବେ । କିନ୍ତୁ ଜିଏସ୍‌ଟି ପରିସରକୁ ଏଭଳି ଅନେକ ଦ୍ରବ୍ୟ ଓ ସେବା ଅଣାଗଲା, ଯାହା ଥିଲା ଅଭୂତପୂର୍ବ ଓ ଅବିଶ୍ୱସନୀୟ । ସେଥିମଧ୍ୟରୁ ଗୋଟିଏ ଥିଲା ସମ୍ବିଧାନ ପ୍ରଦତ୍ତ ଜୀବନ ଜିଇଁବାର ମୌଳିକ ଅଧିକାର ସହିତ ଯୋଡ଼ି ହୋଇଥିବା ସ୍ୱାସ୍ଥ୍ୟବୀମା ଓ ଜୀବନ ବୀମା । ଅବିଶ୍ୱସନୀୟ ଭାବେ ଏହା ଉପରେ ୧୮% ପର୍ଯ୍ୟନ୍ତ ଜିଏସ୍‌ଟି ଧାର୍ଯ୍ୟ କରାଯାଇଥିଲା । ଭାରତରେ ବୀମା କମ୍ପାନୀମାନେ ପ୍ରଚୁର ଲାଭ କରୁଥିଲେ ମଧ୍ୟ ଜିଏସ୍‌ଟି ବୋଝ ବୀମାଧାରୀ ବା ଉପଭୋକ୍ତାଙ୍କୁ ହିଁ ମୁଣ୍ଡାଇବାକୁ ପଡୁଥିଲା । ଏହାକୁ ନେଇ ଟିକସଦାତାଙ୍କ ମନରେ ପ୍ରବଳ ଅସନ୍ତୋଷ, ଏପରିକି ଏନ୍‌ଡିଏ ଭିତରେ ମଧ୍ୟ ବିରୋଧାଭାସ ସୃଷ୍ଟି ହୋଇଥିଲା । ବରିଷ୍ଠ ବିଜେପି ନେତା ନିତିନ ଗଡ଼କରୀ ଅନେକ ଜନସଭାରେ ଏହାକୁ ନାପସନ୍ଦ କରି ମନ୍ତବ୍ୟ ଦେଇଥିଲେ । ସୁଖର କଥା ଯେ ସଦ୍ୟତମ ଜିଏସ୍‌ଟି ବୈଠକରେ ସ୍ୱାସ୍ଥ୍ୟ ଓ ଜୀବନ ବୀମା ସମେତ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଶିକ୍ଷା ସହିତ ଜଡ଼ିତ କେତେକ ଉପକରଣକୁ ଜିଏସ୍‌ଟି ପଞ୍ଝାରୁ ମୁକ୍ତ କରିଦିଆଯାଇଛି ।

ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ବିଧାନ ପ୍ରଦତ୍ତ ଦୁଇ ମୌଳିକ ଅଧିକାର । ଅଥଚ ଭାରତରେ ସର୍ବାଧିକ ସମସ୍ୟାବହୁଳ କ୍ଷେତ୍ର ରୂପେ ପରିଚିତ ଏହି ଦୁଇଟିରେ ବଜେଟ୍ ବ୍ୟୟବରାଦ ନୈରାଶ୍ୟଜନକ । ଅପରପକ୍ଷରେ ଦିନକୁ ଦିନ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟୟବହୁଳ ହୋଇପଡୁଥିବା ବେଳେ ସେଗୁଡ଼ିକ ଉପରେ ୧୨%-୧୮% ଜିଏସ୍‌ଟି 'ବୋଝ ଉପରେ ନଳିତା ବିଡ଼ା' ଭଳି ହୋଇଥିଲା । ଶିକ୍ଷା ଓ ସ୍ୱାସ୍ଥ୍ୟ ବୀମା ଉପରେ ଜିଏସଟି୍ ଯେ ସମ୍ବିଧାନର ପରିପନ୍ଥୀ ଏହା ହୃଦ୍‌ବୋଧ କରିବାକୁ ସରକାରଙ୍କୁ ୯ ବର୍ଷ ଲାଗିଗଲା । ଶିକ୍ଷା ସହିତ ସଂଶ୍ଳିଷ୍ଟ ଉପକରଣକୁ ୧୨% ଜିଏସ୍‌ଟି ସ୍ଲାବ୍‌ରୁ ମୁକ୍ତ କରି ୦% କରାଯାଇଥିବା ବେଳେ ତଥାପି କେତେକ ସ୍ୱାସ୍ଥ୍ୟ ଓ ଚିକିତ୍ସା ଉପକରଣ ଜିଏସ୍‌ଟିର ପଞ୍ଝାରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇନାହିଁ । ଆଗାମୀ ଦିନରେ ଏ ଦିଗପ୍ରତି ଜିଏସ୍‌ଟି ପରିଷଦ ଦୃଷ୍ଟି ଦେବେ ବୋଲି ଆଶା ।

ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ବିବାଦ ପୃଷ୍ଠଭୂମିରେ ବିହାର ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବର ବାଧ୍ୟବାଧକତା ହେଉ କିମ୍ବା ସରକାରଙ୍କ ଜନକଲ୍ୟାଣ ଦୃଷ୍ଟିକୋଣରୁ ଚାରିଥାକିଆ ଜିଏସ୍‌ଟି ଏବେ ତିନିଥାକିଆର ରୂପ ନେଇଛି । ୧୨% ଓ ୨୮% ସ୍ଲାବ୍‌କୁ ହଟାଇ ତା' ଅଧୀନରେ ଆସୁଥିବା ନିତ୍ୟବ୍ୟବହାର୍ଯ୍ୟ, ବିଳାସପୂର୍ଣ୍ଣ ଓ ଆମୋଦଦାୟକ ସାମଗ୍ରୀ, ଯାନବାହନ, କୃଷି ଉପକରଣ ଆଦିକୁ ୫% ଓ ୧୮% ସ୍ଲାବ୍‌ରେ ବାଣ୍ଟି ଦିଆଯାଇଥିବାରୁ ମହଙ୍ଗା ମାଡ଼ ଓ ଆୟ ସଂକୋଚନରେ ଘାଇଲା ଖାଉଟି ଆଶ୍ୱସ୍ତି ପାଇବେ ନିଶ୍ଚୟ । ଏହାଦ୍ୱାରା ବଜାର ଅର୍ଥନୀତି ମଧ୍ୟ ଚଳଚଞ୍ଚଳ ହୋଇ ଅଭିବୃଦ୍ଧିକୁ ଗତି ମିଳିବ । ଜିଏସ୍‌ଟି ସ୍ଲାବ୍ କୋହଳ ଦ୍ୱାରା ସରକାର ଯେତିକି ରାଜସ୍ୱ ହରାଇବେ ତାହାକୁ ତମାଖୁଜାତୀୟ ଉତ୍ପାଦରୁ ଭରଣା କରିବେ । କାରଣ ଇତିମଧ୍ୟରେ ସେହିସବୁ ଆପତ୍ତିଜନକ ସାମଗ୍ରୀର ବ୍ୟବହାର ବୃଦ୍ଧି ପାଉଥିବା ବେଳେ ଜିଏସ୍‌ଟିର ୪୦% ସ୍ଲାବ୍ ମଧ୍ୟରେ ସେଗୁଡ଼ିକୁ ରଖାଯାଇଛି । ତେଣୁ ରାଜସ୍ୱ ଭରଣାରେ ସରକାରଙ୍କ ପାଇଁ ବିଶେଷ ଅସୁବିଧା ହେବ ନାହିଁ । କିନ୍ତୁ ଏହାଦ୍ୱାରା ରାଜ୍ୟମାନଙ୍କର ଟିକସ ରାଜସ୍ୱ ହାନି ନେଇ ଯେଉଁ ଅଭିଯୋଗ ଓ ଭରଣା ଦାବିମାନ ଆସିବ ତାହାର ସମାଧାନ କେନ୍ଦ୍ର ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବ ।

## ସ୍ୱପ୍ନରେ ଅଙ୍କୁଶ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ବିରୋଧୀ ଅସୂୟା ଉକ୍ରଟ ହେଉଛି । ଏହା ଯେ ଉଭୟଦେଶ ପାଇଁ ଅହିତ ତାହା ବୁଝିବା ସ୍ଥିତିରେ ଟ୍ରମ୍ପ ନାହାନ୍ତି । ଭାରତର ରପ୍ତାନି ବାଣିଜ୍ୟ ପରେ ଟ୍ରମ୍ପଙ୍କ ରୋଷର ଶିକାର ହେବାକୁ ଯାଉଛନ୍ତି ଆମେରିକାରେ ପାଠପଢ଼ି ସେଠାରେ ଚାକିରି ଖୋଜିବାକୁ ସ୍ୱପ୍ନ ଦେଖୁଥିବା ପ୍ରବାସୀ ଛାତ୍ରଛାତ୍ରୀ । ଆମେରିକାରେ ପ୍ରଚଳିତ ନିୟମ ଓ ସର୍ତ୍ତ ଅନୁଯାୟୀ ପ୍ରବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଏଫ୍-୧ ଓ ଜେ ଆକାରରେ ଦୁଇପ୍ରକାର ଭିସା ଦିଆଯାଉଛି । ଏଫ୍-୧ ଭିସାଧାରୀମାନଙ୍କ ପାଖରେ ଛାତ୍ର ମାନ୍ୟତା ଥିବା ପର୍ଯ୍ୟନ୍ତ ଆମେରିକାରେ ରହିପାରୁଛନ୍ତି । ଗୋଟିଏ ପାଠ୍ୟକ୍ରମ ସରିବା ପରେ ଅନୁରୋଧ ଆଧାରରେ ଆମେରିକାର ଶିକ୍ଷାନୁଷ୍ଠାନମାନ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଅବଧି ବୃଦ୍ଧି ପାଇଁ ସୁପାରିସ କରୁଛନ୍ତି । ଏହାଦ୍ୱାରା ସେମାନେ ସେଠାରେ ରହି ଚାକିରି ଖୋଜିବା ସହଜ ହେଉଛି । ପାଠପଢ଼ା ଅବଧି ପରେ ଛାତ୍ରଛାତ୍ରୀଙ୍କୁ ସର୍ବାଧିକ ୬୦ ଦିନ ପର୍ଯ୍ୟନ୍ତ ରହିବାର ଅନୁମତି ମିଳୁଛି । ଏହି ନିୟମକୁ ଏବେ ଟ୍ରମ୍ପ ପ୍ରଶାସନ ସଂଶୋଧନ କରିବାର ପ୍ରସ୍ତୁତି ଚୂଡ଼ାନ୍ତ କରିଛନ୍ତି । ଆମେରିକାର ଡିପାର୍ଟମେଣ୍ଟ ଅଫ୍ ହୋମ୍‌ଲାଣ୍ଡ ସିକ୍ୟୁରିଟି(ଡିଏଚ୍‌ଏସ୍) ଦ୍ୱାରା ପ୍ରଣୀତ ସଂଶୋଧିତ ଚିଠା ନିୟମ ଅନୁଯାୟୀ ପ୍ରବାସୀ ଛାତ୍ରଛାତ୍ରୀଙ୍କୁ ୪ ବର୍ଷ କିମ୍ବା ପାଠ୍ୟକ୍ରମ ଅବଧି ମଧ୍ୟରୁ ଯାହା କମ୍ ଥିବ ସେତିକି ଦିନ ପାଇଁ ଭିସା ଅନୁମତି ମିଳିବ । ଏହାପରେ ଛାତ୍ରଛାତ୍ରୀମାନେ ସେଠାରେ ରହିବାକୁ ହେଲେ ସିଧାସଳଖ ଡିଏଚ୍‌ଏସ୍‌କୁ ଆବେଦନ କରିବାକୁ ପଡ଼ିବ । ଯଦି ଡିଏଚ୍‌ଏସ୍ ସନ୍ତୁଷ୍ଟ ହୁଏ ତେବେ ସର୍ବାଧିକ ୩୦ ଦିନ ପର୍ଯ୍ୟନ୍ତ ହିଁ ରହିବା ଅନୁମତି ମିଳିବ ।

୨୦୨୩-୨୪ ତଥ୍ୟାନୁଯାୟୀ ଆମେରିକାରେ ୧୧ ଲକ୍ଷ ୨୭ ହଜାର ପ୍ରବାସୀ ଛାତ୍ରଛାତ୍ରୀ ଅଛନ୍ତି, ଯାହାଙ୍କ ମଧ୍ୟରୁ ପ୍ରାୟ ଏକ-ଚତୁର୍ଥାଂଶ ବା ୩ ଲକ୍ଷ ୩୧ ହଜାର ଭାରତୀୟ । ତେଣୁ ଟ୍ରମ୍ପଙ୍କ ନୂଆ ଭିସା ନିୟମରେ ଭାରତୀୟ ଛାତ୍ରଛାତ୍ରୀ ସର୍ବାଧିକ ପ୍ରଭାବିତ ହେବେ । କିନ୍ତୁ ଯେଉଁମାନଙ୍କୁ ଏଫ୍-୧ ଭିସା ଅନୁମତି ମିଳିସାରିଛି ସେମାନେ ନୂଆ ନିୟମରେ ପ୍ରଭାବିତ ହେବେ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଆମେରିକାକୁ ପୁଣି ସମୃଦ୍ଧିଶାଳୀ କରିବା ଲକ୍ଷ୍ୟ(ମେକ୍ ଆମେରିକା ଗ୍ରେଟ୍ ଏଗେନ୍-ମାଗା)ରେ ଟ୍ରମ୍ପଙ୍କ ମାତ୍ରାଧିକ ରକ୍ଷଣଶୀଳ ରାଷ୍ଟ୍ରବାଦୀ ନୀତି ଆମେରିକାକୁ ତାଙ୍କ ଲକ୍ଷ୍ୟ ବିପରୀତ ଦିଗରେ ନେଇଯାଇପାରେ । ତେଣୁ ଆମେରିକାର କୁଳପତି ଓ ଅଧ୍ୟକ୍ଷ ସଂଘ ଚିଠା ନିୟମର ପୁନଃବିଚାର ପାଇଁ ଟ୍ରମ୍ପ ପ୍ରଶାସନକୁ ପ୍ରସ୍ତାବ ଦେଇଛନ୍ତି । 'ମାଗା'ରେ ମଣିଷ ଗଢ଼ା ଉଦ୍ୟମର ଫଳ ଯଦି ମାଙ୍କଡ଼ର ରୂପ ନିଏ ତେବେ ତାହା କେବଳ ଆମେରିକା ନୁହେଁ, ସମଗ୍ର ବିଶ୍ୱ ପାଇଁ ଅହିତକର ହେବ - ଏହା ଟ୍ରମ୍ପଙ୍କୁ ତାଙ୍କ ପରାମର୍ଶଦାତା ପରିଷଦ ବୁଝାଇବା ଆବଶ୍ୟକ ।

# ଆମେ ଖାଉଟି ହୋଇ ରହିଗଲେ

ଗୌରୀ ପ୍ରସାଦ ମହାପାତ୍ର

ଆମେ ବିଶ୍ୱର ସର୍ବବୃହତ୍ ଓ ସଚଳ ଖାଉଟି ବଜାରର ଅଧିକାରୀ । ତେଣୁ ବିଦେଶୀ ଯେତେ ଶକ୍ତିଶାଳୀ ଓ ପ୍ରତିପତ୍ତିଶାଳୀ ହେଉ ପଛକେ ଆଜିର ବଜାର-ଅର୍ଥନୈତିକ ବିଶ୍ୱ ପ୍ରେକ୍ଷାପଟରେ ଆମ ସହିତ ସାଲିସ୍ କରିବାକୁ ବାଧ୍ୟ । ଏହି ଧାରଣାରୁ ଊର୍ଦ୍ଧ୍ୱକୁ ଆମେ ଯଦି ଉଠିପାରିଥା'ନ୍ତେ, ତା'ହେଲେ ଆଜି ଆମେରିକା ଚାପରେ ଅସହାୟ ହୋଇ ପଡ଼ି ନଥା'ନ୍ତେ । ଖାଉଟି ମାନସିକତା, ଶ୍ରମକାତରତା ଓ ନୀତିଗତ ଅର୍ଥବତାର କର୍ମସଂସ୍କୃତି ଭିତରେ ଆମେ ଯାହା ଯେତିକି ଉତ୍ପାଦନ କଲୁ ସେଥିରୁ ସିଂହଭାଗ ରପ୍ତାନୀ ପାଇଁ କେବଳ ଆମେରିକା ବଜାର ଉପରେ ନିର୍ଭର କରି ଅଧିକ ଲାଭ, ସୁଖ ଓ ଶାନ୍ତି ଖୋଜିଲୁ; ଅଥଚ ବିଶ୍ୱ ବଜାରର ଆହ୍ୱାନକୁ ସମ୍ମୁଖୀନ ହେବାକୁ ଆଗଭର ହେଲୁ ନାହିଁ । ଆମେରିକାର ଆମଦାନୀ ଶୁଳ୍କ ବୃଦ୍ଧିରେ ଆକ୍ରାନ୍ତ ହେବା ପରେ ଯାଇ ଏବେ ବିକଳ୍ପ ବଜାର ସନ୍ଧାନ ଆରମ୍ଭ କରିଛୁ । ଯଦିବା ଆମେ ଏଥିରେ ଆଶୁ ସଫଳତା ଲାଭ କରୁ, ତଥାପି ଯେ ବାଣିଜ୍ୟ ନିଅଣ୍ଟକୁ ଭରଣା କରିପାରିବୁ ସେ ସମ୍ଭାବନା ନିକଟ ଭବିଷ୍ୟତରେ ଦିଶୁନାହିଁ ।

ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଆମେ କେବଳ ଖାଉଟି ହୋଇ ରହିଯିବା ପଛରେ ମୁଖ୍ୟ କାରକଟି ହେଉଛି ରାଜନୈତିକ ବାଧ୍ୟବାଧକତା ଜନିତ ନୀତିଗତ ସ୍ଥାଣୁତା । ପ୍ରତିଯୋଗୀ ପ୍ରତିବେଶୀ ଚୀନ୍ ସହିତ ଆମର ତୁଳନା କରାଯାଉ । ଆମେ ସ୍ୱାଧୀନତା ଲାଭ କରିବାର ଦୁଇବର୍ଷ ପରେ ଚୀନ୍ ସ୍ୱାଧୀନ ରାଷ୍ଟ୍ର ଘୋଷିତ ହେଲା । ଭାରତ ୧୯୯୧ରେ ମୁକ୍ତ ବାଣିଜ୍ୟ ଅର୍ଥନୀତିକୁ ଆପଣେଇବାର ପାଞ୍ଚ ବର୍ଷ ପରେ ଚୀନ୍ ଅର୍ଥନୈତିକ ସଂସ୍କାର ଆରମ୍ଭ କଲା । ଭାରତ ୨୦୧୪ରେ 'ମେକ୍ ଇନ୍ ଇଣ୍ଡିଆ' ଘୋଷଣା କରିବାର ବର୍ଷକ ପରେ 'ମେକ୍ ଇନ୍ ଚାଇନା -୨୦୨୫' ପ୍ରଣୟନ ହେଲା । ଅଥଚ ଆଜି ଚୀନ୍ ତୁଳନାରେ ଆମ ସ୍ଥିତି କେଉଁଠି ତାହାର ତର୍ଜମା କଲା ବେଳେ ନିରାଶା ଓ ହତାଶା ସୃଷ୍ଟି ହେବା ସ୍ୱାଭାବିକ । ମୁକ୍ତ ଅର୍ଥନୀତିକୁ ଆପଣେଇବା ସହିତ ଚୀନ୍ ତାହାର ଅର୍ଥନୀତିକୁ ସମ୍ପୂର୍ଣ୍ଣ ରୂପେ ଉତ୍ପାଦନଭିତ୍ତିକ କରିବାର ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କଲା । ଅଥଚ ଆମେ ଆମର ବିଶାଳ ଖାଉଟି ବଜାର ଲବ୍ଧ ରାଜସ୍ୱ ଉପରେ ସମ୍ପୂର୍ଣ୍ଣ ଭରସା କରି ରହିଗଲୁ । ଖାଉଟି ବଜାର ଅର୍ଥନୀତି ୨୦୦୮ ଆର୍ଥିକ ମାନ୍ଦାବସ୍ଥାରୁ ଭାରତୀୟ ଅର୍ଥବ୍ୟବସ୍ଥାକୁ ସୁରକ୍ଷା ଦେବାରେ ସହାୟକ ହେଲା ସତ; କିନ୍ତୁ ଖାଉଟି-ଭାରତୀୟର ଛାପ ସୃଷ୍ଟି କରିଗଲା । ଫଳ ହେଲା ଆଜି ଭାରତରେ ବିଶ୍ୱର ସର୍ବାଧିକ ବିଜ୍ଞାପନ ଓ ବହୁଦେଶୀୟ କମ୍ପାନୀଙ୍କ ଭିଡ଼ ବଢ଼ିବାରେ ଲାଗିଛି ।

ଆର୍ଥିକ ମାନ୍ଦାବସ୍ଥା ପରେ ପରେ ୨୦୧୦ରେ ଚୀନ୍ ଏକ ଅଭିନବ ଉତ୍ପାଦନ ନୀତି ଆପଣେଇଲା । ଅପେକ୍ଷାକୃତ କମ୍ ମୂଲ୍ୟଯୁକ୍ତ ସାମଗ୍ରୀ ନିର୍ମାଣକୁ ଭାରତ, ବାଂଲାଦେଶ, ମେକ୍ସିକୋ, ଭିଏତ୍‌ନାମ ପରି ସୁଲଭ ଶ୍ରମଭିତ୍ତିକ ଦେଶକୁ ସ୍ଥାନାନ୍ତରିତ କରି ଉଚ୍ଚମୂଲ୍ୟଯୁକ୍ତ ନିର୍ମାଣ, ଅଭିନବତା ଓ ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ଉତ୍ପାଦ ସବୁକୁ ନିଜ ଦେଶରେ ରଖିଲା । ସେଥିପାଇଁ ଆଜି ଏଆଇ, ମେସିନ ଲର୍ଣ୍ଣିଂ, ସବୁଜ ଶକ୍ତି ଆଦି କ୍ଷେତ୍ରରେ ଚୀନ୍ ଆମେରିକା ସହିତ କାନ୍ଧ ମିଳାଇବାର ଯୋଗ୍ୟତା ଅର୍ଜନ କରିପାରିଛି । ଚୀନ୍‌ର ଉତ୍ପାଦନ ନୀତିକୁ ସେତେବେଳେ କେତେକ ବିକାଶଶୀଳ ଦେଶ ଆପଣେଇଥିଲେ ମଧ୍ୟ ଆମେ ଆମ ମାତ୍ରାଧିକ ଆତ୍ମବିଶ୍ୱାସ ଏବଂ ଖର୍ବକାୟ ଶିଳ୍ପ-ବାଣିଜ୍ୟ ନୀତିକୁ ଜାବୁଡ଼ି ଧରି ସେଥିରୁ ଦୂରେଇ ରହିଲୁ । ଯଦି ଆମେ ସେତେବେଳେ ଚୀନ୍ ସୁଲଭ ବିଶ୍ୱ ନିର୍ମାଣ ହବ୍ ପ୍ରତିଷ୍ଠା କରି ଭାରତୀୟ ଉତ୍ପାଦକୁ ବହୁମୁଖୀ କରିଥା'ନ୍ତୁ ଏବେ ସେହିସବୁ କେନ୍ଦ୍ରରୁ ଉତ୍ପାଦିତ ଭାରତୀୟ ସାମଗ୍ରୀ ଶୁଳ୍କ କଟକଣାରୁ ମୁକ୍ତ ରହି ଆମେରିକା ବଜାରରେ ତୁଳନାତ୍ମକ ଭାବେ କମ୍ ମୂଲ୍ୟରେ ପ୍ରବେଶ କରିପାରିଥା'ନ୍ତା ଏବଂ ଭାରତୀୟ ବାଣିଜ୍ୟ-ଅର୍ଥନୀତିକୁ ଚିନ୍ତାମୁକ୍ତ କରିପାରିଥା'ନ୍ତା ।

ଖାଉଟି-ଭାରତୀୟରୁ ଉତ୍ପାଦକ-ଭାରତୀୟ ହେବାର ରାସ୍ତାରେ ଆଉ ଏକ ପ୍ରତିବନ୍ଧକ ଥିଲା ଆମ ରାଜନୈତିକ ସ୍ଥିତି ଓ ଶାସନ ବ୍ୟବସ୍ଥା । ବିଗତ ଶତାବ୍ଦୀର ଶେଷ ଦଶନ୍ଧିରୁ ଚଳିତ ଶତାବ୍ଦୀର ପ୍ରଥମ ଦେଢ଼ ଦଶନ୍ଧିରେ ମେଣ୍ଟ ସରକାରର ବାଧ୍ୟବାଧକତା ଯୋଗୁଁ ଅନେକ ଅତ୍ୟାବଶ୍ୟକ ଓ ଯୁଗୋପଯୋଗୀ ନୀତିଗତ ସଂସ୍କାର କାର୍ଯ୍ୟକାରୀ ହୋଇପାରିଲା ନାହିଁ । ପରବର୍ତ୍ତୀ ଦଶନ୍ଧିରେ ମେଣ୍ଟ ଶାସନର ବାଧ୍ୟବାଧକତା ଦୂର ହେଲା, ଅଥଚ କେନ୍ଦ୍ରରେ ବିରୋଧୀ ପ୍ରଭାବଶୂନ୍ୟ ନିରଙ୍କୁଶ ଶାସନ ନୀତିଗତ ସଂସ୍କାର ଦିଗରେ ମନ ବଳାଇଲା ନାହିଁ । ସଂସ୍କାର ସହିତ ପ୍ରତିଯୋଗିତାର ତୀବ୍ରତା ଜଡ଼ିତ ଥିବାରୁ ଭାରତୀୟ ଶିଳ୍ପ ଜଗତକୁ ସରକାର ଅସନ୍ତୁଷ୍ଟ କରିବାକୁ ଚାହିଁଲେ ନାହିଁ, ଯାହାର ପରାଭବ ଆମକୁ ଆଜି ଭୋଗ କରିବାକୁ ପଡୁଛି ।

୨୦୧୪ରେ ଆମେ ଆତ୍ମନିର୍ଭରଶୀଳତାର ସ୍ଲୋଗାନ୍ ଦେଇ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଆରମ୍ଭ କଲୁ । ଆଶା ଥିଲା ଖାଉଟି-ଭାରତର ଅପବାଦ ଲିଭି ଉତ୍ପାଦକର ସମ୍ମାନ ମିଳିବ । କିନ୍ତୁ ଆମେ 'ମେକ୍ ଇନ୍ ଇଣ୍ଡିଆ'ର ପ୍ରଚାରରେ ଯେତିକି ମୁଖର ହେଲୁ ବାସ୍ତବତାଠାରୁ ସେତିକି ଦୂରେଇଗଲୁ । ଅପରପକ୍ଷରେ ପ୍ରତିବେଶୀ ଚୀନ୍ ଡବ୍ଲୁଟିଓର ନୀତି ଓ ସର୍ତ୍ତର ଊର୍ଦ୍ଧ୍ୱରେ ତା'ର ଉତ୍ପାଦକଙ୍କୁ ସରକାରୀ ପ୍ରୋତ୍ସାହନ ଓ ସୁରକ୍ଷା ଦେଇ ବିଶ୍ୱ ପ୍ରତିଯୋଗୀକ୍ଷମ କରିବା ପାଇଁ 'ମେକ୍ ଇନ୍ ଚୀନ୍-୨୦୨୫' ଯୋଜନାକୁ ସମ୍ପୂର୍ଣ୍ଣ ଗୋପନ ରଖିଲା । ପୁଣି ବିଦେଶୀ ନିବେଶକମାନଙ୍କ ପାଇଁ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ଭଳି କଠୋର ସର୍ତ୍ତ ଧାର୍ଯ୍ୟ କଲା । ଏ ବିଷୟରେ ଅବଶିଷ୍ଟ ବିଶ୍ୱ ଜାଣିବା ବେଳକୁ ଚୀନ୍‌ର ସାମଗ୍ରୀ ବିଶ୍ୱବଜାରରେ ଆଧିପତ୍ୟ ବିସ୍ତାର କରିସାରିଥିଲା । ଏପରିକି ଭାରତରେ ଉତ୍ପାଦିତ ନିର୍ମାଣ ସାମଗ୍ରୀ ତୁଳନାରେ ଚୀନ୍‌ରୁ ଆମଦାନୀ ସାମଗ୍ରୀ ବହୁ କମ୍ ଦାମରେ ଉପଲବ୍ଧ । ବିଶ୍ୱ ଅର୍ଥନୈତିକ ମଞ୍ଚର ସୂଚନା ଅନୁଯାୟୀ, ସମ୍ପ୍ରତି ଚୀନ୍ ବିଶ୍ୱର ସବୁଜ ଜ୍ଞାନକୌଶଳର ୭୫%, ସୌରଚାଳିତ ଶକ୍ତିର ୮୦%, ଇଭିରେ ସିଂହଭାଗ ଦଖଲ କରିସାରିଛି । ରୋବୋଟିକ୍ ଓ ଇଞ୍ଜିନିୟରିଂରେ ଆମେରିକା ସହିତ ପାଦ ମିଳାଇ ପାରିଛି । ୧୯୯୬ରେ ବିଶ୍ୱ ରପ୍ତାନିଭିତ୍ତିକ ଉତ୍ପାଦନରେ ମାତ୍ର ୪% ଅବଦାନ ଥିବା ଚୀନ୍‌ର ଅଂଶ ଏବେ ୩୦% । ଭାରତର ଅଂଶ ୧.୮%ରୁ ସାମାନ୍ୟ ଅଧିକ ।

ଆମର ଖାଉଟି ମାନସିକତା, ଉତ୍ପାଦନରେ ନୀତିଗତ ଜଡ଼ତା ଓ ବିକଳ୍ପ ସନ୍ଧାନର କାତରତା ଯୋଗୁଁ ବିଗତ ୩୩ ବର୍ଷ ଧରି ଆମର ହାରାହାରି ଅଭିବୃଦ୍ଧି ହାର ୬.୨%ରେ ସୀମିତ । ଗତ ଦୁଇଦଶନ୍ଧି ମଧ୍ୟରେ ଆମ ଦେଶରେ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ନିବେଶ(ଏଫ୍‌ଡିଆଇ) ପରିମାଣ ଜିଡିପିର ହାରାହାରି ୨-୨.୫% । ଏବେ ତାହା ୧୯୯୦ ପୂର୍ବ ସ୍ଥିତି ୧%କୁ ହ୍ରାସ ପାଇଛି । ଏଫ୍‌ଡିଆଇର ଶିଥିଳତା ପଛରେ ମଧ୍ୟ ଥିଲା ଆମର ମାତ୍ରାଧିକ ଆତ୍ମବିଶ୍ୱାସ ପ୍ରେରିତ ନୀତିଗତ ନିଷ୍ପତ୍ତି ବା 'ଦ୍ୱିପାକ୍ଷିକ ନିବେଶ ଚୁକ୍ତି(ବିଆଇଟି) ।' ୨୦୧୫ରେ ପ୍ରଣୀତ ଏହି ନୀତି ଅନୁଯାୟୀ ଯଦି ବିଦେଶୀ ଓ ଘରୋଇ ସଂସ୍ଥାଙ୍କ ଦ୍ୱାରା ପ୍ରତିଷ୍ଠିତ ଯୌଥ ଉଦ୍ୟୋଗରୁ କୌଣସି ସଂସ୍ଥା ଓହରିବାକୁ ଚାହାନ୍ତି ତେବେ ସେମାନେ ଭାରତୀୟ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ବାଧ୍ୟ । ଏହି ନୀତି ପ୍ରଣୟନ ବେଳେ ଆମେ ନିଶ୍ଚିତ ହୋଇସାରିଥିଲୁ ଯେ ଆମର ବିଶାଳ ଖାଉଟି ବଜାର ପ୍ରତି ଆକୃଷ୍ଟ ହୋଇ ଯେକୌଣସି ବିଦେଶୀ ସଂସ୍ଥା ଆମ ମାଟିରେ ଶିଳ୍ପ ପ୍ରତିଷ୍ଠା କିମ୍ବା ନିବେଶ କରିବା ପାଇଁ ଧାଇଁ ଆସିବେ, ଯାହାଙ୍କୁ ଆମେ ଆମ ଆଇନ କାନୁନ୍ ଦ୍ୱାରା ବାନ୍ଧି ରଖିପାରିବୁ । କିନ୍ତୁ ଆମ ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟା ଯୋଗୁଁ ବିଦେଶୀ ସଂସ୍ଥା ତ ଏହି ସର୍ତ୍ତରେ ରାଜି ହେଲେ ନାହିଁ, ଅଧିକନ୍ତୁ ଯୌଥ ଉଦ୍ୟୋଗର ଭାରତୀୟ ସଂସ୍ଥାମାନେ ବିଦେଶୀ ବିଚାର ବ୍ୟବସ୍ଥା ଅଧୀନସ୍ଥ ହେବାକୁ ଅଧିକ ଇଚ୍ଛୁକ ହେଲେ ।

ଆମେ ଏବେ ଔଷଧ ଉତ୍ପାଦନ ଓ ରପ୍ତାନୀରେ ଅଗ୍ରଣୀ ରାଷ୍ଟ୍ର, ଅଥଚ ଏହାର କଞ୍ଚାମାଲ୍‌ର ୮୦% ଚୀନ୍ ଉପରେ ନିର୍ଭରଶୀଳ । ଆମର ଯେଉଁ ରପ୍ତାନିଭିତ୍ତିକ ବୟନ ଶିଳ୍ପ ଆମେରିକା ବଜାରରେ ଆଦୃତ ବୋଲି ଦାବି କରୁଛୁ, ତାହାର କଞ୍ଚାମାଲ୍ ବା କପାର ସିଂହଭାଗ ଆମେରିକାରୁ ଆସୁଛି । ଆମ ପରିସ୍ଥିତି ଏପରି ହୋଇଛି ଯେ ଆମେରିକା ଭାରତୀୟ ଉତ୍ପାଦ ଉପରେ ୫୦% ଆମଦାନୀ ଶୁଳ୍କ ଲାଗୁ କରିଥିବା ବେଳେ ଆମେ ଚଳିତ ବର୍ଷ ଶେଷ ପର୍ଯ୍ୟନ୍ତ ୦% ଶୁଳ୍କରେ ଆମେରିକାରୁ କପା ଆମଦାନୀ ପାଇଁ ଅନୁମତି ଦେଇଛୁ । ଏଥିରୁ ଆତ୍ମନିର୍ଭର ଭାରତର ବିବଶତା କେତେ ତାହାର ଅଧିକ ବିଶ୍ଳେଷଣ ଅନାବଶ୍ୟକ ।

କୃଷି କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି । ଅଶୋଧିତ ତୈଳ ପରେ ଡାଲି ଓ ଖାଇବା ତେଲ ଚାହିଦା ପୂରଣ ପାଇଁ ଆମେ ଆମଦାନୀ ଉପରେ ନିର୍ଭରଶୀଳ । ଭାରତରେ ଡାଲି ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଥିଲେ ମଧ୍ୟ ନୀତିଗତ ବୈଷମ୍ୟ ଆମ ଆମଦାନୀ ନିର୍ଭରଶୀଳତାକୁ ବୃଦ୍ଧି କରିଚାଲିଛି । ଉଦାହରଣସ୍ୱରୂପ ମୁଗଡାଲିର ଏମ୍‌ଏସ୍‌ପି କ୍ୱିଣ୍ଟାଲ୍ ପିଛା ୮, ୬୮୨ ଟଙ୍କା ଥିବା ବେଳେ ଖୋଦ୍ ସରକାରୀ ସଂସ୍ଥା ଖୋଲା ବଜାରରୁ କ୍ୱିଣ୍ଟାଲ୍ ପିଛା ୬ ହଜାର ଟଙ୍କାରେ କିଣୁଛି । ସୋୟାବିନ୍‌ର ମଧ୍ୟ ସମାନ ଅବସ୍ଥା । ଏଭଳି ସ୍ଥିତିରେ ଚାଷୀମାନେ କେବଳ ଏମ୍‌ଏସ୍‌ପି ପ୍ରାଧାନ୍ୟ ଧାନ ଓ ଗହମ ଉପରେ ଅଧିକରୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ସ୍ୱାଭାବିକ । ସେହିପରି ଆମେ ଏବେ ମୋଟ ଖାଇବା ତେଲ ଚାହିଦାର ମାତ୍ର ୪୦% ଉତ୍ପାଦନରେ ସକ୍ଷମ ଥିବା ବେଳେ ୬୦% ଆମଦାନୀ ଦ୍ୱାରା ପୂରଣ ହେଉଛି । ବିଡ଼ମ୍ବନା ହେଲା ଆମଦାନୀ ଭିତ୍ତିକ ଖାଇବା ତେଲ ଘରୋଇ ଉତ୍ପାଦ ତୁଳନାରେ ବହୁ ଶସ୍ତାରେ ମିଳୁଛି ।


ଏବେ ସମୟ ଆସିଛି ଆମେ ଉପଭୋକ୍ତାରୁ ଉତ୍ପାଦକ ହେବାର ମାନସିକତାକୁ ଉନ୍ନୀତ ହେବାକୁ ପଡ଼ିବ । ଏଥିପାଇଁ ଶିଳ୍ପଗୋଷ୍ଠୀ, ଶ୍ରମବଜାର ଓ ସର୍ବୋପରି ନୀତି ନିର୍ଦ୍ଧାରକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କିନ୍ତୁ ଯେଉଁ ଦେଶର ଭୋଟ ରାଜନୀତିରେ ୮୦ କୋଟି ପରିବାରକୁ ମାଗଣା ରାସନ୍ ଜରିଆରେ ଖାଉଟି ବ୍ୟବସ୍ଥାର ବାଧ୍ୟବାଧକତା ଭିତରକୁ ଠେଲି ଦିଆଯାଇଛି, ସେଠାରେ ଉତ୍ପାଦକ ମନସ୍କ ପରିବେଶ ସୃଷ୍ଟି ହେବ କେବେ ଓ କେମିତି?

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ୟୁରାନସର ୨୯ ତମ ଚନ୍ଦ୍ର

ଡ. ବିଜୟ କେତନ ପଟ୍ଟନାୟକ

ୟୁରାନ୍ସ ସୌରମଣ୍ଡଳର ସପ୍ତମ ଗ୍ରହ । ସୌର ମଣ୍ଡଳର କେନ୍ଦ୍ରବିନ୍ଦୁ ସୂର୍ଯ୍ୟଙ୍କଠାରୁ ଦୂରତା କ୍ରମରେ ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି ଓ ସପ୍ତମରେ ୟୁରାନ୍ସ ଗ୍ରହର ଅବସ୍ଥିତି । ୟୁରାନ୍ସ ପଛକୁ ରହିଛି ନେପଚୁନ୍ ଓ ବାମନ ଗ୍ରହ ପ୍ଲୁଟୋ । ସୂର୍ଯ୍ୟଙ୍କଠାରୁ ଏହି ଗ୍ରହର ଦୂରତା ହାରାହାରି ୨.୮୭ ବିଲିୟନ କିଲୋମିଟର (୧ବିଲିୟନ=୧୦୦ କୋଟି) । ସୂର୍ଯ୍ୟଙ୍କ ଠାରୁ ଉତ୍ପନ୍ନ ସୂର୍ଯ୍ୟକିରଣ ୟୁରାନ୍ସ ଗ୍ରହରେ ପହଞ୍ଚିବାକୁ ସମୟ ଲାଗେ ୨ଘଣ୍ଟା ୪୦ ମିନିଟ୍ । ଏହି ଗ୍ରହଟିକୁ ବରଫାବୃତ ଗ୍ରହ କୁହାଯାଏ । କାରଣ ଗ୍ରହରେ ମହଜୁଦ୍ ଆମୋନିଆ, ମିଥେନ୍ ଗ୍ୟାସ୍, ଜଳ ଓ ହାଇଡ୍ରୋକାର୍ବନ ହିମୀକୃତ ଅବସ୍ଥାରେ ଅଛି । ସୂର୍ଯ୍ୟଙ୍କ ଚାରିପଟେ ଥରେ ଘୂରି ଆସିବାକୁ ୟୁରାନ୍ସକୁ ଆମ ପୃଥିବୀର ବର୍ଷ ଅନୁପାତରେ ୮୪ ବର୍ଷ ବା ୩୦, ୬୮୭ ଦିନ ସମୟ ଲାଗିଥାଏ । ପ୍ରଦକ୍ଷିଣ ସମୟରେ ଗ୍ରହର ବେଗ ଘଣ୍ଟା ପ୍ରତି ୨୪, ୬୦୭ କିଲୋମିଟର ଅଟେ । ନିଜର ଅକ୍ଷଦଣ୍ଡ ସହ ୯୮ ଡିଗ୍ରୀ ବକ୍ର ରହିଥିବାରୁ, ପ୍ରଦକ୍ଷିଣ ସମୟରେ ଏହାର ମେରୁ ଅଞ୍ଚଳ ଯଥାକ୍ରମେ ୪୨ ବର୍ଷ ଧରି ସୂର୍ଯ୍ୟାଲୋକ ପ୍ରାପ୍ତ ହୁଏ ଏବଂ ୪୨ ବର୍ଷ ଅନ୍ଧକାରାଚ୍ଛନ୍ନ ରୁହେ ।




ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ୟୁରାନ୍ସର ଦୁଇଟି ଚନ୍ଦ୍ର ଟାଇଟାନିଆ ଓ ଓବେରନ୍ ଆବିଷ୍କୃତ ହୋଇଥିଲେ । ୧୭୮୭ ମସିହାରେ ଜ୍ୟୋତିର୍ବିଜ୍ଞାନୀ 'ହରଶ୍ଚେଲ' ଏହାକୁ ପ୍ରଥମେ ଠାବ କରିଥିଲେ । ଉପଗ୍ରହ 'ଟାଇଟାନିଆ' ବୃହତ୍ତମ । ଏହାର ବ୍ୟାସ ୧୫୭୮ କିଲୋମିଟର । ସୌରମଣ୍ଡଳର ଅନ୍ୟ ଗ୍ରହମାନଙ୍କର ଚନ୍ଦ୍ର ମଧ୍ୟରେ ଏହି ଉପଗ୍ରହଟି ଅଷ୍ଟମ ସର୍ବାଧିକ ବୃହତ୍ତମ । ପୃଥିବୀର ଉପଗ୍ରହ ଚନ୍ଦ୍ରର ବସ୍ତୁତ୍ୱ ତୁଳନାରେ ଟାଇଟାନିଆର ବସ୍ତୁତ୍ୱ ୨୦ ଭାଗରୁ ୧ ଭାଗ ।

ଗତ ଅଗଷ୍ଟ ୨୦ ତାରିଖରେ ଜେମ୍ସ ୱେବ ସ୍ପେସ୍ ଟେଲେସ୍କୋପ ଠାବ କରିଥିବା ଉପଗ୍ରହକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୟୁରାନ୍ସ ଗ୍ରହର ଉପଗ୍ରହ ବା ଚନ୍ଦ୍ର ସଂଖ୍ୟା ୨୯ ରେ ପହଞ୍ଚିଛି । ଏହି ୨୯ ତମ ଉପଗ୍ରହର ବ୍ୟାସ ୯.୭ କିଲୋମିଟର ଏବଂ ପ୍ରତି ୯.୬ ଘଣ୍ଟାରେ ଏହା ମୂଳ ଗ୍ରହ ୟୁରାନ୍ସକୁ ପ୍ରଦକ୍ଷିଣ କରିଥାଏ । ୟୁରାନ୍ସର ୨୯ଟି ଚନ୍ଦ୍ରଙ୍କ ମଧ୍ୟରୁ ୫ଟି ବୃହତ୍ ବା ପ୍ରମୁଖ, ୧୪ଟି ଆଭ୍ୟନ୍ତରୀଣ ଏବଂ ଅନ୍ୟ ଦଶଟି ଅନିୟମିତ । ବୃହତ୍ ଚନ୍ଦ୍ରଙ୍କ ମଧ୍ୟରେ ଦୁଇଟିର ଆବିଷ୍କାର ୧୭୮୭ ମସିହାରେ ଜ୍ୟୋତିର୍ବିଜ୍ଞାନୀ ୱିଲିୟମ ହରଶ୍ଚେଲ୍ କରିଥିବା ବେଳେ ଅନ୍ୟ ତିନୋଟି ଅଣ୍ଡାକୃତି ଉପଗ୍ରହ ଯଥାକ୍ରମେ ୧୮୫୧ ମସିହାରେ ୱିଲିୟମ ଲାସେଲ ଏବଂ ୧୯୪୮ରେ ଗୋରାର୍ଡ କୁପର କରିଥିଲେ । ଏହି ତିନୋଟି ଉପଗ୍ରହର ନାମ ମିରାଣ୍ଡା, ଏରିଏଲ୍ ଓ ଆମ୍ବ୍ରିଏଲ୍ । ୧୯୮୫ ମସିହା ପରେ ଅନ୍ୟ ଉପଗ୍ରହଗୁଡ଼ିକୁ 'ଭଏଜର-୨' ମହାକଶ ଯାନରୁ ଏବଂ ଭୂପୃଷ୍ଠରୁ ଉନ୍ନତ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ଯଥା ହବଲ୍ ସ୍ପେଶ୍ ଟେଲେସ୍କୋପ ଦ୍ୱାରା ଆବିଷ୍କୃତ ହୋଇଥିଲା । କିନ୍ତୁ ନିକଟରେ ଅଧିକ ଶକ୍ତିଶାଳୀ ଜେମ୍‌ସ ୱେବ ଟେଲେସ୍କୋପ ସାହାଯ୍ୟରେ ଠାବ କରାଯାଇଥିବା ୨୯ ତମ ଚନ୍ଦ୍ରଟି ଆକୃତିରେ ଏତେ ଛୋଟ ଯେ ତାହା ସେ ସମୟରେ ଅନାବିଷ୍କୃତ ହୋଇ ରହିଯାଇଥିଲା ।

ଆମେରିକାର ମାନହାଟନ ସହରଠାରୁ ଯଥେଷ୍ଟ ଛୋଟ ଏହି ଉପଗ୍ରହଟି ବୈଷୟିକ ନାମକରଣ କରାଯାଇଛି ଏସ୍ / ୨୦୨୫ ୟୁ-୧ । କିନ୍ତୁ ବିଧିବଦ୍ଧ ଭାବରେ ଏହାର ନାମକରଣ କରିବେ ଆନ୍ତର୍ଜାତୀୟ ଜ୍ୟୋତିର୍ବିତ ସଂଘ । ପୂର୍ବରୁ ୱିଲିୟମ ହରଶ୍ଚେଲ୍ ଆବିଷ୍କାର କରିଥିବା ଦୁଇଟି ଚନ୍ଦ୍ରର ନାମକରଣ ଗ୍ରୀକ୍ ପୌରାଣିକ ଚରିତ୍ର ଉପରେ ପର୍ଯ୍ୟବସିତ ନ କରି ତତ୍କାଳୀନ ଇଂରାଜୀ ସାହିତ୍ୟର ଖ୍ୟାତନାମା ଚରିତ୍ରକୁ ନେଇ ନାମିତ କରିଥିଲେ । ତଦନୁଯାୟୀ ୱିଲିୟମ ସେକ୍ସପିୟରଙ୍କ 'ଏମିଡ୍ ସମର ନାଇଟସ୍ ଡ୍ରିମ' ଏବଂ ଆଲେକଜାଣ୍ଡାର ପୋଲାଙ୍କ 'ଦ ରେପ୍ ଅଫ୍ ଦ ଲକ୍' ପୁସ୍ତକରୁ ନିଆଯାଇଥିଲା । ଅନ୍ୟ ସମସ୍ତ ଉପଗ୍ରହଙ୍କର ନାମକରଣ ମଧ୍ୟ ସେକ୍ସପିୟର 'ଦଟେମ୍ପେଷ୍ଟ ଏବଂ 'ଏମିଡ୍ ସମର ନାଇଟସ୍ ଡ୍ରିମ୍' ଏବଂ ଆଲେକ୍ସାଣ୍ଡାଲ ପୋଲାଙ୍କ 'ଦ ରେପ୍ ଅଫ୍ ଦ ଲକ୍' ପୁସ୍ତକରୁ ନିଆଯାଇଥିଲା । ଅନ୍ୟ ସମସ୍ତ ଉପଗ୍ରହଙ୍କର ନାମକରଣ ମଧ୍ୟ ସେକ୍ସପିୟରଙ୍କ 'ଦ ଟେମ୍ପେଷ୍ଟ' ଓ 'ମଚ୍ ଏଡୋ ଆବାଉଟ୍ ନଥିଙ୍ଗ' ପୁସ୍ତକର ଚରିତ୍ରରୁ ନିଆଯାଇଛି । ଆଶା କରାଯାଏ ୟୁରାନ୍ସ ଗ୍ରହର ୨୯ ତମ ଚନ୍ଦ୍ରର ନାମକରଣ ମଧ୍ୟ ପୂର୍ବ ପ୍ରଥାନୁଯାୟୀ ଇଂରାଜୀ ସାହିତ୍ୟର ଏକ ବଳିଷ୍ଠ ଚରିତ୍ରକୁ ନେଇ କରାଯାଇପାରେ ।

(ପୂର୍ବତନ ପି.ସି.ସି.ଏଫ୍, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ହନୁମାନଙ୍କ ସହ ପୂଜା ପାଆନ୍ତି ଅହିରାବଣ ଓ ମହିରାବଣ

ଓଜସ୍ୱିନୀ

ଭାରତର ଧର୍ମବିଶ୍ୱାସର ବୈଚିତ୍ର୍ୟ ଯୋଗୁଁ କେବଳ ଦେବୀଦେବତା ନୁହନ୍ତି, ଅସୁରଅସୁରୁଣୀମାନେ ମଧ୍ୟ କାହିଁ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି । ଏହି ଦେବଲୀଳାଭୂମିରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଆସୁରିକ ଶକ୍ତିକୁ ଈଶ୍ୱରୀୟ ଶକ୍ତିରେ ପରିଣତ କରିଦେଇଛି । କେତେକ ମନ୍ଦିରରେ ଅସୁର ପୂଜା ପାଉଥିବା ବେଳେ ଆଉ କେତେକ ସ୍ଥାନରେ ଦେବଦେବୀଙ୍କ ସହ ଅସୁରମାନେ ପୂଜିତ ହେଉଛନ୍ତି । ଏହିକ୍ରମରେ ଭାରତରେ ଅହିରାବଣ ଓ ମହିରାବଣ ପୂଜା ପାଇବା ଅବିଶ୍ୱସନୀୟ ନୁହେଁ ।

ପୌରାଣିକ କଥା ଅନୁସାରେ ଅହିରାବଣ ଓ ମହିରାବଣ ହେଉଛନ୍ତି ରାବଣଙ୍କ ଦୁଇ ଭ୍ରାତ୍ରା । ଆସୁରିକ ପ୍ରବୃତ୍ତି ସତ୍ତ୍ୱେ ଭାରତର ଅନେକ ସ୍ଥାନରେ ଏହି ଦୁଇ ଅସୁରଙ୍କୁ ପୂଜା କରାଯାଉଛି । ଭାରତରେ କେତେକ ପଞ୍ଚମୁଖୀ ହନୁମାନ ମନ୍ଦିରରେ ହନୁମାନଙ୍କ ସହିତ ଏହି ଅସୁରଦ୍ୱୟ ପୂଜା ପାଇଥା'ନ୍ତି । ଏହିସବୁ ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରିବା ଦ୍ୱାରା କର୍ମପଥରେ ଆସୁଥିବା ବାଧାବିଘ୍ନ ଦୂର ହେବା ସହିତ ଶତ୍ରୁଭୟ ରହେ ନାହିଁ ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି । ଏଭଳି ଗୋଟିଏ ମନ୍ଦିର ହେଉଛି - ଚିନ୍ତାହରଣ ହନୁମାନ ମନ୍ଦିର ।

ଉତ୍ତର ପ୍ରଦେଶର ଝାନ୍ସୀ ନିକଟସ୍ଥ ପଞ୍ଚକୁଇଁଆ ଅଞ୍ଚଳରେ ଥିବା 'ଚିନ୍ତାହରଣ ହନୁମାନ ମନ୍ଦିର'ରେ ହନୁମାନଙ୍କର ୫ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମା ରହିଛି ଏବଂ ତାଙ୍କର ଦୁଇ କାନ୍ଧ ଉପରେ ପ୍ରଭୁ ଶ୍ରୀରାମ ଓ ଲକ୍ଷଣ ବିରାଜମାନ କରିଛନ୍ତି । ହନୁମାନଙ୍କ ପାଦ ତଳେ ଜଣେ ତନ୍ତ୍ର ଦେବୀ ଅଛନ୍ତି । ପ୍ରାୟ ୩୦୦ ବର୍ଷ ପୁରୁଣା ଏହି ମନ୍ଦିରରେ ହନୁମାନଙ୍କ ସହିତ ଅହିରାବଣ ଓ ତାଙ୍କ ଭାଇ ମହିରାବଣ ମଧ୍ୟ ପୂଜା ପାଇ ଆସୁଛନ୍ତି । ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି ଯେ, ମଙ୍ଗଳବାର ଦିନ ମନ୍ଦିରରେ ଅଟାରେ ପ୍ରସ୍ତୁତ ଦୀପ ପ୍ରଜ୍ୱଳନ ଦ୍ୱାରା ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ ।

ବିଚିତ୍ର ବିଶ୍ୱାସ

ଏହି ମନ୍ଦିରର ବିଶେଷତ୍ୱ ହେଉଛି, ମନସ୍କାମନା ପୂର୍ଣ୍ଣ ହେବା ପରେ ଭକ୍ତମାନେ ଯେଉଁ ବସ୍ତୁ ଦାନ କରନ୍ତି, ସେଗୁଡ଼ିକ ହନୁମାନଙ୍କ ସହିତ ଅହିରାବଣ ଓ ମହିରାବଣଙ୍କୁ ସମର୍ପଣ କରାଯାଏ ।ମନ୍ଦିରର ଆଉ ଏକ ବିଶେଷତ୍ୱ ହେଉଛି, ପୂଜାରୀଙ୍କ ବ୍ୟତୀତ ମୂର୍ତ୍ତିକୁ କେହି ମଧ୍ୟ ସ୍ପର୍ଶ କରିପାରିବେ ନାହିଁ । ମନ୍ଦିର ନିକଟରେ ହନୁମାନଙ୍କ ପୁତ୍ର ମକରଧ୍ୱଜଙ୍କର ମଧ୍ୟ ଗୋଟିଏ ମନ୍ଦିର ଅଛି । ହନୁମାନ ଓ ଅହିରାବଣ ମଧ୍ୟରେ ହୋଇଥିବା ଯୁଦ୍ଧ ଆଧାରରେ ଏହି ମୂର୍ତ୍ତି ନିର୍ମାଣ ହୋଇଛି ବୋଲି କୁହାଯାଏ ।

ରାମାୟଣର ଲଙ୍କାକାଣ୍ଡରେ ବର୍ଣ୍ଣିତ ଏକ କଥା ଅନୁଯାୟୀ ଶ୍ରୀରାମ ଓ ରାବଣଙ୍କ ଯୁଦ୍ଧ ସମୟରେ ମହିରାବଣ ମାୟାବୀ ଶକ୍ତିର ପ୍ରୟୋଗ କରି ଶ୍ରୀରାମଙ୍କ ସେନାରେ ଯୋଗ ଦେଇଥିଲେ । ରାତ୍ରିରେ ସେ ଶ୍ରୀରାମ ଓ ଲକ୍ଷଣଙ୍କୁ ମୂର୍ଚ୍ଛିତ କରି ଅପହରଣ କରିନେଇ ପାତାଳଲୋକ ଚାଲି ଯାଇଥିଲେ । ପାତାଳଲୋକରେ ମହିରାବଣ ଓ ଅହିରାବଣ ପ୍ରଭୁ ଶ୍ରୀରାମ ଓ ଲକ୍ଷଣଙ୍କୁ ବଳି ଦେବା ପାଇଁ ଯୋଜନା କରିଥିଲେ । ରାତିପାହିବା ପରେ ଶ୍ରୀରାମ ଓ ଲକ୍ଷଣଙ୍କୁ ନଦେଖି ବାନରସେନା ସନ୍ଧାନ ଆରମ୍ଭ କଲେ । ସଙ୍କଟମୋଚନ ଭକ୍ତଶ୍ରେଷ୍ଠ ହନୁମାନ ଦିବ୍ୟଦୃଷ୍ଟି ଦ୍ୱାରା ମହିରାବଣଙ୍କ ସମ୍ପର୍କରେ ଜାଣିବା ପରେ ଶ୍ରୀରାମ ଓ ଲକ୍ଷଣଙ୍କୁ ଉଦ୍ଧାର କରିବା ପାଇଁ ପାତାଳଲୋକକୁ ଯାଇଥିଲେ । ଏଥିପାଇଁ ହନୁମାନଙ୍କୁ ପୁତ୍ର ମକରଧ୍ୱଜ ସହାୟତା କଲେ । ହନୁମାନ ଓ ଅହିରାବଣଙ୍କ ମଧ୍ୟରେ ଯୁଦ୍ଧ ହେଲା ଏବଂ ହନୁମାନ ପଞ୍ଚମୁଖ ସ୍ୱରୂପ ଧାରଣ କରି ଅସୁରକୁ ପରାସ୍ତ କଲେ ଏବଂ ଶ୍ରୀରାମ ଓ ଲକ୍ଷଣଙ୍କୁ ସୁରକ୍ଷିତ ଫେରାଇ ଆଣିଲେ ।

ଏହି ପୌରାଣିକ କଥାକୁ ଭିତ୍ତି କରି ମଧ୍ୟପ୍ରଦେଶର ଇନ୍ଦୋର୍ ଜିଲ୍ଲାର ସାନୱେର୍‌ଠାରେ ମଧ୍ୟ ହନୁମାନଙ୍କର ଏକ ବିଚିତ୍ର ମନ୍ଦିର ଅଛି, ଯେଉଁଠି ହନୁମାନଙ୍କ ମୂର୍ତ୍ତି ଓଲଟା ସ୍ୱରୂପରେ ପୂଜା ପାଇଥା'ନ୍ତି । ଅର୍ଥାତ୍ ହନୁମାନ ପାତାଳପୁରକୁ ଯାଉଥିବା ଭଳି ଦୃଶ୍ୟମାନ ହୋଇଥାଏ । ହନୁମାନଙ୍କ ମୁଖ ତଳକୁ ଥିବା ବେଳେ ପାଦୁକାଦ୍ୱୟ ଉପରକୁ ରହିଛି । ଏହି ସ୍ଥାନରୁ ହନୁମାନ ପାତାଳପୁରକୁ ଗମନ କରିଥିବାର ବିଶ୍ୱାସ ରହିଥିବାରୁ ସେଠାରେ ହନୁମାନଙ୍କର ଏଭଳି ବିଚିତ୍ର ପ୍ରତିମା ନିର୍ମାଣ କରାଯାଇଛି ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ବଣାଇଁ ରେଞ୍ଜରେ ପୁଣି ବାଘ ଆତଙ୍କ



## ଆକ୍ରମଣରେ ବାଛୁରୀ ମୃତ

ବଣାଇଁ, ୪।୯(ସମିସ): ବଣାଇଁ ରେଞ୍ଜ ସରସରା ବଲାଙ୍ଗ ସେକ୍ସନ ଦଲକି ଗ୍ରାମର ଗଣେଶ କିସାନ ଆଜି ସକାଳୁ ଗାଈ ଚରାଇବାକୁ ନେଇଥିବା ବେଳେ ଏକ ବାଛୁରୀକୁ ବାଘ ଆକ୍ରମଣ କରିଥିବା ଦାବି କରିଛନ୍ତି। ଗ୍ରାମବାସୀ ଏ ଖବର ବନ ବିଭାଗକୁ ଖବର ଦେବା ପରେ ବିଭାଗ ପକ୍ଷରୁ ଅନୁଧ୍ୟାନ ଆରମ୍ଭ ହୋଇଛି। ସମଗ୍ର ଅଞ୍ଚଳରେ ଲୋକଙ୍କୁ ସଚେତନ କରାଯିବା ସହ ଜଙ୍ଗଲର ବିଭିନ୍ନ ସ୍ଥାନରେ ବାଘର ଗତିବିଧି ଜାଣିବା ପାଇଁ ଟ୍ରାପ୍ କ୍ୟାମେରା ଖଞ୍ଜାଯାଇଛି। କିଛି ଦିନ ପୂର୍ବରୁ ବଣାଇଁ ରେଞ୍ଜର ଘୋଷରା ନିକଟସ୍ଥ ବେଲଡିହି ଜଙ୍ଗଲରେ ବାଘର ପାଦଚିହ୍ନ ଠାବ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେହି ବାଘ ହୁଏତ ଦଲକି ଜଙ୍ଗଲକୁ ପଳାଇ ଆସିଥିବ, ସେନେଇ ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ବନବିଭାଗ କର୍ମଚାରୀ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ବାଘର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏ ବାବଦରେ ବନ ବିଭାଗର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ସାଇବର୍ ଠକେଇ: ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ୭୩ଲକ୍ଷର ଚୂନ

## ଆଇଟି ଇଞ୍ଜିନିୟର ପୁଅ କଥାରେ ନିବେଶ କରିଥିଲେ ବାପା

କଟକ,୪।୯(ସମିସ): ଅନଲାଇନ୍‌ରେ ପୁଞ୍ଜିନିବେଶ ଆଳରେ ସାଇବର୍ ଠକମାନେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ୭୩ ଲକ୍ଷ ଟଙ୍କାର ଚୂନ ମାରିଛନ୍ତି। ଠକେଇର ଶିକାର ବ୍ୟକ୍ତିଜଣଙ୍କ ହେଲେ, ଯାଜପୁର ବାଲିଚନ୍ଦ୍ରପୁରର ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜର୍ ନାରାୟଣ ଚନ୍ଦ୍ର ପଣ୍ଡା। ଏ ସଂପର୍କରେ ସେ କଟକ କ୍ରାଇମବ୍ରାଞ୍ଚ୍ ସାଇବର୍ ସେଲରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଠକମାନେ ପ୍ରଥମେ ତାଙ୍କ ଆଇଟି ଇଞ୍ଜିନିୟର ପୁଅଙ୍କୁ ଟାର୍ଗେଟ୍ କରିଥିଲେ। ମାତ୍ର ୫ ଲକ୍ଷ ଟଙ୍କା ନିବେଶ କରି କମ୍ ଦିନରେ ଅଧିକ ରୋଜଗାର କରିବା ପାଇଁ ପ୍ରବର୍ତ୍ତାଇଥିଲେ। ତେବେ ଏ ସଂପର୍କରେ ସେ ତାଙ୍କ ବାପାଙ୍କୁ କହିଥିଲେ। ପୁଅ କଥାରେ ପଡ଼ି ନାରାୟଣ ଠକଙ୍କ କହିବାନୁଯାୟୀ, ଆର୍‌ଟିଜିଏସ୍ ଜରିଆରେ ଟଙ୍କା ଜମା କରିଥିଲେ। ଗତ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୩ ତାରିଖ, ମାତ୍ର ୪ ଦିନ ମଧ୍ୟରେ ସେ ୧୧ଟି ବ୍ୟାଙ୍କ ଆକାଉଣ୍ଟରେ ୭୩ ଲକ୍ଷ ଟଙ୍କା ସାଇବର୍ ଠକ ଜମା କରିଥିଲେ। ତାଙ୍କ ୱାଲେଟ୍‌ରେ ୧ କୋଟି ୮ ଲକ୍ଷ ଟଙ୍କା ମିଳିବ ବୋଲି ସାଇବର ଠକମାନେ ତାଙ୍କୁ କହିଥିଲେ। ତେବେ ଟିକସ ବାବଦକୁ ଠକମାନେ ଆହୁରି ତାଙ୍କ ମାଗିବାରୁ ନାରାୟଣଙ୍କ ସନ୍ଦେହ ହୋଇଥିଲା। ୱାଲେଟ୍‌ରୁ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ ହେଁ ସେଥିରେ ବିଫଳ ହୋଇଥିଲେ। ତେଣୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହୋଇଛନ୍ତି।

# ବଜ୍ରପାତରେ ଚାଷୀ ମୃତ

ଭଣ୍ଡାରିପୋଖରୀ/ବାରିକପୁର, ୪।୯(ସମିସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍‌ରେ ବଜ୍ରପାତ ଜଣଙ୍କ ଜୀବନ ନେଇଛି। ମୃତକ ହେଲେ, ଜଳମଣ୍ଡୁଆ ପଞ୍ଚାୟତ ମଙ୍ଗୁଳିଆ ସାହିର ମଙ୍ଗୁଳି ପ୍ରଧାନ। ଆଜି ମଧ୍ୟାହ୍ନରେ ସେ ଚାଷ ଜମିରେ ଘାସ ବାଛୁଥିବା ବେଳେ ବଜ୍ରପାତରେ ଗୁରୁତର ଆହତ ହୋଇଥିଲେ। ପରେ ଗୁରୁତର ଅବସ୍ଥାରେ ଲୋକେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଛିଡ଼ିଲା ଲିଫ୍ଟ

ମାଲକାନଗିରି, ୪।୯ (ସମିସ): ମାଲକାନଗିରି ସଦର ମହକୁମାର ମୁଖ୍ୟ ଚିକିତ୍ସାଳୟରେ ଥିବା ଲିଫ୍ଟ ଆଜି ହଠାତ୍ ଛିଡ଼ି ପଡ଼ିଛି। ତେବେ ସୌଭାଗ୍ୟକୁ ସେଥିରେ ଥିବା ରୋଗୀଙ୍କ ସମ୍ପର୍କୀୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଲିଫ୍ଟରେ କ୍ଷମତାଠାରୁ ମାତ୍ରାଧିକ ଲୋକ ଥିବାରୁ ଲିଫ୍ଟ ଛିଡ଼ି ଯାଇଥିବା କୁହାଯାଉଛି।

ସୂଚନାନୁଯାୟୀ, ଜିଲ୍ଲା ସଦର ମହକୁମାରେ ଥିବା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ଡାକ୍ତର ଏବଂ କର୍ମଚାରୀମାନେ ବିଭିନ୍ନ ମହଲାକୁ ଯାତାୟାତ ଲାଗି ୩ଟି ଲିଫ୍ଟ ରହିଛି। ଏହି ଲିଫ୍ଟ ମଧ୍ୟରୁ ଗୋଟିଏ ଲିଫ୍ଟ ଆଜି ହଠାତ୍ ଛିଡିପଡ଼ିଥିଲା। ଏହି ଲିଫ୍ଟରେ ୧୦ରୁ ୧୨ଜଣ ଯିବା ପାଇଁ କ୍ଷମତା ଥିବା ବେଳେ ୨୭ଜଣ ଯାଉଥିଲେ। ପ୍ରଥମ ମହଲାରୁ ଦ୍ୱିତୀୟ ମହଲାକୁ ଯାଉଥିବା ବେଳେ ଲିଫ୍ଟଟି ଛିଡ଼ି ଯାଇଥିଲା। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କାହାର କିଛି କ୍ଷତି ହୋଇ ନଥିବା ବେଳେ ଲିଫ୍ଟ ସାଇରନ୍ ବାଜିବା ପରେ ଚିକିତ୍ସାଳୟ କର୍ତ୍ତୃପକ୍ଷ ଏହାକୁ ମାନୁଆଲ୍ ଭାବେ ଖୋଲି ଭିତରୁ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଆସନ୍ତାକାଲି ବିଶାଖାପାଟଣାରୁ ମରାମତି ଦଳ ଆସିଲେ ଲିଫ୍ଟର ମରାମତି କରାଯିବ ବୋଲି ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଇପିଏଲ୍ ଟିକଟ...

ହେବ। ବର୍ତ୍ତମାନ ପର୍ଯ୍ୟନ୍ତ, ଅନ୍ୟ ସ୍ୱୀକୃତିପ୍ରାପ୍ତ ମ୍ୟାଚ୍ ପାଇଁ ୫୦୦ ଟଙ୍କାରୁ ଅଧିକ ମୂଲ୍ୟର ଟିକଟ୍ ଉପରେ ୧୮% ଜିଏସ୍‌ଟି ଲାଗୁ ହେଉଛି। ଏହି ପରିବର୍ତ୍ତନଗୁଡ଼ିକ ସେପ୍ଟେମ୍ବର ୨୨ରୁ ଭାରତରେ ଖେଳାଯିବାକୁ ଥିବା ପରବର୍ତ୍ତୀ ଅନ୍ତର୍ଜାତୀୟ କ୍ରିକେଟ୍ ଇଭେଣ୍ଟ, ମହିଳା ବିଶ୍ୱକପ୍ ଆରମ୍ଭ ହେବାର ଗୋଟିଏ ସପ୍ତାହ ପୂର୍ବରୁ ଲାଗୁ ହେବ। ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମ ପାଇଁ ଟିକଟ୍ ବିକ୍ରି ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ।

## ଶ୍ରୀନଅରରେ ସୁନିଆଁ...

ପରେ ଗଜପତି ମହାରାଜା ଏହାକୁ ଘୋଷଣା କରିଥିଲେ। ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ଶୁଭେଚ୍ଛା ଜଣାଇବା ସହ ସୁନିଆଁ ଭେଟି ଦେଇଥିଲେ।

ସୁନିଆଁ ପରମ୍ପରା ସମ୍ପର୍କରେ ଗଜପତି ମହାରାଜାଙ୍କ ପାରମ୍ପରିକ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ସୁନିଆଁରେ ଗଜପତି ମହାରାଜାଙ୍କ ନବବର୍ଷ ଆରମ୍ଭ ହୋଇଥାଏ। ଗଜପତି ମହାରାଜାଙ୍କ ୬୯ଅଙ୍କ ପ୍ରଚଳିତ ହେଲା ଏବଂ ୧୪୩୩ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି। ସୂଚନାଯୋଗ୍ୟ, ସୁନିଆଁକୁ ଗଜପତି ମହାରାଜାଙ୍କ ନବବର୍ଷ ବୋଲି ଧରାଯାଏ। ଓଡ଼ିଆଙ୍କ ପାଇଁ ଜାତକରେ ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଉଲ୍ଲେଖ ହୁଏ। ସୁନିଆଁ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା ହୋଇଥାଏ। ଏହିଦିନ ଷୋଳ ଶାସନରୁ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସ ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟି ଦେଇ ଆଶୀର୍ବାଦ କରିଥା'ନ୍ତି।

## ପ୍ରତିଶୋଧ ନେଉଛି...

ବ୍ୟାପକ ଗଛକଟା ଚାଲିଛି। ଯାହା ଜଣାପଡୁଛି ଏହି କାରଣରୁ ପାର୍ବତ୍ୟ ରାଜ୍ୟମାନଙ୍କରେ ଏଥର ବନ୍ୟା ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। ଏମିତି ଗଛକଟା ଜାରି ରହିଲେ, ଆଉ ଜଙ୍ଗଲ ରହିବ ନାହିଁ। ବର୍ଷା ଓ ବନ୍ୟା ଆସିଲେ ସମଗ୍ର ଅଞ୍ଚଳ ବୁଡ଼ିଯିବ। ପଞ୍ଜାବର ଉଦାହରଣ ଦେଇ କୋର୍ଟ କହିଲେ ଯେ ସେଠାରେ ଜନବସତି ଓ ବିଲବାଡ଼ି ପାଣିରେ ବୁଡ଼ି ରହିଛି। ଏସଂପର୍କରେ ସଂପୃକ୍ତ ରାଜ୍ୟ ସରକାରମାନଙ୍କ ସହିତ ଆଲୋଚନା କରିବା ଲାଗି କୋର୍ଟ ସଲିସିଟର ଜେନେରାଲଙ୍କୁ ପରାମର୍ଶ ଦେଇଛନ୍ତି। ବେଆଇନ ଭାବେ ଚାଲିଥିବା ଗଛକଟା ରୋକିବାକୁ ରାଜ୍ୟ ଓ କେନ୍ଦ୍ର ସରକାର କଣ ପଦକ୍ଷେପ ନେଇଛନ୍ତି ତାହା ତିନି ସପ୍ତାହ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମାନ୍ୟବର ବେଞ୍ଚଙ୍କ ସହିତ ଏକମତ ହୋଇ କହିଲେ ଯେ ସେ ଆଜି ଏସଂପର୍କରେ କେନ୍ଦ୍ର ପରିବେଶ ବିଭାଗ ସଚିବଙ୍କ ସହିତ କଥା ହେବେ। ସଂପୃକ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କ ସହିତ ଯୋଗାଯୋଗ ଲାଗି ତାଙ୍କୁ କୁହାଯିବ।

## ୧୦ ଜିଲ୍ଲାକୁ...

ହୀରାକୁଦ ଜଳଭଣ୍ଡାରର ୧୬ଟି ଗେଟ୍ ଖୋଲାଯାଇଛି ଏବଂ ମହାନଦୀରେ ୨.୫ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବାର ଆଶା କରାଯାଉଛି। ଏହା ଫଳରେ ହୀରାକୁଦ ଡ୍ୟାମର ତଳମୁଣ୍ଡରେ ଥିବା ନଦୀ ଶଯ୍ୟା ଅଞ୍ଚଳରେ ବନ୍ୟା ଆସିବାର ଆଶଙ୍କା ରହିଛି। ମହାନଦୀ କୂଳରେ ଥିବା ତଳିଆ ଅଞ୍ଚଳ ଅର୍ଥାତ ୧୦ଟି ଜିଲ୍ଲା ଅନୁଗୁଳ, ବୌଦ୍ଧ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ପୁରୀ, ସମ୍ବଲପୁର ଓ ସୋନପୁରକୁ ସତର୍କ ରହିବା ପାଇଁ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ନଦୀକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକେ ନଦୀ ଶଯ୍ୟାଠାରୁ ଦୂରେଇ ରହିବା ସହିତ ସମସ୍ତ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରିବାକୁ ହୀରାକୁଦ ଜଳଭଣ୍ଡାର ପକ୍ଷରୁ ପରାମର୍ଶ ଦିଆଯାଇଛି।

ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ଗତ ୨୪ ଘଣ୍ଟାରେ ୧୪ଟି ବ୍ଲକରେ ୧୦୦ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୪୨ଟି ବ୍ଲକରେ ୫୦ମିମିରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଉପର ମହାନଦୀ, ବୈତରଣୀ, ବୁଢ଼ାବଳଙ୍ଗରେ ବହୁତ ବର୍ଷା ହୋଇଛି। କେବଳ ବୈତରଣୀରେ ଛୋଟ ବନ୍ୟା ଅଛି। ବିପଦ ସଙ୍କେତର ୦.୫ମି ଉପରେ ଆଖୁଆପଦାରେ ବୈତରଣୀ ପ୍ରବାହିତ ହେଉଥିବା ବେଳେ ହୀରାକୁଦର ୧୬ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ହେଉଛି। ଏହାସତ୍ତ୍ୱେ ମହାନଦୀରେ ଜଳସ୍ତର ବଢ଼ିବ; ହେଲେ ବନ୍ୟା ଆସିବନି ବୋଲି ଯନ୍ତ୍ରୀ କହିଛନ୍ତି।

## ଗୋଟାଏ ସ୍ଥାନକୁ...

ରାୟଗଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କାରେ ପାଣିପାଗ ବିଭାଗ ୟେଲୋ ଚେତାବନୀ ଜାରି କରାଯାଇଥିଲା। ମାତ୍ର ସେହିଦିନ ଉତ୍ତର ଓଡ଼ିଶାର କେନ୍ଦୁଝର ଜିଲ୍ଲାର ହାଟଡିହଠାରେ ଅତ୍ୟନ୍ତ ପ୍ରବଳ ବର୍ଷା (୨୦ ସେମି ରୁ ଅଧିକ) ୨୨୫.୧ ମିମି ରେକର୍ଡ ହେଲା। ଘସିପୁରାରେ ୧୩୦.୩ ମିମି, ଆନନ୍ଦପୁର ୧୦୩.୪ ମିମି, ସେହିପରି ବାଲେଶ୍ୱର ସହରରେ ୧୩୩.୮ ମିମି, ଗୋବିନ୍ଦପୁର ଠାରେ ୧୨୩.୨ ମିମି, ରେମୁଣା ୯୧ ମିମି , ଭଦ୍ରକ ଆଖୁଆପାଦ ଠାରେ ୭୦.୪ ମିମି ରେକର୍ଡ ହୋଇଥିବା ବେଳେ ଭାରି ବର୍ଷା ପାଇଁ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡ଼ିକ ମଧ୍ୟରୁ କେବଳ ମାଲକାନଗିରି ଠାରେ ସର୍ବାଧିକ ୪୮ ମିମି ବର୍ଷା ରେକର୍ଡ ହୋଇଥିଲା। ସେହିପରି ଦକ୍ଷିଣ ଓଡିଶାର ଅନ୍ୟ ଜିଲ୍ଲାଗୁଡିକରେ ବିକ୍ଷିପ୍ତ ବର୍ଷା ଅନୁଭୂତ ହୋଇଥିଲା।

୨ ତାରିଖ ଲଘୁଚାପ ସୃଷ୍ଟି ପରେ ପାଣିପାଗ କେନ୍ଦ୍ର ୪ ଜିଲ୍ଲାକୁ ଉତ୍ତର ଓଡ଼ିଶାର ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର ଏବଂ ଦେବଗଡ଼ ପାଇଁ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା କରି ରେଡ୍ ଆଲର୍ଟ ଜାରି କରିଥିଲା। ମାତ୍ର ଏହି ଜିଲ୍ଲାମଧ୍ୟରୁ କେବଳ ସୁନ୍ଦରଗଡ଼ରେ ୩୮ ମିମି ବର୍ଷା ରେକଡର୍ ହୋଇଥିଲା ଓ ଅନ୍ୟ ଜିଲ୍ଲାଗୁଡ଼ିକରେ କାଁଭାଁ ବର୍ଷା ହୋଇଥିଲା। ତେବେ ବର୍ଷା ସମ୍ଭାବନା ସୂଚନା ନ ଥିବା ବଲାଙ୍ଗୀରରେ ୧୨୯ ମିମି , ନୟାଗଡ଼ରେ ୭୫.୩ ମିମି ବର୍ଷା ରେକଡର୍ ହୋଇଥିଲା। ୩ ତାରିଖରେ ଲଘୁଚାପ ଘନୀଭୂତ ହୋଇ ସ୍ୱଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବ ସହ ଏହା ଉତ୍ତର ଓଡିଶା ସଂଲଗ୍ନ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ ମୁହାଁ ହେବ ଆଶଙ୍କାରେ ପାଣିପାଗ ବିଜ୍ଞାନକେନ୍ଦ୍ର ଖୋର୍ଦ୍ଧା, କଟକ, ଜଗତସିଂହପୁର ଏବଂ ପୁରୀକୁ ଅତି ପ୍ରବଳ ବର୍ଷା ସହ ଅରେଞ୍ଜ ଆଲର୍ଟ ଏବଂ ଦକ୍ଷିଣ ଓ ଉତ୍ତର ଓଡ଼ିଶାର ୧୬ ଜିଲ୍ଲାକୁ କମ୍ ବର୍ଷା ଆଶଙ୍କା କରି ୟେଲୋ ଆଲର୍ଟ ଜାରି କରିଥିଲା। ହେଲେ ଅରେଞ୍ଜ ଆଲର୍ଟ ଜାରି କୌଣସି ଜିଲ୍ଲାରେ ବର୍ଷା ୩୦ ମିମି ଟପି ନ ଥିବାବେଳେ ୟେଲୋ ଆଲର୍ଟ ଜାରି ହୋଇଥିବା ଯାଜପୁର ଜିଲ୍ଲାର ଅଧିକାଂଶ ସ୍ଥାନରେ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଥିଲା। ସେହିପରି ଚେତାବନୀ ଅନ୍ତର୍ଭୁକ୍ତ ନଥିବା ଝାରସୁଗୁଡା ଜିଲ୍ଲାର ଲାଇକିରା ଠାରେ ସର୍ବାଧିକ ୨୧୨.୨ ମିମି, କିର୍ମିରା ଠାରେ ୧୭୦.୪ ମିମି, କୋଲାବିରା ୧୬୩ ମିମି, ଲଖନପୁର ୧୪୩.୨ ମିମି , ଦେବଗଡ ସହରରେ ୧୪୫ ମିମି, ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଠାରେ ୧୧୪ ମିମି ସହ ବର୍ଷା ରେକର୍ଡ ହୋଇଥିଲା।

ପାଣିପାଗ ବିଭାଗର ଏଭଳି ଆକଳନ ଫଳରେ କେଉଁ ଅଞ୍ଚଳରେ କେତେ ବର୍ଷା ହେବ ତାହାର କୌଣସି ଠିକ୍ ଠିକଣା ରହୁ ନଥିବା ବେଳେ ବନ୍ୟା ଜଳ ନିଷ୍କାସନରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଗତ ୨୪ ଘଣ୍ଟାରେ ମହନଦୀର ଉଭୟ ଉପରମୁଣ୍ଡ ଓ ତଳମୁଣ୍ଡରେ ପ୍ରବଳ ବର୍ଷା ହୋଇଥିବା ବେଳେ ଏବେ ମହାନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ହୀରାକୁଦ ଡ୍ୟାମ୍‌ରୁ ବର୍ତ୍ତମାନ ୧୬ ଟି ଗେଟ୍ ଖୋଲାଯାଇ ବନ୍ୟା ଜଳ ନିଷ୍କାସିତ ହେଉଛି। ମହାନଦୀ ତଳମୁଣ୍ଡ ପାଇଁ ବର୍ଷା ଆଶଙ୍କା କରାଯାଇ ନ ଥିବା ବେଳେ ସେଠାରେ ପ୍ରଚୁର ବର୍ଷା ହୋଇଥିବାରୁ ଏହି ସ୍ଥିତି ସୃଷ୍ଟି ହୋଇଥିବା ଆଶଙ୍କା ହୋଇଛି। ସେହିପରି ଉତ୍ତର ଓଡ଼ିଶାରେ ବର୍ତ୍ତମାନ ବୈତରଣୀ ପୁଣି ଥରେ ବିପଦ ସଙ୍କେତ ଟପିବା ସହ ଜଳକା ମଧ୍ୟ ଫୁଲିବାରେ ଲାଗିଛି। ମନୁଷ୍ୟକୃତ ତ୍ରୁଟି ଯୋଗୁଁ ଗୋଟିଏ ବର୍ଷରେ ଏଭଳି ବାରମ୍ବାର ବନ୍ୟା ସ୍ଥିତି ସୃଷ୍ଟି ହେଉଥିବା ପରିଲକ୍ଷିତ ହୋଇଛି।

## ନିରାଶ କରୁଛି...

ଔଷଧ ଉପଲବ୍ଧ ନାହିଁ। ପୂର୍ବରୁ ଜିଲ୍ଲାସ୍ତରୀୟ ଡ଼ାକ୍ତରଖାନାଗୁଡ଼ିକରେ ଅତି କମ୍‌ରେ ୨ଶହ ପ୍ରକାରର ଔଷଧ ଉପଲବ୍ଧ ହେଉଥିଲା। ଏବେ ତାହା ବହୁ ପରିମାଣରେ ହ୍ରାସ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନୂଆ ଔଷଧ ପାଇଁ ଟେଣ୍ଡର ପ୍ରକାଶ ପାଉନି। ପୂର୍ବରୁ ଯେଉଁମାନେ ଟେଣ୍ଡର ପାଇଛନ୍ତି, ଟଙ୍କା ମିଳିବାରେ ବିଳମ୍ବ ହେବାରୁ ସେମାନେ ଠିକ୍ ଭାବେ ଔଷଧ ଯୋଗାଉ ନାହାନ୍ତି। ନିରାମୟରେ ଡାକ୍ତରଙ୍କ ଚିଠା ଅନୁଯାୟୀ ଔଷଧ ମିଳୁନଥିବାରୁ ରୋଗୀମାନେ ବାଧ୍ୟହୋଇ ବାହାର ଦୋକାନରୁ ଔଷଧ କିଣୁଛନ୍ତି। ଏହି ଯୋଜନାରେ ରାଜ୍ୟ ବଜେଟ୍‌ର ୧୦ ପ୍ରତିଶତ ଅର୍ଥ ଜିଲ୍ଲାମାନଙ୍କୁ ଏବଂ ୩୦ ପ୍ରତିଶତ ମେଡିକାଲ କଲେଜକୁ ଯୋଗାଇ ଦିଆଯାଉଛି। ଏହି ଅର୍ଥରେ ସେମାନେ ଆବଶ୍ୟକ ଔଷଧ କିଣି ଯୋଗାଇବାର ବ୍ୟବସ୍ଥା ଥିଲେ ମଧ୍ୟ ରୋଗୀମାନେ ସହଜରେ ଏହାର ସୁବିଧା ପାଇପାରୁନାହାନ୍ତି।

ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ସରକାରୀ ଡାକ୍ତର କହିଛନ୍ତି ଯେ ସରକାରୀ ଡାକ୍ତରଖାନାରେ ଡାକ୍ତରମାନେ ରୋଗୀଙ୍କୁ ବାହାରୁ ଔଷଧ କିଣିବା ପାଇଁ ଲେଖିପାରିବେ ନାହିଁ। ଏଥିପାଇଁ ସରକାରୀ ଭାବେ ସ୍ୱଷ୍ଟ ନିର୍ଦ୍ଦେଶନାମା ଜାରି ରହିଛି। ଏମିତିକି ଯେଉଁ ଡାକ୍ତରମାନେ ବାହାରୁ ଔଷଧ ଲେଖିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସରକାର ନିୟମ କରିଛନ୍ତି। ତେଣୁ ଡାକ୍ତରମାନେ କେବଳ ସରକାରୀ ଡାକ୍ତରଖାନାରେ ମିଳୁଥିବା ଔଷଧ ଲେଖୁଛନ୍ତି। ମଧୁମେହ, ଉଚ୍ଚ ରକ୍ତଚାପ ଆଦି ପାଇଁ ରୋଗୀଙ୍କୁ ନିରାମୟ କେନ୍ଦ୍ରକୁ ପଠାଇ ଦେଉଛନ୍ତି। ହେଲେ ନିରାମୟ କେନ୍ଦ୍ରରେ ଔଷଧ ମିଳୁନଥିବାରୁ ରୋଗୀମାନେ ଫେରୁଛନ୍ତି। ଅପରପକ୍ଷେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗୀମାନେ ନିୟମିତ ଭାବେ ଔଷଧ ଆବଶ୍ୟକ କରୁଛନ୍ତି। ସେମାନଙ୍କୁ ବଟିକା ସହିତ ଇନ୍ସୁଲିନ୍ ବି ଦେବାକୁ ପଡୁଛି। ଗୋଟିଏ ଥରରେ ରୋଗୀମାନଙ୍କୁ ଅତି କମରେ ମାସକ ପାଇଁ ଔଷଧ ଦିଆଯାଉଥିବାବେଳେ କେତେକ ସ୍ଥଳରେ ବୟସ୍କ ରୋଗୀମାନେ ଦୁଇ ମାସର ଔଷଧ ଦେବାକୁ ଦାବି କରୁଛନ୍ତି। ହେଲେ ଔଷଧ ଯୋଗାଣ ହ୍ରାସ ପାଇଥିବାରୁ ସେମାନଙ୍କୁ ଔଷଧ ଦେବା ସମ୍ଭବପର ହେଉନି ବୋଲି ସେ କହିଛନ୍ତି।

## ଥାନାରେ ସିସିଟିଭି...

ଥାନାରେ ସିସିଟିଭି କ୍ୟାମେରା କାମ କରୁନି। ଯେଉଁ ଥାନାରେ ସିସିଟିଭି କ୍ୟାମେରା କାମ କରୁଛି, ତାହାର ଫୁଟେଜ୍ କୋର୍ଟକୁ ଦିଆଯାଉ ନାହିଁ। ଅନେକ ଥାନାରେ ଦେଖାଯାଉଛି ଯେ ରିମାଣ୍ଡ ରୁମ୍ ବା ହାଜତ କୋଠରୀକୁ ସିସିଟିଭି କ୍ୟାମେରା ଠାରୁ ଦୂରେଇ ରଖାଯାଉଛି। ଏହାକୁ ନେଇ ଥାନା ଅଧିକାରୀ କୋର୍ଟରେ ବିଭିନ୍ନ ପ୍ରକାର ବାହାନା ଦେଖାଉଛନ୍ତି। ହାଜତମୃତ୍ୟୁ ମାମଲାରେ ପୁଲିସ ସିସିଟିଭି ଫୁଟେଜ୍ ଦାଖଲ ନକରିବା ଲାଗି ବିଭିନ୍ନ ବାହାନା ଦେଖାଉଛି।

ହାଜତମୃତ୍ୟୁକୁ ରୋକିବା ସହିତ ପାରଦର୍ଶିତା ଆଣିବା ଲାଗି ସମସ୍ତ ପୁଲିସ ଥାନାରେ ସିସିଟିଭି କ୍ୟାମେରା ଲଗାଇବାକୁ ସୁପ୍ରିମ କୋର୍ଟ ବାଧ୍ୟତାମୂଳକ କରିଛନ୍ତି। ମାନବାଧିକାର ଉଲ୍ଲଂଘନ ରୋକିବାକୁ ଏହା ଜରୁରି। ସିସିଟିଭି ଲଗାଇବା ସହିତ ଏହାର ରକ୍ଷଣାବେକ୍ଷଣା ନେଇ ସୁପ୍ରିମ କୋର୍ଟ ଏହାପୂର୍ବରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନେକ ନିର୍ଦ୍ଦେଶ ଦେଇଛନ୍ତି। ସିସିଟିଭି ଡାଟା ଏବଂ ରେକର୍ଡିଂ ବ୍ୟାକଅପ୍ ସୁରକ୍ଷିତ ରଖିବା ସହିତ ଯାନ୍ତ୍ରିକ ତ୍ରୁଟି ସଜାଡ଼ିବା ଦାୟିତ୍ୱ ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କର ବୋଲି କୋର୍ଟ ସ୍ୱଷ୍ଟ ଭାବେ କହିଛନ୍ତି। କୋର୍ଟ ନି।।ର୍ଦ୍ଦେଶ ସ।।ତ୍ତ୍ୱେ ବିଭିନ୍ନ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ବିଭ୍ରାନ୍ତିକର ତଥ୍ୟ ଦିଆଯାଉଛି। ଏକ୍ଷେତ୍ରରେ ସୁପ୍ରିମ କୋର୍ଟଙ୍କ ଆଦେଶ ପାଳନ କରାଯାଉ ନଥିବାରୁ ୨୦୨୩ରେ ଜଷ୍ଟିସ ଗଭାଇ ବେଞ୍ଚ କ୍ଷୋଭ ପ୍ରକାଶ କରିଥିଲେ। ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ ୨୦୦୦ରୁ ୨୦୨୨ ମଧ୍ୟରେ ବର୍ଷକୁ ୯୨ ଜଣ ବ୍ୟକ୍ତି ପୁଲିସ ହାଜତରେ ପ୍ରାଣ ହରାଇଥିଲେ। ତେବେ ୨୦୦୫ରେ ସର୍ବାଧିକ ୧୨୮ ଟି ହାଜତମୃତ୍ୟୁ ହୋଇଥିବା ବେଳେ ୨୦୦୭ରେ ୧୧୮ ଟି ହାଜତମୃତ୍ୟୁ ହୋଇଥିଲା।

## ହାଇକୋର୍ଟ ନିର୍ଦ୍ଦେଶ...

ବ୍ୟବସ୍ଥା କରାଯିବ। ଫାଣ୍ଡିରେ ଲାଗିଥିବା କ୍ୟାମେରା ଗୁଡିକ ଭିଡିଓ ମ୍ୟାନେଜମେଣ୍ଟ ସିଷ୍ଟମ ଜରିଆରେ ସେଣ୍ଟ୍ରାଲ ମନିଟରିଂ ସିଷ୍ଟମରେ ସେହି ସମାନ ସମୟ ସୁଦ୍ଧା ଯୋଡ଼ି ହୋଇଥିବ ବୋଲି ଦର୍ଶାଯାଇଥିଲା। ଏହି ଅବଧି ପୂରି ଯାଇଥିଲେ ମଧ୍ୟ ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି ବ୍ୟବସ୍ଥା ହୋଇପାରିନାହିଁ। ଏବେ ବି ରାଜ୍ୟର ଆହୁରି ୩୦ଟି ଥାନାରେ ସିସିଟିଭି କ୍ୟାମେରା ଲାଗିପାରି ନ ଥିବା ଜନୈକ ପୁଲିସ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଫଳରେ ଥାନାକୁ ଅଭିଯୋଗ କରିବା ପାଇଁ ଯାଉଥିବା ଜନସାଧାରଣଙ୍କୁ କି ପ୍ରକାର ନ୍ୟାୟ ମିଳୁଛି ତାହା ନିଶ୍ଚିତ ହୋଇପାରିନାହିଁ।

୨୦୨୪ ସେପ୍ଟେମ୍ବର ୧୫ ତାରିଖ ବିଳମ୍ବିତ ରାତିରେ ଭରତପୁର ଥାନାରେ ଘଟିଥିବା ପୁଲିସ ନିର୍ଯାତନା ମାମଲାର ଶୁଣାଣି କରି ହାଇକୋର୍ଟ ଦର୍ଶାଇଥିଲେ ଯେ କୌଣସି ଆର୍ମି ଅଫିସର ଥାନାକୁ ଆସିଲେ କିପରି ବ୍ୟବହାର କରାଯିବ ସେ ନେଇ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ସବୁ ଥାନାକୁ ଏସଓପି ଜାରି କରିବେ ଏବଂ ରାଜ୍ୟର ପ୍ରତ୍ୟେକ ପୁଲିସ ଅଧିକାରୀ ଏହାକୁ ଅନୁସରଣ କରିବେ। ଏହି ଏସଓପିକୁ ଠିକ ଭାବେ ଚାରିଆଡେ ପ୍ରଚାର କରାଯିବ। ଏପରିକି ପୁଲିସ ଅଧିକାରୀମାନେ କିପରି ସଚେତନ ହେବେ ସେନେଇ ପଦକ୍ଷେପ ନିଆଯିବ। ଏସଓପିକୁ ଓଡ଼ିଆରେ ପ୍ରତ୍ୟେକ ଥାନା ଏବଂ ଫାଣ୍ଡିରେ ବଣ୍ଟାଯିବ ବୋଲି ଭରତପୁର ଥାନାରେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଦିଆଯିବା ମାମଲାରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜଣେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀ ଏତଲା ଦେବାକୁ ଯାଇଥିଲେ। ପୋଲିସ ସେମାନଙ୍କ ଏତଲା ରୁଜୁ କରିବା ପରିବର୍ତ୍ତେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଏପରିକି ଆର୍ମି ଅଫିସରଙ୍କ ବାନ୍ଧବୀଙ୍କୁ ଗିରଫ କରି ଜେଲକୁ ପଠାଇ ଦିଆଯାଇଥିଲା। ଏହି ଘଟଣା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ଲେଫ୍ଟନାଣ୍ଟ ଜେନେରାଲ ପିଏସ ଶେଖାୱତ ଏନେଇ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏକ ଲେଟର ପିଟିସନ ଲେଖିଥିଲେ। ଏହି ଲେଟର ପିଟିସନକୁ ମାମଲା ଭାବେ ଗ୍ରହଣ କରି ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଏଥିରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଠାରୁ ଭରତପୁର ଥାନା ସମେତ ରାଜ୍ୟର କେତେ ଥାନାରେ ସିସିଟିଭି କ୍ୟାମେରା ଲାଗିଛି ତାହାର ରିପୋର୍ଟ ତଲବ କରିଥିଲେ।

## ବଢୁଛି ଆତ୍ମହତ୍ୟା...

ସଂପର୍କରେ ଫାଟ, ସ୍ୱାସ୍ଥ୍ୟଗତ ସମସ୍ୟା ଓ ପରିବେଶ। ତେବେ ଅଧିକାଂଶ କ୍ଷେତ୍ରରେ ।।ଦେଖାଯାଉଛି ଯେ ଯୌନ ନିର୍ଯାତନା ଓ ପାରିବାରିକ ହିଂସା ଯୋଗୁଁ ମହିଳାମାନେ ମାନସିକ ଅବସାଦର ଶିକାର ହେଉଛନ୍ତି। ଏନେଇ ଡବ୍ଲ୍ୟୁଏଚ୍‌ଓ ଚିନ୍ତା ପ୍ରକଟ କରିବା ସହିତ ମାନସିକ ସ୍ୱାସ୍ଥ୍ୟ ନେଇ ସଚେତନତା ଅଭିଯାନ ଜୋରଦାର କରିବାକୁ ପରାମର୍ଶ ଦେଇଛି।

ରିପୋର୍ଟରେ ଆହୁରି କୁହାଯାଇଛି ଯେ ଅବସାଦ ଓ ଦୁଶ୍ଚିନ୍ତା ବିଶ୍ୱର ସବୁ ଦେଶରେ ଦେଖାଯାଉଛି। ବିଶେଷ କରି ଯୁବପିଢ଼ି ଏହାର ଶିକାର ହେଉଛନ୍ତି। ଏହାର ପ୍ରଭାବ ଅର୍ଥନୀତି ଉପରେ ମଧ୍ୟ ପଡୁଛି। ଅବସାଦ ଓ ଦୁଶ୍ଚିନ୍ତା ଯୋଗୁଁ ପ୍ରତିବର୍ଷ ବିଶ୍ୱ ଅର୍ଥନୀତି ଉପରେ ଏକ ଲକ୍ଷ କୋଟି ଡଲାରର ବୋଝ ପଡୁଛି। ଅବସାଦ ଓ ଦୁଶ୍ଚିନ୍ତାର ମୁକାବିଲା ଲାଗି ବିଶ୍ୱବ୍ୟାପୀ ଅଭିଯାନକୁ ଜୋରଦାର କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗୁରୁତ୍ୱ ଆରୋପ କରିଛି। ୨୦୩୦ ସୁଦ୍ଧା ଆତ୍ମହତ୍ୟା ହାର ଅତିକମରେ ୩୦ ଭାଗ ହ୍ରାସ କରିବାକୁ ଡବ୍ଲ୍ୟୁଏଚ୍‌ଓ ଲକ୍ଷ୍ୟ ଧାର୍ଯ୍ୟ କରିଛି। କିନ୍ତୁ ଯେଉଁ ହିସାବରେ ଅଭିଯାନ ଚାଲିଛି, ସେଥିରୁ ଜଣାପଡୁଛି ଯେ ଏହି ଲକ୍ଷ୍ୟ ହାସଲ ହେବାର ସମ୍ଭାବନା କମ୍। ଆତ୍ମହତ୍ୟା ହାର ମାତ୍ର ୧୨ ପ୍ରତିଶତ କମିପାରେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯୁବପିଢ଼ି କାହିଁକି ମାନସିକ ଅବସାଦର ଶିକାର ହେଉଛନ୍ତି, ତାହାର କାରଣ ଖୋଜି ବାହାର କରିବା ସହିତ ଏହାର ନିରାକରଣ ପାଇଁ ବିଭିନ୍ନ ଦେଶ ନିମ।।ନ୍ତେ ଗାଇଡଲାଇନ୍ସ ଜାରି କରିଛି ସଂଗଠନ।

## ପାଇଖାନା ଟାଙ୍କିରୁ...

ବାପା ମା'ଙ୍କ ସହ ଗଣେଶ ବିସର୍ଜନ ଦେଖିବାକୁ ଯାଇଥିଲେ। ତେବେ ହଠାତ୍ ସେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାରଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ତେବେ ଆଜି ସକାଳେ ତାଙ୍କ ମୃତଦେହ ଏକ ପାଇଖାନା ଟାଙ୍କିରୁ ମିଳିଥିଲା। ପରିବାର ସଦସ୍ୟ ଏବଂ ଗ୍ରାମବାସୀ ହତ୍ୟା ଅଭିଯୋଗ କରି ଅପରାହ୍ଣ ପ୍ରାୟ ସାଢ଼େ ୪ଟା ବେଳେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ମାମଲା ଶାନ୍ତ ପଡ଼ିଥିବା ଜଣାଯାଇଛି।


**AFFIDAVIT**

By virtue of an Affidavit before Notary Public, Malkangiri, I, **Mase Sodi**, aged about 55 years, W/o.: Pandu Sodi resident of Village: Singharajkhunta, PO.: Sikhapali, P.S./Dist.: Malkangiri, Odisha, declare by this Affidavit No.: 1469/2025, Dated: 02.09.2025 that I have changed my name from Mashe Sodi to **Mase Sodi**. Henceforth I shall be known as **Mase Sodi** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Adama Madhi**, aged about 47 years, S/o.: Muka Madhi resident of Village: Chidipali, PO.: Tumusapalli, P.S./ Dist.: Malkangiri, Odisha, declare by this Affidavit No.: 1468/2025, Dated: 02.09.2025 that I have changed my & my father surname from Adama Madi, S/o.: Muka Madi to **Adama Madhi, S/o.: Muka Madhi**. Henceforth I shall be known as **Adama Madhi, S/o.: Muka Madhi** for all future purposes.

**AFFIDAVIT**

I, SURAJ DHALS/O SUBASH CHANDRA DHALSULDHIAPADA, PO-EKATALI, WARD NO-07, JHARSUGUDA -768202, ODISHA Declare by this affidavit No.4671 dtd-04/09/2025, that now onwards i shall be known as **SURAJ KUMAR DHAL** for all future purposes.

**AFFIDAVIT**

I, Madhujyotshna Samal, W/o- Bijay Kumar Nayak, resident of Karadamali, PO-Gadbandhagoda, PS-Ramachandrapur, District-Kendujhar, PIN-758043, Odisha declare by this affidavit No. A/39 dtd. 02.09.2025 that now onwards I shall be known as **Madhujyotsna Nayak** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Makar Burudi**, aged about 37 years, S/o.: Hari Burudi resident of Village: Gudumpadar, PO.: Biralakshmanpur, P.S./Dist.: Malkangiri, Odisha, declare by this Affidavit No.: 1470/2025, Dated: 02.09.2025 that I have changed my name from Makara Burudi to **Makar Burudi**. Henceforth I shall be known as **Makar Burudi** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Gangaram Gouda**, aged about 58 years, S/o.: Late Sambharu Gouda resident of Village: Bahalguda (Titang), PO.: Tandiki, P.S./ Dist.: Malkangiri, Odisha, declare by this Affidavit No.: 1503/2025, Dated: 04.09.2025 that I have changed my & my father surname from Gangaram Madhi, S/o.: Late Sambharu Madhi to **Gangaram Gouda, S/o.: Late Sambharu Gouda.** Henceforth I shall be known as **Gangaram Gouda, S/o.: Late Sambharu Gouda** for all future purposes.

**AFFIDAVIT**

I, Jeetindra Kumar Patro, S/o.- Lambodara Patro, resident of Vill- Sahasapur, Po.- Gothagam, Ps.- Jaradagada, Dist- Ganjam, Dist- Ganjam, Pin: 761037, Odisha declare by this affidavit No. 80, Dtd: 03.09.2025 that now onwards I shall be known **JITENDRA KUMAR PATRO** for all future purposes.

**ହଜିଯାଇଅଛି**

ଏହି ଶପଥ ପତ୍ର ନୋଟାରି ପବ୍ଲିକ୍, ନିମାପଡ଼ା, ପୁରୀଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି କି, ମୁଁ ଅଜୟ କୁମାର ବେହେରା, ପି- ମୃତ ଗଜେନ୍ଦ୍ର ବେହେରା, ଗ୍ରା/ପୋ- ରୂପଦେଇପୁର, ଥାନା, ବଳଙ୍ଗା, ଜିଲ୍ଲା, ପୁରୀ, ଓଡ଼ିଶା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛି କି ମୋ ବାପାଙ୍କ ନାମରେ ଥିବା ସେଲ ଡିଡ୍ ନମ୍ବର ୧୨୧୩, ତା.୨୨.୦୨.୧୯୯୬ ଲିଖରେ ମୁଁ ମୋ ମଟରସାଇକେଲରେ ରୂପଦେଇପୁରରୁ ବଳଙ୍ଗା ଯିବା ବାଟରେ ଓରିଜିନାଲ କବଲାଟି କେଉଁଠାରେ ହଜିଯାଇଅଛି। ମୁଁ ବଳଙ୍ଗା ଥାନା ଓ ଆଇସିଙ୍କ ମାଧ୍ୟମରେ ଏକ କେସ ଡାଏରୀ ମଧ୍ୟ ଏଣ୍ଟ୍ରି କରିଅଛି। ଏତଦ୍ ଦ୍ୱାରା ମୁଁ ଘୋଷଣା କରୁଅଛିକି ଉପରୋକ୍ତ ବିବରଣୀ ସତ୍ୟ ଅଟେ।

ସ୍ୱାକ୍ଷର/- ଅଜୟ କୁମାର ବେହେରା

**AFFIDAVIT**

By virtue of an affidavit sworn before The Executive Magistrate, Banpur, Dist.- Khordha vide no-3381, Dated- 3/9/2025, I Gurubari Nayak, aged about 40 yrs., W/O- Sukadeb Nayak, Address At- Halanda, Po.- Badasireipur, Ps.- Banpur, Dist.- Khordha, Pin- 752031, Odisha, declare that I have changed my minor Son's name from **Sambit Kumar Nayak** to **Sambit Nayak**. Henceforth, he shall be known as **Sambit Nayak** for all purpose.

**AFFIDAVIT**

By an affidavit CF No. 30 sworn before Executive Magistrate, Bhubaneswar on dtd- 03/09/2025. I, **Indramani Panigrahy**, Husband of Sarojanalini Panigrahy, father of Ipsita Panigrahy, resident of Plot No. 65/3331, Narayani Club, Old Town Mahatab Road, Bhubaneswar, Dist.- Khurda, Odisha has declared that in my daughter's school document, my wife's name is wrongly mentioned as Sarojanalini instead of Sarojanalini Panigrahy. Sarojanalini Panigrahy is the correct name. Both **Sarojanalini** and **Sarojanalini Panigrahy** is one and the same person who happens to be the mother of Ipsita Panigrahy.

**AFFIDAVIT**

I, Asha Tarai, aged about 38 years, W/o- Manas Patnaik, resident of At- Bharati Bhavan, Srivihar Colony, Tulasipur, Cuttack, PIN- 753008, Odisha declared by this affidavit No. 12/2025, dtd- 01/09/2025 that now onwards I shall be known as **ASHA RAY** for all future purposes.

**AFFIDAVIT**

I, Rena Dev, aged about 72 years, W/o- Late Samir Deb, resident of At-Gujurati Colony, Purunabasti, Po-Kalimandir Road, Ps/Dist- Jharsuguda, Odisha, PIN- 768201 declared by this affidavit C.F. No. 4657, dtd-03/09/2025 that now onwards I shall be known as **RENA DEB** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Niali on dtd. 04/09/2025. I Bijay Behera, S/o- Late Sikhar Behera, resident of Village-Bansahi, Po-Bilasuni, PS- Niali, Dist- Cuttack, Odisha, Aadhar No- 9779 8796 8122, declare that, in my driving licence No. OR 05 20060020688 my name recorded as **Sudhir Kumar Behera** which is my nick name. My self **Bijay Behera** and **Sudhir Kumar Behera** same and one person. Henceforth, I shall be known as **Bijay Behera** for all purposes.

**Bijay Behera**

RR-12

ଓଡ଼ିଶା ସରକାର
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

**ବିଜ୍ଞାପନ**

**୩୫ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୩ ଏବଂ ୩୬ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୪ ପାଇଁ ଦରଖାସ୍ତ ଆହ୍ୱାନ**

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୫ତମ (2023) ଓ ୩୬ତମ (2024) ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରଯୋଜକମାନେ Entry Form, ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର Soft Copy (Pen Drive) 04.10.2025 ସୁଦ୍ଧା (Registered/Speed Post/Parcel) ଦାଖଲ କରିପାରିବେ। ଶ୍ରେଷ୍ଠ ଲେଖା (Book/Monograph) ପାଇଁ ଲେଖକମାନେ ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ (୧୦) ଖଣ୍ଡ ଲେଖା (Book/Monograph) 04.10.2025 ସୁଦ୍ଧା ଦାଖଲ କରିବେ। ଆବେଦନ ସମ୍ବନ୍ଧୀୟ ବିଷଦ ବିବରଣୀ ଯଥା Entry Form ଓ ନିୟମାବଳୀ ଇତ୍ୟାଦି ବିଭାଗର ୱେବସାଇଟ: culture.odisha.gov.in ରେ ଉପଲବ୍ଧ କରାଯାଇଅଛି।

ନିର୍ଦ୍ଦେଶକ,
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଭୁବନେଶ୍ୱର

OIPR-03029/11/0068/2526

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

# ଧର୍ମଗଡ଼ ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ଦାବି ତେଜିଲା

**ଧର୍ମଗଡ଼, ୪।୯ (ସମିସ)**

ନୂଆ ଏନ୍ଏସି ଓ ମ୍ୟୁନିସପାଲିଟି ଘୋଷଣା ପରେ ଧର୍ମଗଡ଼ ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ନେଇ ଆଶା ସଞ୍ଚାର ହୋଇଛି। ଏନେଇ ଧର୍ମଗଡ଼ ଜଗନ୍ନାଥ ସେବା ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧର୍ମଗଡ଼ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଘର ସଦସ୍ୟ ବ୍ରହ୍ମ କିଶୋର ନାଏକ, ବ୍ରହ୍ମାନନ୍ଦ ଆଚାରୀ ପ୍ରମୁଖ ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ସମ୍ପର୍କିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କୁ ଭେଟି ପ୍ରଦାନ କରିଥିଲେ।ସୂଚନାଯୋଗ୍ୟ ଯେ, ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଧର୍ମଗଡ଼ ଉପଖଣ୍ଡକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇ ଆସୁଛି। ଧର୍ମଗଡ଼ ଉପଖଣ୍ଡର ଭୌଗଳିକ ସ୍ଥିତି, ଜନସଂଖ୍ୟା ଏବଂ ଜିଲ୍ଲା ଗଠନ ପାଇଁ ଆବଶ୍ୟକ ଭିତ୍ତିଭୂମୀକୁ ଦେଖିଲେ ଏହା ନବ ଗଠିତ ନୂଆପଡ଼ା ଜିଲ୍ଲା, ଦେବଗଡ଼ ଜିଲ୍ଲା, ବୌଦ୍ଧ ଜିଲ୍ଲା, ଝାରସୁଗୁଡ଼ା ଜିଲ୍ଲା ଠାରୁ ଅଧିକା। ଧର୍ମଗଡ଼, କୋକସରା, ଗୋଲାମୁଣ୍ଡା, କଳମପୁର, ଜୟପାଟଣା ଓ ଜୁନାଗଡ଼ ବ୍ଲକର ମୋଟ ୧୪୧ ଟି ପଞ୍ଚାୟତକୁ ନେଇ ଗଠିତ ଏହି ଉପଖଣ୍ଡର ମୋଟ ଜନସଂଖ୍ୟା ହେଉଛି ୭ଲକ୍ଷ ୭୨ ହଜାର ୨୭୭। ଏଥିମଧ୍ୟରୁ ୩, ୮୨, ୭୬୮ ପୁରୁଷ ଓ ୩, ୮୯, ୫୦୯ ମହିଳା ଅଟନ୍ତି। ଜନସଂଖ୍ୟାକୁ ହିସାବ କଲେ ଦେବଗଡ଼ ଜିଲ୍ଲାର ଜନସଂଖ୍ୟା ୩, ୧୨, ୫୨୦ ର ଏହା ଦୁଇ ଗୁଣରୁ ଅଧିକା। ପୁନଶ୍ଚ ଏହା ଛତିଶଗଡ଼ ସୀମାକୁ ଲାଗି ରହିଥିବା ବେଳେ ପ୍ରଶାସନକୁ ଲୋକଙ୍କ ନିକଟତର କରିବା ପାଇଁ ଧର୍ମଗଡ଼ ଉପଖଣ୍ଡ କୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ନିହାତି ଆବଶ୍ୟକ ରହିଛି ବୋଲି ଦାବି ପତ୍ରରେ ଉଲ୍ଲେଖ ରହିଛି।ଧର୍ମଗଡ଼ ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ନେଇ ଦଳ ମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଗତ ସେପ୍ଟେମ୍ବର ୨୦୨୩ ମସିହାରେ ପ୍ରାୟ ୪୫ ଦିନ ଧରି ଧର୍ମଗଡ଼ ଠାରେ ଗଣଧାରଣା ଦିଆଯିବା ସହ ଧର୍ମଗଡ଼ ଉପଖଣ୍ଡକୁ ଗୋଟିଏ ଦିନ ସମ୍ପୂର୍ଣ୍ଣ ବନ୍ଦ ଡାକରା ଦିଆଯାଇଥିଲା।ଏବେ ଧର୍ମଗଡ଼ ଜଗନ୍ନାଥ ସେବା ସମିତି ଧର୍ମଗଡ଼ ଜିଲ୍ଲା ଗଠନ ଦାବିକୁ ଦୋହରାଇଛନ୍ତି।

## ବାଇକ୍‌କୁ ପିଟିଲା ବାଇକ୍, ୩ ଗୁରୁତର

**ଲାଞ୍ଜିଗଡ଼, ୪।୯ (ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ମସ୍କାପଦର ଛକ ନିକଟରେ ଏକ ବାଇକକୁ ପଛପଟୁ ଅନ୍ୟ ଏକ ବାଇକ୍ ଦ୍ରୁତଗତିରେ ଆସି ପିଟି ହେବା ଫଳରେ ତିନିଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି।ସୂଚନାନୁସାରେ ଗୁରୁବାର ସକାଳ ୧୦ ଘଣ୍ଟା ସମୟରେ ମୁରଲୀଧର ଗୌଡ଼(୪୧)କୌଣସି କାମରେ ହରେକୃଷ୍ଣପୁର ଯାଇ ବାଇକ୍‌ରେ ଲାଞ୍ଜିଗଡ଼ ଆଡକୁ ଫେରୁଥିବା ବେଳେ ଛତ୍ରପୁର ପଞ୍ଚାୟତ ଅନ୍ତର୍ଗତ ମସ୍କାପଦର ନିକଟରେ ଯୋଡ଼ାବନ୍ଧ ଗ୍ରାମର ଖଗେଶ୍ୱର ମାଝୀ (୨୧)ଏବଂ ସରୋଜ ମାଝୀ(୨୫ ଦୁଇଜଣ ଗୋଟିଏ ବାଇକ୍‌ରେ ସେଇ ଦିଗରୁ ଲାଞ୍ଜିଗଡ଼ ଆଡକୁ ଆସୁଥିବା ବେଳେ ଶ୍ରୀ ଗୌଡ଼ଙ୍କ ବାଇକରେ ପଛପଟୁ ଦ୍ରୁତଗତିରେ ଧକ୍କା ଦେବା ଫଳରେ ବାଇକ ସହ ତିନିଜଣ ଯାକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତିନିଜଣ ରାସ୍ତା ଉପରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡକାଇ ତିନିଜଣ ଗୁରୁତରଙ୍କୁ ଲାଞ୍ଜିଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତିନିଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ଖବର ପାଇ ଲାଞ୍ଜିଗଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।



## ଚୁପକାଦାଦର ଗ୍ରାମରେ ହାତୀପଲ; ଫସଲ ନଷ୍ଟ



**ବୀରମହାରାଜପୁର, ୪।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବନାଞ୍ଚଳ ଅଧୀନ ଖଣ୍ଡହତା ପଞ୍ଚାୟତର ଚୁପକାଦାଦର, ପୁଇପାନ ଓ ଖଣ୍ଡହତା ଗ୍ରାମରେ ହାତୀପଲ ଧାନ ଚାଷ ନଷ୍ଟ କଲାପରେ ଏବେ ହାତୀପଲ ହାତିଲିମୁଣ୍ଡା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ପୁଇପାନ ଜଙ୍ଗଲରେ ଅଛନ୍ତି। ବନ ବିଭାଗ ହାତୀପଲଙ୍କୁ ଘଉଡ଼ାଇବାକୁ ଚେଷ୍ଟା କରୁଛି। ବୁଧବାର ରାତିରେ ପୁଣିଥରେ ଚୁବକାଦାଦର ଗ୍ରାମର ଚାଷ ଜମିରେ ଧାନଗଛ ଦଳି ଚକଟି ନଷ୍ଟ କରିଛନ୍ତି। ବୀରମହାରାଜପୁର ରେଞ୍ଜ ର ସହକାରୀ ବନ ସଂରକ୍ଷକ ତଥା ଅତିରିକ୍ତ ରେଞ୍ଜ ଦାୟିତ୍ୱରେ ଥିବା ରେଞ୍ଜ ଅଧିକାରୀ ଅବିନାଶ ବରିହାଙ୍କ ନେତୃତ୍ୱରେ ବନ ବିଭାଗର ଟିମ ହାତୀପଲ ର ଗତିବିଧି ନିରୀକ୍ଷଣ କରୁଛନ୍ତି। ହତିପଲଙ୍କୁ କୌଣସି ଶିକାରୀ ଯେମିତି ଗୁଳି ନ କରେ ସେଥିପାଇଁ ହତିପଲଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯାଉଛି। ଡ୍ରୋନ କ୍ୟାମେରା ସାହାଯ୍ୟରେ ମଧ୍ୟ ହତିପଲର ଗତିବିଧି ନିରୀକ୍ଷଣ କରାଯାଉଛି। ଗୁରୁବାର ଦିନ ବେଳା ହାତୀପଲ ଜଙ୍ଗଲରେ ରହିଥିଲେ। ରାତିହେଲେ ଜନ ବସତି ଆଡ଼କୁ ହାତୀପଲ ଆସୁଛନ୍ତି। ସେଥିପାଇଁ ଚାଷୀମାନେ ଏବେ ଆତଙ୍କିତ ଅଛନ୍ତି। ଆଜି ରାତିରେ ହାତିପଲଙ୍କୁ ରେଢାଖୋଲ ସଂରକ୍ଷିତ ଜଙ୍ଗଲ ଆଡ଼କୁ ଘଉଡାଇ ଦିଆଯିବ ବୋଲି ସୂଚନା ମିଳିଛି।

### ଛାତ୍ରୀଙ୍କୁ ଅସଦାଚରଣ କରିବା ମାମଲା

## ସ୍ୱାମୀଙ୍କୁ ମିଥ୍ୟା ଅଭିଯୋଗରେ ଫସାଯାଇଛି

**ଥାନାରେ ଏତଲା ଦେଲେ ସ୍ତ୍ରୀ**

**ଜୁନାଗଡ଼, ୪।୯ (ସମିସ):**କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ବଲଦିଆମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ଥାନୀୟ ସ୍କୁଲର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବା ମାମଲାରେ ବୁଧବାର ଜୁନାଗଡ଼ ପୁଲିସ ପୋକ୍ସୋ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏପଟେ ପ୍ରଧାନଶିକ୍ଷକ ମେହେରଙ୍କ ଗିରଫ ପରେ ସ୍ଥାନୀୟ ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ନେଇ ତାଙ୍କୁ ନିଲମ୍ବିତ କରିଥିଲା। ଗୁରୁବାର ଏହି ଘଟଣାର ନୂଆମୋଡ଼ ଦେଖିବାକୁ ମିଳିଛି। ପ୍ରଧାନଶିକ୍ଷକ ସ୍ତ୍ରୀ ସୁମିତ୍ରା ମେହେର ତାଙ୍କ ସ୍ୱାମୀଙ୍କୁ ମିଥ୍ୟା ଅଭିଯୋଗରେ ଫସାଯାଇଥିବା ନେଇ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଏତଲାରେ ସେ ସ୍କୁଲର ୩ ଜଣ ସହକାରୀ ଶିକ୍ଷକ ଯିଶୁ ଗୋପାଳ, ସାମନ୍ତ ମେହେର ଓ ଓମ ମେହେର ମିଶି ସ୍କୁଲର ଛୋଟ ଛୋଟ ଝିଅମାନଙ୍କ ମାଧ୍ୟମରେ ଉପରୋକ୍ତ ମିଥ୍ୟା ଅଭିଯୋଗଆଣି ମୋ ସ୍ୱାମୀଙ୍କୁ ଫସାଇଥିବା ଅଭିଯୋଗ ଆଣିଛନ୍ତି। ସହକାରୀ ଶିକ୍ଷକ ଯିଶୁ ଗୋପାଲ ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କ ସହ ଖରାପ ସମ୍ପର୍କ ଥିବା ଜାଣି ମୋ ସ୍ୱାମୀ ଶିକ୍ଷା ବିଭାଗକୁ ଜଣାଇ ଉକ୍ତ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ସ୍କୁଲକୁ ବଦଳି କରି ଦେଇଥିଲେ। ଏହି ଘଟଣାର ବ୍ୟକ୍ତିଗତ ରାଗ ରଖି ସହକାରୀ ଶିକ୍ଷକ ଗୋପାଳ ଓ ଅନ୍ୟ ୨ ଶିକ୍ଷକ ମିଶି ମୋ ସ୍ୱାମୀଙ୍କୁ କର୍ମ କ୍ଷେତ୍ରରେ ମାନସିକ ନିର୍ଯାତନା ଦେବା ସହ ଫସାଇବାକୁ ଚେଷ୍ଟା କରୁଥିଲେ।ମଙ୍ଗଳବାର ଗ୍ରାମର କେତେକ ବ୍ୟକ୍ତିଙ୍କୁ ଧରି ସେମାନେ ମୋ ସ୍ୱାମୀଙ୍କୁ ସ୍କୁଲରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାସହ ସମ୍ମାନହାନୀ କରିବା ପାଇଁ ତାଙ୍କୁ ଚପଲ ମାଳ ମଧ୍ୟ ପିନ୍ଧାଇ ଅସଦାରଣ କରିଥିଲେ। ଏହି ଘଟଣାର ତଦନ୍ତ କରି ଉପରୋକ୍ତ ସହକାରୀ ଶିକ୍ଷକଙ୍କୁ ଓ ସାମିଲ ଥିବା ଗ୍ରାମର କିଛି ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ସୁମିତ୍ରାଙ୍କ ଲିଖିତ ଅଭିଯୋଗ ପରେ ଜୁନାଗଡ଼ ପୁଲିସ ଉପରୋକ୍ତ ୩ ଶିକ୍ଷକ ସମେତ ସମୁଦାୟ ୬ ଜଣଙ୍କ ନାମରେ ମାମଲା ନଂ (୫୮୦/୨୫ ) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରଧାନଶିକ୍ଷକଙ୍କ ସ୍ତ୍ରୀଙ୍କ ଅଭିଯୋଗ ଅନୁଯାଇ ତଦନ୍ତ ହେଉଥିବା ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ଜୁନାଗଡ଼ ବିଇଓଙ୍କ ପ୍ରତିକ୍ରିୟା ନେବାରୁ ଥାନାରୁ ଉକ୍ତ ଶିକ୍ଷକଙ୍କ ନାମରେ ଲିଖିତ ଅଭିଯୋଗ ପତ୍ର ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଅଜିତ ହତ୍ୟାକାଣ୍ଡ ମୁଖ୍ୟ ଅଭିଯୁକ୍ତର ଆତ୍ମସମର୍ପଣ

**ବୀରମହାରାଜପୁର, ୪।୯ (ସମିସ)):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅଧୀନ ମେଣ୍ଡାମାଳ ଗ୍ରାମରେ ଗତ ୨୯ ତାରିଖ ବିଳମ୍ବିତ ରାତିରେ ବାଘମାରି ଗାଁର ଅଜିତ ଖଣ୍ଡଗିରି (୩୫)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦେବେନ୍ଦ୍ର ପାତ୍ର ଗୁରୁବାର ବୀରମହାରାଜପୁର ଏସ୍‌ଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଥିବା ଜଣାଯାଇଛି। ଆତ୍ମସମର୍ପଣ ପରେ ଅଭିଯୁକ୍ତକୁ ଆଜି ଜେଲ ହାଜତକୁ ପଠାଇ ଦିଆଯାଇଛି। ପଚରାଉଚରା ଓ ଅଧିକ ତଦନ୍ତ ପାଇଁ ପୁଲିସ ତାଙ୍କୁ ରିମାଣ୍ଡରେ ଆଣିବ ବୋଲି ସୂଚନା ମିଳିଛି।

ପ୍ରକାଶ ଥାଉ କି ଘଟଣାର ୫ ଦିନ ବିତିଯାଇଥିଲେ ହେଁ ଏହି ଘଟଣାରେ କେହି ଅଭିଯୁକ୍ତ ଗିରଫ ହୋଇ ନ ଥିବାରୁ ବାଘମାରୀ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା ଓ ଗତକାଲି ସନ୍ଧ୍ୟାରେ ଗ୍ରାମବାସୀ ଥାନା ଘେରଉ ମଧ୍ୟ କରିଥିଲେ। ଘଟଣା ନେଇ ମୃତକଙ୍କ ଭାଇ ସଞ୍ଜିତଙ୍କ ଅଭିଯୋଗ କ୍ରମେ ବୀରମହାରାଜପୁର ଥାନାରେ ଦେବେନ୍ଦ୍ର ପାତ୍ର ଓ ଅନ୍ୟ କେତେକଙ୍କ ନାମରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା।

### ଗୁରୁ ନାଁରେ କଳଙ୍କ

## ଶିକ୍ଷକଙ୍କ ନାଁରେ ଯୌନ ଶୋଷଣ ଅଭିଯୋଗ

**ଧର୍ମଗଡ଼, ୪।୯ (ସମିସ):** ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ବୋଲି ଶାସ୍ତ୍ର କହେ। ତେବେ ସମୟ ବଦଳିବା ସହ ପବିତ୍ର ଗୁରୁ ପରମ୍ପରା ଆଉ ନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବନ୍ଧାଗାଁ ଠାରେ ଦେଖିବାକୁ ମିଳିଛି।ଶିକ୍ଷକ ସୁନୀଲ ଭୋଇଙ୍କ ପ୍ରେମରେ ପ୍ରତାରିତ ପ୍ରେମିକା କଳିକା (ଛଦ୍ମ ନାମ) ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନାନୁଯାୟୀ ଦଶପୁର ଫାଣ୍ଡି ଅନ୍ତର୍ଗତ ବନ୍ଧାଗାଁର ଚମାର ମାଝୀ ଦୈନିକ କୂଳି ମଜୁରୀ ଅଟନ୍ତି। ମଜୁରୀରେ ଉକ୍ତ ପରିବାରର ପ୍ରତିପୋଷଣ ହୁଏ। ତଥାପି କଷ୍ଟେ ମଷ୍ଟେ ଏକମାତ୍ର ଝିଅ କଲେଜ୍ ପର୍ଯ୍ୟନ୍ତ ପାଠ ପଢ଼ାଇବା ଲକ୍ଷରେ ଅନେକ ସ୍ୱପ୍ନ ଦେଖିଥିଲେ। ହେଲେ ଝିଅର ଆତ୍ମହତ୍ୟା ଯୋଗୁଁ ତାଙ୍କ ସ୍ୱପ୍ନ ଭାଙ୍ଗି ଯାଇଛି। ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷକ ସୁନୀଲ ଚନ୍ଦ୍ର ଭୋଇଙ୍କ ସହ କୁଆଡେ ବହୁ ଦିନରୁ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଶିକ୍ଷକ ଜଣଙ୍କ ଝିଅକୁ ବିଭିନ୍ନ ପ୍ରଲୋଭନ ଦେଖାଇ ସମ୍ପର୍କ ଯୌନ ଶୋଷଣ କରିଥିବା ନେଇ ବାପା ଚମାର ମାଝୀ ଓ ମା ଦେବକୀ ମାଝୀ ଅଭିଯୋଗ କରିଛନ୍ତି। ଛାତ୍ରୀ ଜଣକ ଅତିଷ୍ଠ ହେବା ପରେ ବାଧ୍ୟ ହୋଇ ଆତ୍ମହତ୍ୟା କରିଛନ୍ତି। ଛାତ୍ରୀ ଜଣକ ଆତ୍ମହତ୍ୟା କରିବାସ୍ଥଳରୁ ଏକ ହାତ ଲେଖା ସୁଇସାଇଡ଼ ନୋଟ ଏବଂ ଏକ ମୋବାଇଲ୍ ଫୋନ ଜବତ ହୋଇଥିବା ନେଇ ଦଶପୁର ପୁଲିସ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଉକ୍ତ ଶିକ୍ଷକ ଜଣକ ଛାତ୍ରୀ ଠାରୁ ଦୂରେଇ ରହିବା ସହ ଧରାଛୁଆଁ ନ ଦେବାରୁ ଲୋକ ଲଜ୍ଜାକୁ ଭୟରେ କୌଣସି ଉପାୟ ନ ପାଇ ଗତ ୩୧ତାରିଖ ସକାଳ ୯ ଘଣ୍ଟା ସମୟରେ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାଯାଏ। ପ୍ରଥମେ ଫରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲ୍ଲା ଚିକିତ୍ସାଳୟକୁ ନେଇ ଚିକିତ୍ସା କରିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳକୁ ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପଣ୍ଡା ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲେ। ଏନେଇ ଦଶପୁର ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଭିଯୁକ୍ତ ଶିକ୍ଷକ ଜଣଙ୍କୁ ତୁରନ୍ତ ଗିରଫ କରିବା ପାଇଁ ପୁଲିସ ଚେଷ୍ଟିତ ଥିବା ଫାଣ୍ଡି ଅଧିକାରୀ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। ଅନ୍ୟପଟେ ଅଭିଯୁକ୍ତ ଶିକ୍ଷକଙ୍କୁ ତୁରନ୍ତ ଗିରଫ କରି କୋର୍ଟ ଚାଲାଣ କରା ନ ଗଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ପରିବାର ଲୋକେ ଚେତାବନୀ ଦେଇଛନ୍ତି।

## ଲୋକ ଆବାଜ୍ ପରିଚାଳନା କମିଟି ବୈଠକ

**କର୍ଲାମୁଣ୍ଡା, ୪।୯ (ସମିସ):**ଲୋକ ଆବାଜ୍ ପରିଚାଳନା କମିଟି ବୈଠକ ବେଲଖଣ୍ଡି ଶୈବ ପୀଠରେ ଅଧ୍ୟକ୍ଷ ନରୋତ୍ତମ ସେଲମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସର ରେ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ ଲୋକ ଆବାଜ୍‌ର ଆଗାମୀ ଦିନରେ ସାରା ରାଜ୍ୟରେ ସାମ୍ବାଦିକ ନିଯୁକ୍ତି, ପ୍ରତ୍ୟହ ସନ୍ଧ୍ୟା ସମୟରେ ମୁଖ୍ୟ ଖବର ବୁଲେଟିନ, ସହ ପ୍ରତିଟି ଖବର ଉପରେ ତୁରନ୍ତ ନଜର ଦେଇ ଖବର ପ୍ରଚାର ଉପରେ ଗୁରୁତ୍ୱ ଦେବାକୁ ମତ ଦେଇଥିଲେ। ମୁଖ୍ୟ ସମ୍ପାଦକ ହେମନ୍ତ ସାହୁ ଲୋକ ଆବାଜ୍‌ର ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ପାଳନ କରିବାକୁ କହିବା ପରେ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଉତ୍ସବ ପାଳନ ର ରୂପରେଖ ଉପରେ ଗୁରୁତ୍ୱ ପ୍ରଦାନ କରି ଆଲୋଚନା କରିଥିଲେ। ଏଥି ସହିତ ପ୍ରଥମ ବାର୍ଷିକ ଉତ୍ସବରେ ଦୁଇଜଣଙ୍କୁ ମାନପତ୍ର, ଉପାୟନ, ପାରିତୋଷିକ ଅର୍ଥ ରାଶି ପ୍ରଦାନ କରି ସମ୍ମାନିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭିଡିଓ ଏଡ଼ିଟର ସତ୍ୟବ୍ରତ ବଗର୍ତ୍ତୀ, ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ କୁମାର, ଭଜ ଶ୍ୟାମ ସାହୁ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ପୁଷ୍ଟିକର ଖାଦ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରୟୋଗଶାଳା

**ଥୁଆମୂଳରାମପୁର, ୪।୯ (ସମିସ):** ଏସ୍‌ବିଆଇ ଫାଉଣ୍ଡେସନ ଏବଂ ରାମକି ଫାଉଣ୍ଡେସନର ମିଳିତ ସହଯୋଗରେ ଥୁଆମୂଳରାମପୁର ବ୍ଲକର ପୁରୁଣାଗୁମା ପ୍ରାଥିମିକ ବିଦ୍ୟାଳୟରେ ପୁଷ୍ଟିକର ଖାଦ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ ଉପରେ ଗୋଟେ ପ୍ରୟୋଗଶାଳା ଆୟୋଜିତ ହେବାକୁ ହେଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରି ମିନତି ବିଡିକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାମକି ଫାଉଣ୍ଡେସନର ଚିକିତ୍ସକ ଡାକ୍ତର ବିମଳ କୁମାର ଷଡଙ୍ଗୀ ପୁଷ୍ଟିକର ଖାଦ୍ୟ କିପରି ଉତ୍ତମ ସ୍ୱାସ୍ଥ୍ୟ କିପରି ପିଲାମାନେ ନିଜକୁ ଗଢି ତୋଳିବେ ନିଜ ଭବିଷ୍ୟତ ଗଢିବେ ତା ଉପରେ ସେ ଆଲୋକପାତ କରିଥିଲେ। ଆଜିକାଲି ଛାତ୍ରଛାତ୍ରୀ ମାନେ କିପରି ଅଜାତୀୟ ଖାଦ୍ୟରୁ ନିଜକୁ ଦୂରେଇ ରଖିବେ ତା ଉପରେ ଗୁରୁତ୍ୱ ଦେଇଥିଲେକ୍ଷ ଏହି କାର୍ଯ୍ୟକ୍ରମରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ରାମକି ସଂସ୍ଥାର କଳାହାଣ୍ଡିର ମୁଖ୍ୟ ପ୍ରକଳ୍ପ ସଂଯୋଜକ, ଭେଷଜ ବିତରକ ଜ୍ୟୋତ୍ସ୍ନାରାଣୀ ବେହେରା, ନର୍ସ ପଙ୍କଜିନି ରଣା, ଏଲ୍ ଟି ନିତୁ ନାୟକ, ପାଇଲଟ ନିରଞ୍ଜନ ହାତୀ ଏବଂ ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।ଏହିଭଳି ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟ ସଚେତନତା ଶିବିର ରାମକି ଫାଉଣ୍ଡେସନ କରି ସମାଜ ଆଉ କଳାହାଣ୍ଡି ଅଞ୍ଚଳରେ ଲୋକଙ୍କ ସାଧାରଣ ଜୀବନଜୀବିକାକୁ ସୁଧରିବାରେ ମୁଖ୍ୟ ଭୂମିକା କରିଆସୁଛି। ଶେଷରେ ସହକାରି ଶିକ୍ଷକ ଅନିତା ସେଠି ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲା ମଙ୍ଗଳ ବିଭାଗ ବିଦ୍ୟାଳୟ ସମୂହ ସମୀକ୍ଷା

## ପ୍ରତିମାସରେ ସମ୍ବର୍ଦ୍ଧିତ ହେବେ ଶ୍ରେଷ୍ଠ ଛାତ୍ରଛାତ୍ରୀ ଓ ଅଭିଭାବକ

**ନୂଆପଡ଼ା, ୪।୯ (ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ କକ୍ଷରେ ଜିଲ୍ଲା ମଙ୍ଗଳ ବିଭାଗ ଅଧୀନରେ ଥିବା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଦ୍ୟାଳୟ ସମୂହର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ସମସ୍ତ ବିଭାଗୀୟ ଅଧିକାରୀ, ହାଇସ୍କୁଲ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ।ବୈଠକକୁ ସମ୍ବୋଧିତ କରି ଜିଲ୍ଲାପାଳ କହିଲେ ଯେ ଏହି ବିଭାଗର ବିଦ୍ୟାଳୟ ସବୁ ଆବାସିକ ହୋଇଥିବାରୁ ସମସ୍ତ ପ୍ରଧାନଶିକ୍ଷକ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀଙ୍କ ଉତ୍ତମ ପାଠ ପଢ଼ା ସହିତ ସୁରକ୍ଷା ଉପରେ ଗୁରୁତ୍ୱ ଦେବେ। ଡ୍ରପଆଉଟ୍ ହାର ଶୂନ୍ୟ କରିବା ପାଇଁ ପ୍ରଯତ୍ନ କରିବେ। ପ୍ରତି ମାସିକ ପରୀକ୍ଷାରେ ୮, ୯, ୧୦, ୧୧ ଓ ୧୨ ଶ୍ରେଣୀର ଯେଉଁ ପିଲା ମାନେ ପ୍ରଥମ ହେବେ ସେହିମାନଙ୍କୁ ଏବଂ ତାଙ୍କର ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହାଦ୍ୱାରା ଅନ୍ୟ ପିଲାମାନେ ପ୍ରେରଣା ଲାଭ କରି ଭଲ ପ୍ରଦର୍ଶନ ପାଇଁ ଚେଷ୍ଟିତ ହେବେ। ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସହିତ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଚେଷ୍ଟା କରିବେ। ସେମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନେ ବାହାରେ ଗାଧୋଇବେ ନାହିଁ, ଗଛ ଚଢ଼ିବେ ନାହିଁ, ବିଜୁଳି ସଂଯୋଗରେ ଆସିବେ ନାହିଁ କିମ୍ବା ସାପ ଓ ବିଷାକ୍ତ କୀଟ ସଂସ୍ପର୍ଶରେ ଆସିବେ ନାହିଁ।ଦେହଅସୁସ୍ଥ ହେଲେ ଅତିଶୀଘ୍ର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ।ସମସ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷକଶିକ୍ଷୟିତ୍ରୀ ଉଦ୍ୟମ କରି ଏବର୍ଷ ହାଇସ୍କୁଲ୍ ଓ ହାୟର ସେକେଣ୍ଡାରୀ ସ୍କୁଲ ବୋର୍ଡ ପରୀକ୍ଷାରେ ଗତ ବର୍ଷ ଅପେକ୍ଷା ଆହୁରି ଉତ୍ତମ ପ୍ରଦର୍ଶନ ପାଇଁ ପ୍ରଚେଷ୍ଟା କରିବେ। ଏହି ଅବସରରେ ବିଭାଗ ଦ୍ୱାରା ପରିଚାଳିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଧୋବେଇର ଶିକ୍ଷକ ସୁଶିଲ କୁମାର ପତିଙ୍କୁ ଶ୍ରେଷ୍ଠ ପ୍ରଧାନଶିକ୍ଷକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।ସେହିପରି ଶ୍ରେଷ୍ଠ ପାକଶାଳା ବଗିଚା ସୃଷ୍ଟି କରିଥିବା ସିଆଲଟି ହାଇସ୍କୁଲ ଏବଂ ସର୍ବୋଚ୍ଚ ଉପସ୍ଥାନ ରହିଥିବା ନେହେନା ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ପୁରସ୍କୃତ କରାଯାଇଥିଲ।



## ପେନ୍‌ସନଭୋଗୀ କଳାକାର ସଂଘର ନୂଆଁଖାଇ ଭେଟ୍‌ଘାଟ୍

**କର୍ଲାମୁଣ୍ଡା, ୪।୯ (ସମିସ):** କର୍ଲାମୁଣ୍ଡା ବ୍ଲକ ପେନ୍‌ସନ୍ ଭୋଗୀ କଳାକାର ସଂଘର ନୂଆଁଖାଇ ଭେଟଘାଟ ବ୍ଲକ ସଦର ଆରଏମସି ଗୋଦାମ ନିକଟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ଲାମୁଣ୍ଡା ବ୍ଲକ ପେନସନ ଭୋଗୀ କଳାକାର ସଂଘର ସଭାପତି ଦୀନବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭା ରେ କଳାହାଣ୍ଡି ଜିଲ୍ଲା ପେନସନ ଭୋଗୀ କଳାକାର ସଂଘ ଜିଲ୍ଲା ସଭାପତି ପ୍ରଦୀପ ଧଙ୍ଗଡ଼ାମାଝୀ, କର୍ଲାମୁଣ୍ଡା ବ୍ଲକ ଅଧକ୍ଷ୍ୟା କୁନି ସାହୁ, ବିଡିଓ ଦେବେନ୍ଦ୍ର ସାମଲ, ତହସିଲଦାର ଅରୁଣ ବର୍ଗେ, ଭାରପ୍ରାପ୍ତ ବିଏସଏସଓ ପ୍ରଦୀପ ମାଝୀ, ବ୍ଲକ କଳା ଓ ସଂସ୍କୃତି ସଂଘ ଉପସଭାପତି ଭାଗୀରଥି ଷଡ଼ଙ୍ଗୀ, ବ୍ଲକ, ସମ୍ପାଦକ ବିଶ୍ୱମ୍ଭର ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ମଧୁସୂଦନ ବାଗ ସଂଯୋଜନା କରିଥିଲେ। କଳାକାର ଲକ୍ଷ୍ମୀପ୍ରସାଦ ସେଠ ଆବାହନୀ ଓ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିବାବେଳେ ଶାନ୍ତନୁ ଦାସ ଓ ସୁଶୀଲ କୁମାର ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ଶିଶିର ସାହୁ, ସତ୍ୟ ନାରାୟଣ ସାହୁ, ରଶ୍ମୀକାନ୍ତ ସାହୁ, ରାଜକିଶୋର ଜୈନ, ଯୋଗୀନ୍ଦ୍ର ମିଶ୍ର, ଦେବେନ୍ଦ୍ର ବେହେରା, ଗୋପାଳ ବାରିକ, କ୍ଷୀରସାଗର ସାହୁ, ଶାନ୍ତନୁ ଦାଶ, କମ୍ବୁପାଣି ସାହୁ, ଗୋବର୍ଦ୍ଧନ କୁମାର, ସୈଲ୍ୟ ରଥୀ ସାହୁ ଓ ଅନ୍ୟମାନେ ଯୋଗଦେଇ ଥିଲେ।

## ସାଇବର ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

**ଥୁଆମୂଳ ରାମପୁର, ୪।୯ (ସମିସ):** ସ୍ଥାନୀୟ ଥୁଆମୂଳ ରାମପୁର ଏମ୍ଏମ୍‌ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାଗୃହ ଠାରେ ବ୍ଲକ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ସ୍ନାତକ ମହାବିଦ୍ୟାଳୟ ଓ ଏମ୍ଏମ୍‌ପିଏସ୍



ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ସାମାଜିକ ଗଣମାଧ୍ୟମରେ ସୁରକ୍ଷା ଓ ସାଇବର ଆଇନ ସମ୍ପର୍କରେ ଏକ ସଚେତନ ସଭା ଆୟୋଜିତ ହୋଇ ଯାଇଛି। ଏଥିରେ ସ୍ଥାନୀୟ ତାଲୁକ ଆଇନ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜେଏମ୍ଏଫ୍‌ସି ମାଜିଷ୍ଟ୍ରେଟ ଡ.ତାରିଣୀ ପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଆଇନ ସମ୍ପର୍କରେ ବିସ୍ତୃତ ସୂଚନା ଦେବା ପାଇଁ ଜିଲ୍ଲା ସାଇବର ଥାନା ଭବାନୀପାଟଣାରୁ ସହକାରୀ ଆରକ୍ଷୀ ଅଧିକାରୀ ଶ୍ରୀମତୀ ଅଳକନନ୍ଦା ସାହୁ ଓ ସାଇବର ଥାନା ଅଧିକାରୀ ସର୍ବେଶ୍ୱର ସାମନ୍ତରାୟ ଯୋଗ ଦେଇଥିଲେ। ବିଶେଷକରି ଯୁବକଯୁବତୀ ମାନଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ସର୍ବାଧିକ ସମୟ ଅତିବାହିତ କରିବା ସହ ତାହାର ଅସୁରକ୍ଷିତ ବ୍ୟବହାର ଅତ୍ୟନ୍ତ ବିପଦଗାମୀ ପଥକୁ ଟାଣି ନେଉଥିବା ଯୋଗୁଁ ସେଥିରୁ କିପରି ସତର୍କ ରହିବେ ଏବଂ ଅନାବଶ୍ୟକ ତଥ୍ୟ ଓ ଲିଙ୍କରୁ କିଭଳି ନିବୃତ୍ତି ରହି ସାବଧାନ ରହିବା ସହିତ ବ୍ୟକ୍ତିଗତ ତଥ୍ୟକୁ ଗୋପନ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ରୀ ସର୍ବେଶ୍ୱର ଉଥାନ ସିଂହ, ଏମ୍ଏମ୍‌ପିଏସ୍ କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠ, ସମାଜସେବୀ ମାଣିକ୍ୟ ଚନ୍ଦ୍ର ନାୟକ, ଆଇନଜୀବୀ ଦିଲ୍ଲୀପ ନାଏକ, ପ୍ରିୟଙ୍କା ମାଝୀ, ସରକାରୀ ଓକିଲ ଦେବଦତ୍ତ ଯୋଶୀ ପ୍ରମୁଖ ମଧ୍ୟ ଆଇନର ବିବିଧ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ଆଇନଜୀବୀ ମୁରଲୀଧର ନାଏକ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ବୈଠକ

**ଭବାନୀପାଟଣା, ୪।୯ (ସମିସ)**



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଭିମୁଖୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ଜିଲ୍ଲାରେ ଆଦି କର୍ମଯୋଗୀ ଅଭିଯାନର ସଫଳ ରୂପାୟନ କ୍ଷେତ୍ରରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ କର୍ତ୍ତବ୍ୟ, ନିଷ୍ଠା ଓ ପୂର୍ଣ୍ଣ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମୁଖ୍ୟଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କଳାହାଣ୍ଡି ଦୟାମୟ ପାଢ଼ୀ ଏବଂ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳ ରାମପୁର ପ୍ରଦ୍ୟୁମ୍ନ କୁମାର ଦାଶ କର୍ମଯୋଗୀ ଅଭିଯାନର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଆଦିବାସୀ ସମ୍ପ୍ରଦାୟର ସାମାଜିକ ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ସହିତ ଶିକ୍ଷା, ଜୀବିକା, ସ୍ୱାସ୍ଥ୍ୟସେବା, ଜଳ, ବିଦ୍ୟୁତ, ଗୃହ, ଡ଼ିଜିଟାଲ ସଂଯୋଗ ଭଳି ମୌଳିକ ସୁବିଧା ଯୋଗାଇବା ଏବଂ ଜନଜାତୀୟ ସଂସ୍କୃତିକୁ ସଂରକ୍ଷଣ କରିବା ତଥା ଗ୍ରାମାଞ୍ଚଳ ନେତୃତ୍ୱକୁ ସଶକ୍ତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ସେହିଭଳି ଏହି ଅଭିଯାନ ଲୋକ କେନ୍ଦ୍ରିକ ପ୍ରତିକ୍ରିୟାଶୀଳ ଶାସନ, ଜନଭାଗିଦାରିତା, ଅଭିଯୋଗ ସମାଧାନ, ସମସ୍ୟା ଚିହ୍ନଟ ଏବଂ ତାହାର ସମାଧାନ, ସହଯୋଗୀ କାର୍ଯ୍ୟାନ୍ୱୟନ ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରିଥାଏ। ଏହି ଅଭିଯାନ ଦ୍ୱାରା ଗ୍ରାମସ୍ତରରେ ଆବାସ, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଆଦି ଗୁରୁତ୍ୱପୂର୍ଣ୍ଣସେବା ଗୁଡ଼ିକର ପରିପୂର୍ଣ୍ଣତା ଆସିବ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ତ୍ରିସ୍ତରୀୟ ଦଳ ଗଠନ କରାଯିବ। ଏଥିରେ ଆଦି କର୍ମୀ, ଆଦି ସହାୟକ ଏବଂ ଆଦି ସାଥିମାନେ ସାମିଲ ରହି ତୃଣମୂଳସ୍ତରରେ କାର୍ଯ୍ୟ କରିବେ। କଳାହାଣ୍ଡି ଜିଲ୍ଲାରେ କାର୍ଯ୍ୟକ୍ରମ ଅନ୍ତର୍ଗତ ୧୩ଟି ବ୍ଲକ ୧୩୩ପଞ୍ଚାୟତ, ୪୨୪ଟି ଗ୍ରାମରେ କାର୍ଯ୍ୟକାରି ହେବ।ଏହି ଗ୍ରାମ ଗୁଡ଼ିକର ବିକାଶ ଲକ୍ଷ୍ୟ ହାସଲ କରିବା, ଜିଲ୍ଲାଗ୍ରାମ୍ୟ ଯୋଜନାକୁ କାର୍ଯ୍ୟ ପ୍ରସ୍ତୁତ ଏବଂ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସହଜ କରିବାରେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହଯୋଗ ମଧ୍ୟ ରହିବ। ଏଥିରେ ଜିଲ୍ଲାର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଆଶା ରଖାଯାଇଛି।ବୈଠକରେ ସମସ୍ତ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସ୍ୱଚ୍ଛୋସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।ଶେଷରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ଶ୍ରୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# କାର୍ଯ୍ୟକ୍ଷମ ହେଲା ସୌର ପାନୀୟଜଳ ପ୍ରକଳ୍ପ ଓ ନଳକୂପ



ସକାଳ ପ୍ରଭାବ

**ଶଗଡ଼ା, ୪।୯(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ଅଧୀନ ଗୋଛାପଡ଼ା ଗ୍ରାମରେ ଥିବା ସୌରପାନୀୟ ଜଳ ପ୍ରକଳ୍ପ ଓ ନଳକୂପ ଅଚଳ ହୋଇ ପଡ଼ିଥିବାବେଳେ ଖବର ପ୍ରକାଶ ପରେ ଆଜି କାର୍ଯ୍ୟକ୍ଷମ କରାଯାଇଛି। ଉକ୍ତ ଗ୍ରାମରେ ଥିବା ସୌର ପାନୀୟଜଳ ପ୍ରକଳ୍ପଟି ୧୦ ଦିନରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇ ପଡ଼ିରହିଥିଲା। ଫଳରେ ଗ୍ରାମରେ ବସବାସ କରୁଥିବା ୪୦ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗ୍ରାମରେ ଥିବା ନଳକୂପଟି ଦୀର୍ଘ ୫ ମାସ ହେଲା ଅଚଳ ହୋଇ ପଡ଼ି ଥିବାରୁ ଗ୍ରାମବାସୀ ଜଳକଷ୍ଟ ଭୋଗ କରୁଥିଲେ। ଏନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ମନଧର କର୍ମୀ ଟୁଇଟ କରି ପ୍ରଶାସନ ସହ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଗୁରୁବାର ବିଭାଗ ପକ୍ଷରୁ ଉକ୍ତ ସୌର ପାନୀୟ ଜଳ ପ୍ରକଳ୍ପ ସହ ନଳକୂପକୁ ମରାମତି କରା ଯାଇ ଥିବା ଦେଖିବାକୁ ମିଳିଛି। ପ୍ରକଳ୍ପ ମରାମତି ପରେ ଲୋକେ ପାଣିପାଇ ଖୁସି ବ୍ୟକ୍ତ କରିବା ସହ ସକାଳକୁ ଧନ୍ୟବାଦ ଜଣାଇଛନ୍ତି।

# ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ




**ସୁବଳୟା, ୪।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ଅଧ୍ୟକ୍ଷ ତଥା ସଂସ୍କୃତ ବିଭାଗର ପ୍ରାଧ୍ୟାପକ ରମାକାନ୍ତ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତସଭାରେ କଳିଙ୍ଗା ମହାବିଦ୍ୟାଳୟ ଜି. ଉଦୟଗିରିର ଓଡ଼ିଆ ବିଭାଗର ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଥିଲେ। ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ତଥା ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଭାକୁ ସାଂସ୍କୃତିକ ସଂସଦର ଉପସଭାପତି ତଥା ଅର୍ଥନୀତି ବିଭାଗର ଅଧ୍ୟାପକ ଦେବାଶିଷ ପ୍ରଧାନ ସଂଯୋଜନା କରିଥିବାବେଳେ ଓଡ଼ିଆ ବିଭାଗର ଅଧ୍ୟାପକ ବିଶ୍ୱରଞ୍ଜନ ସାହୁ ଓଡ଼ିଆ ସାହିତ୍ୟରେ ଗଙ୍ଗାଧରଙ୍କର ଅସ୍ମିତା ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ଶ୍ରୀପୁରୋହିତ ତାଙ୍କ ବକ୍ତବ୍ୟରେ ସ୍ୱଭାବକବିଙ୍କ ସ୍ୱାଭାବିକତା ଓ ପ୍ରକୃତି ଚିତ୍ରଣ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଅର୍ପିତା ନାୟକ, ସବ୍‌ନମ୍‌ଶ୍ରୀ ସାହୁ ଅଧ୍ୟାପକ ସଞ୍ଜୟ କୁମାର ମେଣ୍ଡିଲୀ, ଓଁକୁମାର ପ୍ରଧାନ ଯୋଗ ଦେଇଥିଲେ। କଲେଜର କର୍ମଚାରୀ ଗୋପାଳ ଭୋଇ, ଦିଲୀପ କୁମାର ମେହେର, ଚନ୍ଦନ ମେହେର, ଶମ୍ଭୁ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଦେବାଶିଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ନୁନହାଡ଼ ଗଜଲକ୍ଷ୍ମୀ ପୂଜାର କର୍ମକର୍ତ୍ତା ଚୟନ

**ବେଲପଡ଼ା, ୪।୯(ସମିସ) :** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ନୁନହାଡ଼ ଗ୍ରାମର ସ୍ଥାନୀୟ ପ୍ରହରୀ ମଣ୍ଡପରେ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜାର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଏଥିରେ ସଭାପତି ଭାବରେ ଗଣେଶ ମେହେର, ଉପସଭାପତି ନରେଶ ସାହୁ, ସମ୍ପାଦକ ସୂର୍ଯ୍ୟକାନ୍ତ ପୁଟେଲ, ସହସମ୍ପାଦକ ଉଗ୍ରେସନ ନାଏକ ଓ କୋଷାଧ୍ୟକ୍ଷ ରୋହିତ ବେହେରାଙ୍କୁ କମିଟିର ନିଷ୍ପତ୍ତିକ୍ରମେ ଚୟନ କରାଯାଇଛି।

# ରେଙ୍ଗାଲିରେ ନୂଆଁଖାଇ ଭେଟ୍‌ଘାଟ୍



**ଶଗଡ଼ା, ୪।୯(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ଅଧୀନ ରେଙ୍ଗାଲି ଗ୍ରାମରେ ବୌଦ୍ଧ ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ମହାସଂଘ ପକ୍ଷରୁ ବ୍ଲକସ୍ତରୀୟ ନୁଆଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଗାଁ ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ଗାଁ ପରିକ୍ରମା କରି ମଞ୍ଚରେ ପହଞ୍ଚି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ବିଲୁପ୍ତ ହେବାକୁ ଥିବା ୫୦ରୁ ଊର୍ଦ୍ଧ୍ୱ ବିଲୁପ୍ତ ସାଂସ୍କୃତିକ ଦଳ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ ଓ ମଞ୍ଚରେ ପାଲା - ଦଣ୍ଡ- ବିଣା କାରିଆ, -ନାମ ସଂକୀର୍ତ୍ତନ ଭଳି ଅନେକ କଳା ପଦର୍ଶନ ହୋଇଥିଲା। ଗାଁ ଗହଳିରେ ଲୁଚି ଯାଉଥିବା କଳା, ପରମ୍ପରା, ସଂସ୍କୃତି, ପ୍ରତିଭା ଆଦିକୁ ପୁନଃ ଉଦ୍ଧାର ପାଇଁ ଏକ ଛୋଟିଆ ପ୍ରୟାସ ଆରମ୍ଭ କରାଯାଇଛି ବୋଲି ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ମହାସଂଘ ସଭାପତି ରମେଶ ପ୍ରସାଦ ମେହେର ସୂଚନା ଦେଇଛନ୍ତି।

# ସାନଉଡେନରେ ବେଆଇନ କ୍ଲିନିକ୍

**ପାଟଣାଗଡ଼, ୪।୯ (ସମିସ)**


ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ ମାଳ ମାଳ ବେଆଇନ କ୍ଲିନିକ ଚାଲିଥିବା ଅଭିଯୋଗ ହେଉଛି। ଲୋକଙ୍କ ଜୀବନ ସହ ଖେଳ ଖେଳି ଚିକିତ୍ସାକୁ ବ୍ୟବସାୟରେ ପରିଣତ କରାଯାଉଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ଏହିଭଳି ଏକ ସଙ୍ଗୀନ ଅଭିଯୋଗ ଆସିଛି ପାଟଣାଗଡ଼ ଉପଖଣ୍ଡ ଲରମ୍ବା ଥାନା ଅଧୀନ ସାନଉଡେନ ଗାଁରୁ। ଏହି ଗାଁରେ ଥିବା ଏକ ଔଷଧ ଦୋକାନରେ ବେଆଇନ ଚିକିତ୍ସା କରାଯାଉଥିବା ଅଭିଯୋଗ ହୋଇଛି। ବାପ ପୁଅ ଏହିଭଳି ବେଆଇନ

## ନକଲି ଡାକ୍ତରଙ୍କ ଚିକିତ୍ସା ଅଭିଯୋଗ
## ବାହାରେ ଔଷଧ ଦୋକାନ, ଭିତରେ ବେଆଇନ ଚିକିତ୍ସା

ଚିକିତ୍ସା ଚଳାଇଥିବା ଅଭିଯୋଗ ହୋଇଛି। ଏହି ବେଆଇନ ଚିକିତ୍ସାକୁ କିଭଳି ବ୍ୟବସାୟରେ ପରିଣତ କରାଯାଉଛି ସେ ନେଇ ଗୁରୁବାର ଜଣେ ବ୍ୟକ୍ତି ସାନଉଡେନ ଗାଁର ଏହି କ୍ଲିନିକକୁ ଯାଇଥିଲେ। ସେ ଚିକିତ୍ସିତ ହୋଇ ଫେରିବା ପରେ 'ସକାଳ'କୁ ସୂଚନା ଦେଇ ଏହି କ୍ଲିନିକର ରହସ୍ୟ ଖୋଲିଛନ୍ତି।

ତାଙ୍କୁ ଜ୍ୱର ସହ ମୁଣ୍ଡ ବିନ୍ଧୁଥିଲା। ସେଥିପାଇଁ ସେ କ୍ଲିନିକକୁ ଯାଇଥିଲେ। ଔଷଧ ଦୋକାନ ପଛପଟେ କ୍ଲିନିକ ଭଳି ସେଟଅପ୍ କରାଯାଇଛି। ସଙ୍ଗେ ସଙ୍ଗେ ତାଙ୍କୁ ୨ଟି ଇଞ୍ଜେକେସନ ଦିଆଯାଇଥିଲା। ଏହା ବାବଦକୁ ତାଙ୍କଠାରୁ ୨ ଶହ ଟଙ୍କା ନିଆଯାଇଥିଲା। ଘଣ୍ଟାଏ ପରେ ଇଞ୍ଜେକେସନ ପ୍ରଭାବରେ ତାଙ୍କ ମୁଣ୍ଡ ବୁଲାଇଥିବା ସହ ଦେହରୁ ଝାଳ ବାହାରିଥିଲା। ନିଶା ଘାରିଲା ଭଳି ଅନୁଭବ ହୋଇଥିଲା। ପରେ ଅନ୍ୟତ୍ର ଚିକିତ୍ସା ପରେ ସେ ଭଲ ହୋଇଥିବା କହିଛନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ କିଭଳି ଏଠାରେ ବେଆଇନ ଚିକିତ୍ସା କରାଯାଉଛି। ଏଥିସହ ଭିତରେ କିଭଳି ଲୋକଙ୍କୁ ବେଆଇନ ଚିକିତ୍ସା କରାଯାଉଛି ଏହାର ଏକ ଭିଡିଓ ପ୍ରମାଣ ମଧ୍ୟ 'ସକାଳ' ହାତରେ ଲାଗିଛି। ଔଷଧ ଦୋକାନ ପଛପଟେ ଘର ଭିତରେ ବେଡ୍ ପକାଇ ଲୋକଙ୍କୁ ବେଆଇନ ଭାବେ ଇଞ୍ଜେକ୍ସନ ସହ ସାଲାଇନ ମଧ୍ୟ ଦିଆଯାଉଛି। ବେଆଇନ ଚିକିତ୍ସା ପରେ ତାଙ୍କ ଦୋକାନରୁ ଔଷଧ ମଧ୍ୟ ବିକ୍ରି କରାଯାଉଛି। ତେବେ ସ୍ୱାସ୍ଥ୍ୟ ବିଭାଗର ନିୟମନୁସାରେ ଜଣେ ବ୍ୟକ୍ତି ଲାଇସେନ୍ସ ନେଇ ଔଷଧ ବିକ୍ରି କରିପାରିବ। ସେଥିରେ ମଧ୍ୟ ଅନେକ ନିୟମାବଳୀ ରହିଛି। ତେବେ ଡାକ୍ତରଙ୍କ ବ୍ୟତୀତ ସାଧାରଣ ଲୋକ ଚିକିତ୍ସା କରିପାରିବେ ନାହିଁ। ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗର କଡା ନିର୍ଦ୍ଦେଶ ମଧ୍ୟ ରହିଛି। ହେଲେ ସାନଉଡେନ ଅଞ୍ଚଳର ଆଖ ପାଖ ଗାଁର ନିରୀହ ଲୋକଙ୍କୁ ଏହି କ୍ଲିନିକରେ ବେଆଇନ ଚିକିତ୍ସା କରାଯାଉଛି। ଏହାଫଳରେ ଲୋକେ ଖର୍ଚ୍ଚାନ୍ତ ହେବାସହ ବେଆଇନ ଚିକିତ୍ସା ଯୋଗୁଁ ଜୀବନ ମଧ୍ୟ ବିପଦରେ ରହିଥିବା ଅଭିଯୋଗ ହେଉଛି। ବେଆଇନ ଚିକିତ୍ସା ଯୋଗୁଁ କୌଣସି ଅଘଟଣ ହେଲେ ସେଥିପାଇଁ କିଏ ଦାୟି ରହିବ ବୋଲି ସାଧାରଣରେ ଅଭିଯୋଗ ଉଠିଛି। ତେବେ ଏହି ଅଭିଯୋଗ ବିଷୟରେ ସାନଉଡେନ ଗାଁର ସୁରେନ୍ଦ୍ର ମେହେରଙ୍କୁ ପଚାରିବାରୁ ସେ ଫାର୍ମାସିଷ୍ଟ କୋର୍ସ କରିଛନ୍ତି। ଡାକ୍ତରଙ୍କ ପରାମର୍ଶରେ ଇଞ୍ଜେକ୍ସନ ଦେଉଥିବା ସ୍ୱୀକାର କରିଛନ୍ତି। ତେବେ ସେଠାରେ କୌଣସି ଡାକ୍ତର ବସୁନାହାନ୍ତି। ଜଣେ ଫାର୍ମାସିଷ୍ଟ କ୍ଲିନିକ ଖୋଲି ଚିକିତ୍ସା କରିପାରିବେ ନାହିଁ। ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରିବାରୁ ବେଆଇନ କ୍ଲିନିକ ବିଷୟରେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ ସାଲେପାଲି ଗାଁର ଜଣେ ବ୍ୟକ୍ତି ପଦ୍ମପୁର ଅଞ୍ଚଳର ଜଣେ କ୍ୱାକ୍‌ଙ୍କ ନିକଟରେ ଚିକିତ୍ସିତ ହୋଇ ଆଖି ବୁଜିଛନ୍ତି। ଏହିଭଳି ବେଆଇନ ଚିକିତ୍ସା ଯୋଗୁଁ ଲୋକଙ୍କ କୌଣସି ଅଘଟଣ ନ ଘଟୁ ଏଦିଗରେ ସ୍ୱାସ୍ଥ୍ୟ ବିଭାଗ ଦୃଢ ପଦକ୍ଷେପ ନେବା ଜରୁରି ହୋଇ ପଡ଼ିଛି।






## କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

# ସାର ଯୋଗାଣ ନ ହେଲେ ଆନ୍ଦୋଳନ ଚେତାବନୀ

**ଶଗଡ଼ା, ୪।୯(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ୟୁରିଆ ସାର ଯୋଗାଣ ଦାବିନେଇ କଣ୍ଟାମାଳ ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଣ୍ଟାମାଳ ବ୍ଲକ ଅଞ୍ଚଳରେ ୟୁରିଆ ସାରର ଆକାଶ ଛୁଆଁ ଦର ଥିବାରୁ ଚାଷୀମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଧାନ ଚାଷ ପାଇଁ ୟୁରିଆ ସାରର ନିହାତି ଆବଶ୍ୟକତା ରହିଥିବା ବେଳେ ଯଦି ଚାଷୀକୁ ୟୁରିଆ ସାର ୧୦ଦିନ ଭିତରେ ଯୋଗାଇ ଦିଆ ନ ଯାଏ ଚାଷୀର ଧାନ ଚାଷ ପ୍ରଭାବିତ ହେବା ସହ ଚାଷୀ କ୍ଷତିଗ୍ରସ୍ତ ହେବବୋଲି ଅଭିଯୋଗ କରିଛନ୍ତି। କଣ୍ଟାମାଳ ଅଞ୍ଚଳରେ ଥିବା ପାକ୍ସ ଓ ସ୍ୱିକୃତୀପ୍ରାପ୍ତ ସାର ବ୍ୟବସାୟୀମାନେ ଚାଷୀଙ୍କ ଚାହିଦା ଅନୁଯାୟୀ ୟୁରିଆ ସାର ଯୋଗାଇ ପାରୁ ନାହାନ୍ତି। ଏଣୁ କଣ୍ଟାମାଳ ବ୍ଲକ କଂଗ୍ରେସ ତରଫରୁ ତୁରନ୍ତ ୟୁରିଆ ସାର ଚାଷୀଙ୍କୁ ଯୋଗାଇବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଯଦି ଚାଷୀଙ୍କ ଚାହିଦା ଅନୁଯାୟୀ ୟୁରିଆ ସାର ଯୋଗାଇ ଦିଆ ନ ଗଲେ ଚାଷୀଙ୍କ ହିତପାଇଁ ଆଗାମୀ ଦିନରେ କଣ୍ଟାମାଳ ବ୍ଲକ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି କଡାଚେତାବନୀ ଦେଇଛନ୍ତି।



# ସ୍ୱାମୀ ହତ୍ୟାକାରୀ ସ୍ତ୍ରୀକୁ ଗିରଫ ଦାବିରେ ଲୋକ ଥାନାର ଦ୍ୱାରସ୍ଥ

**ମୁରିବାହାଲ, ୪।୯ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ମାଳିଶିରା ପଞ୍ଚାୟତ ଡେଙ୍ଗପଦର ଗ୍ରାମର ପରାଭୋଇ ପଡ଼ାରେ ସୋମବାର ରାତିରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ସନ୍ତୋଷ ପରାଭୋଇ ହତ୍ୟାର ଶିକାର ହୋଇଛନ୍ତି। ତେବେ ଏହି ହତ୍ୟା ଘଟଣାରେ ସନ୍ତୋଷଙ୍କ ସ୍ତ୍ରୀ ଭବାନୀ ପରାଭୋଇଙ୍କ ସମ୍ପୃକ୍ତି ରହିଛି। ଏଣୁ ତାଙ୍କ ତୁରନ୍ତ ଗିରଫ କରାଯାଉ ବୋଲି ମୃତକଙ୍କ ପରିବାର, ସମ୍ପର୍କୀୟ ଓ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି। ଗୁରୁବାର ସେମାନେ ମୁରିବାହାଲ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସେମାନେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ସ୍ତ୍ରୀର ଚରିତ୍ର ଉପରେ ସନ୍ଦେହ କରି ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସନ୍ତୋଷଙ୍କ ଜୀବନ ଯାଇଛି। ତେବେ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ସମାଧାନ କରିବାକୁ ଆସି ସନ୍ତୋଷଙ୍କ ଶଳା ଓ ତାଙ୍କ ସାଙ୍ଗ ମିଶି ହତ୍ୟା କରି ଘଟଣା ସ୍ଥଳରୁ ଫେରାର ମାରିଥିଲେ। ଏହି ଘଟଣାରେ ପୁଲିସ ସନ୍ତୋଷଙ୍କ ଶଳା ଟିଟିଲାଗଡ଼ ଥାନା ମହୁଲପଡ଼ା ଗ୍ରାମର ମୁକେଶ ଭୋଇ (୨୩), ତାଙ୍କ ୨ ସାଙ୍ଗ ନାନାଝରେ ଗ୍ରାମର କରନ୍ ପ୍ରଧାନୀ(୨୨) ଓ ପଞ୍ଚା ଯାନୀ(୨୧)କୁ ଗିରଫ କରିଛି। ଏବେ ତାଙ୍କ ସ୍ତ୍ରୀକୁ ମଧ୍ୟ ଗିରଫ ଲାଗି ଦାବି ଉଠିଛି।

# ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଯୋଗାଭ୍ୟାସ



**ବୌଦ୍ଧ, ୪।୯ (ସମିସ):** ବୌଦ୍ଧ ବ୍ଲକ ଅଧୀନ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସଭାଗୃହରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷୟିତ୍ରୀ ସୁନୀତା ଦାସ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ବିଭିନ୍ନ ରୋଗୀଙ୍କୁ ଯୋଗଦ୍ୱାରା କିପରି ବିଭିନ୍ନ ରୋଗ ଭଲହେବ ସେହି ଯୋଗାସନ ଗୁଡ଼ିକ ଅଭ୍ୟାସ କରାଇଥିଲେ। ସପ୍ତାହକୁ ୨ ଦିନ ଏହି ଯୋଗ ଶିବିର ଚାଲୁଥିବାବେଳେ ଲୋକ ଜାଣି ପାରୁ ନ ଥିବାରୁ କମ ସଂଖ୍ୟକ ରୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଯଦି ଏହି ଯୋଗ ଶିବିରକୁ ପ୍ରତି ଗାଁରେ ଥିବା ଗୁଡ଼ିଘରେ ଭ୍ରାମ୍ୟମାଣ ଯୋଗ ଶିବିର କରାଯାଆନ୍ତା ତେବେ ଏହା ଲୋକାଭିମୁଖୀ ହେବା ସହିତ ବହୁତ ରୋଗୀ ଉପକୃତ ହୁଅନ୍ତେ।

# ବରିଷ୍ଠ ନାଗରିକ ସଂଗଠନର ନୂଆଁଖାଇ ଭେଟ୍‌ଘାଟ୍

**ସୁବଳୟା, ୪।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଏରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ଅନୁଷ୍ଠାନର ସଭାପତି ଡକ୍ଟର ପ୍ରଫୁଲ୍ଲ ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରତାପ ଶଙ୍କର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ଶତପଥୀ ମଞ୍ଚାସୀନ ଥିଲେ। ଦୟାନିଧି ହୋତା ସ୍ୱାଗତ କରିଥିବା ବେଳେ କୃଷ୍ଣଚନ୍ଦ୍ର ମଲ୍ଲିକ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଦୀନବନ୍ଧୁ ମେହେର, ଜ୍ଞାନେନ୍ଦ୍ର ତ୍ରିପାଠୀ, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ସନ୍ତୋଷ ଷଡ଼ଙ୍ଗୀ, ଅକ୍ଷୟ ମିଶ୍ର, ରାଧେଶ୍ୟାମ ପୁରୋହିତ, ଦିଲ୍ଲୀପ ତ୍ରିପାଠୀ, କାଳିଆ ପ୍ରଧାନ, ସୁରୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୌମିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବାସୁଦେବ ପଣ୍ଡା, ଚମରା ମହାକୁର, ଦିଲ୍ଲୀପ ମିଶ୍ର, ଗୋପୀନାଥ ମହାକୁର, ପ୍ରଶାନ୍ତ ସେଠୀ, ଅକ୍ରୂର ଦନ୍ତା, ଧୀରେନ୍ଦ୍ର ବାଘ, ଜମ୍ମେଶ୍ୱର ପ୍ରଧାନ, ରତ୍ନାକର ମହାକୁର, ଉମେଶ ରଥ, ସତ୍ୟ ନାରାୟଣ ନାୟକ, ବଳରାମ କାଣ୍ଡ, ଇନ୍ଦ୍ରଜିତ ପ୍ରମୁଖ, ଜୀତେନ୍ଦ୍ର ପ୍ରଧାନ, ଧନୁର୍ଦ୍ଧର ମିର୍ଦ୍ଧା, ନାରାୟଣ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା

**ବିନିକା, ୪।୯(ସମିସ):** ଭିନ୍ନକ୍ଷମଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ସେମାନଙ୍କ ଆର୍ଥିକ ସ୍ଥିତି ଓ ସାଧରଣ ଜୀବନ ଯାପନ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଆସୁଛନ୍ତି। ହେଲେ ପ୍ରଶାସନିକ ଅବହେଳା ଯୋଗୁଁ ସରକାରଙ୍କ ଏହି ଯୋଜନାର ସୁଫଳ ପାଇବାରୁ ଭିନ୍ନକ୍ଷମମାନେ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ଯାହାର ଉଦାହରଣ ଆଜି ବିନିକା ଆରଏମସି ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଦେଖିବାକୁ ମିଳିଛି। ବିଗତବର୍ଷ ମାନଙ୍କରେ ଆୟୋଜିତ ଏହି ଶିବିରରେ ହଜାର ହଜାର ବ୍ୟକ୍ତି ନାମ ପଞ୍ଜୀକରଣ କରି ନିଜର ଶାରୀରିକ ସମସ୍ୟା ଦେଖାଉଥିଲେ। ହେଲେ ଚଳିତବର୍ଷ ଆୟୋଜିତ ହୋଇଥିବା ଏହି ଶିବିର ପାଇଁ ପ୍ରଚାରପ୍ରସାର ଅଭାବରୁ ପୂର୍ବବର୍ଷ ଠାରୁ କମ୍ ସଂଖ୍ୟକ ପଞ୍ଜୀକରଣ ହୋଇଥିବା ଜଣାପଡ଼ିଛି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମମାନେ ଠିକ୍ ଭାବରେ ଦେଖାଇ ନ ପାରି ହଇରଣ ହେଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଆବଶ୍ୟକୀୟ ହୁଇଲ୍‌ଚେୟାର ନଥିବାରୁ କେତେକ ଭିନ୍ନକ୍ଷମ ଚାଲି ନପାରି ଶୋଇ ରହୁଥିଲେ ତ ଆଉ କିଏ ସେଠାରେ ହିଁ ବସି ରହୁଥିବା ଦେଖିବାକୁ ମିଳିଥିଲା। ପଞ୍ଜିକରଣସ୍ଥଳକୁ ବହୁ କଷ୍ଟରେ ଯିବା ଆସିବା କରୁଥିବା ଦେଖା ଯାଉଥିଲା। ସେହିପରି ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ପିଇବା ପାଣି ବ୍ୟବସ୍ଥା ଥିବା ଏବଂ ଅନ୍ୟ କାଉଣ୍ଟର ସ୍ଥାନରେ ପାଣିର ସୁବିଧା ନ ଥିବାରୁ ଭିନ୍ନକ୍ଷମମାନେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେହିପରି ପ୍ରଶାସନ ତରଫରୁ ଖାଇବା ବ୍ୟବସ୍ଥା ହୋଇଥିଲା ସତ, ହେଲେ କେହି ଖାଇ ନପାରି ଭୋକ ଉପାସରେ ଫେରୁଥିବା ଦେଖିବାକୁ ମିଳିଥିଲା। କେତେଜଣ ଭିନ୍ନକ୍ଷମ ପଞ୍ଜୀକରଣ କଲେ ଓ ଡାକ୍ତରଙ୍କ ପରାମର୍ଶ ନେଲେ ବୋଲି ବିନିକା ବିଡିଓ ମଣ୍ଟୁ ଖମାରୀଙ୍କୁ ପଚାରିବାରୁ 'ମୋ ପାଖରେ ଡାଟା ନାହିଁ, ବିଏସ୍‌ଏସ୍‌ଓଙ୍କୁ ପଚାରନ୍ତୁ' ବୋଲି କହିଥିଲେ। ବିଏସ୍‌ଏସ୍‌ଓଙ୍କୁ ଯୋଗାଯୋଗ କରିବାରୁ ଫୋନ୍ ବନ୍ଦ ଥିବାରୁ ଡାଟା ମିଳିପାରି ନାହିଁ।



# ପରିବହନ ଠିକାଦାର ବିରୋଧରେ ଟ୍ରକ୍ ମାଲିକ ଥାନାର ଦ୍ୱାରସ୍ଥ

**ବଲାଙ୍ଗିର, ୪।୯ (ସମିସ)**

ବଲାଙ୍ଗିର ଟ୍ରକ୍ ମାଲିକ ସଂଘ ଭଡ଼ା ଟଙ୍କା ପାଇଁ ଥାନାର ଦ୍ୱାରସ୍ଥ ହୋଇଛି। ୩ ବର୍ଷ ହେଲା ପରିବହନ ଠିକାଦାରଙ୍କ ପାଖରୁ ଟ୍ରକ୍ ଭଡ଼ା ନ ପାଇ ସମ୍ପୃକ୍ତ ଠିକାଦାରଙ୍କ ନାମରେ ସଂଘ ସଦର ଥାନାରେ ଲିଖିତ ଅଭିଯୋଗ କରିଛି।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ପରିବହନ ଠିକାଦାର ସନତ ପ୍ରଧାନ ଓ ଏଜେଣ୍ଟ ଜୁନାଗଡ଼ର ନିରଞ୍ଜନ ଶତପଥୀ ୨୦୨୨-୨୩ରେ ବଲାଙ୍ଗିର ସଦର ଥାନା ଛୁଇବନ୍ଧ ଛକସ୍ଥିତ କେନ୍ଦ୍ରୀୟ ପଣ୍ୟାଗାରରୁ ଚାଉଳ ଉଠାଇବାକୁ ନିୟୋଜିତ ହୋଇଥିଲେ। ବଲାଙ୍ଗିର ଟ୍ରକ୍ ମାଲିକ ସଂଘ ସଦସ୍ୟଙ୍କ ଟ୍ରକ୍‌ରେ ଚାଉଳ ପଠାଯାଇଥିଲା। ତେବେ ୨୦୨୩ରୁ ପରିବହନ ଭଡ଼ା ବାବଦକୁ ପ୍ରାୟ ୭ ଲକ୍ଷ ୫୦ହଜାର ଟଙ୍କା ବକେୟା ରହିଛି। ଭଡ଼ା ଟଙ୍କା ମାଗିଲେ ଦେବା ବଦଳରେ ସେମାନେ ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ସହ ଧମକଚମକ ଦେଉଥିବା ଟ୍ରକ ମାଲିକ ସଂଘ ସଭାପତି ବିରେନ୍ଦ୍ର ମିଶ୍ର ଅଭିଯୋଗ କରିଛନ୍ତି। ଏହାକୁ ନେଇ ସଭାପତି ଓ ସମ୍ପାଦକ ଅଶ୍ୱିନୀ ପଟ୍ଟନାୟକଙ୍କ ନେତୃତ୍ୱରେ ଟ୍ରକ୍ ମାଲିକମାନେ ବଲାଙ୍ଗିର ସଦର ଥାନାରେ ଅଭିଯୋଗ କରିଛନ୍ତି। ତଦନ୍ତ ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଟ୍ରକ୍ ମାଲିକ ସଂଘ ଦାବି କରିଛି। ଭାଗୀରଥୀ ପଣ୍ଡା, ଦିଲୀପ ସେଠ, ସନତ ପୁରୋହିତ, ପୀତବାସ ପ୍ରଧାନ, ସନ୍ତୋଷ ସାହୁ, ଚନ୍ଦ୍ର ମିଶ୍ର, ଭାଗୀରଥି ପ୍ରଧାନ,

## ମିଳୁନି ଭଡ଼ା ଟଙ୍କା

ଭଗବାନ ସାହୁ, ସୀତାକାନ୍ତ ପଟେଲ, ସାଜିଦ୍ ଖାନ୍, ବାସୁଦେବ ନାଥ, ଶିବ ପ୍ରସାଦ ପ୍ରଧାନ, ପ୍ରମୋଦ ସାଏ, ସିନ୍ଧୁ ଅଗ୍ରୱାଲ, କ୍ରିଷ୍ଣା ମହତୋ ପ୍ରମୁଖ ଟ୍ରକ୍ ମାଲିକ ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ସଦର ପୁଲିସ ମାମଲାର ତଦନ୍ତ କରୁଥିବା ଥାନା ଅଧିକାରୀ ରାଜ ବିଶ୍ୱାଳ ସୂଚନା ଦେଇଛନ୍ତି।



# ବଡ଼ଅଙ୍କରିଆରେ ନୂଆଁଖାଇ ଭେଟ୍‌ଘାଟ୍



**ସୁବଳୟା, ୪।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ବଡ଼ଅଙ୍କରିଆ ଠାରେ ମା'ନାରାୟଣୀ ଯୁବକ ସଂଘ ପକ୍ଷରୁ ଅଷ୍ଟମ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଜାତି ବର୍ଗର ଲୋକ ସମବେତ ହୋଇ ପରସ୍ପର ଭେଟ ହେବା ସହ ପାରମ୍ପରିକ ନୃତ୍ୟ ଗୀତର ମଜା ନେଇଥିଲେ। ମୁଖ୍ୟଅତିଥି ଭାବରେ ପୂର୍ବତନ ବିଧାୟକ ପଦ୍ମନାଭ ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃତୀବାସ ମିଶ୍ର, ଯୁବନେତା ଶିବୁ ତରାଇ, ନିବେଦିତା ମିଶ୍ର, ସରପଞ୍ଚ ଅଶୋକ ପଣ୍ଡା, ବ୍ରଜେଶ୍ୱର ଅଦରକୁଲିଆ, ରଞ୍ଜିତ କୁମାର ରଥ, ମେଟାକାନୀ ମନ୍ଦିର ପରିଚାଳକ ବିହାରୀ ଲାଲ ମିଶ୍ର, ଶିକ୍ଷକ ପବିତ୍ର ପାତ୍ର, ରାମେଶ୍ୱର ପଧାନ ପ୍ରମୁଖ ଯୋଗ ଦେଇଥିଲେ। କୃଷ୍ଣଚନ୍ଦ୍ର ଦଳାଇ ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିଲା। ରାମଶଙ୍କର ପାତ୍ର ଓ ଦୀପକ ଅଦରକୁଲିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ରାଜ୍ୟବ୍ୟାପୀ ସାର ସଙ୍କଟ ଓ ବ୍ୟାପକ କଳାବଜାରୀ

# ଶ୍ୱେତପତ୍ର ଦାବିକଲା କଂଗ୍ରେସ

■ ଭୁବନେଶ୍ୱର, ୪।୯ (ସମିସ): ରାଜ୍ୟବ୍ୟାପୀ ସାର ସଙ୍କଟ ସହ ବ୍ୟାପକ କଳାବଜାରୀ ହେଉଛି। ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି। ଚଳିତବର୍ଷ ଖରିଫ ଚାଷରେ ଲକ୍ଷ୍ୟଧାର୍ଯ୍ୟ ଅନୁଯାୟୀ କେଉଁ କ୍ଷେତ୍ରରେ ସାରର ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେଉଛି ତାହା ସଠିକ୍ ଜଣାପଡୁନାହିଁ। ଯଦି କେନ୍ଦ୍ର ସରକାର ରାଜ୍ୟର କୋଟା ଅନୁଯାୟୀ ଗତ ଏପ୍ରିଲ-୨୦୨୫ଠାରୁ ଏପର୍ଯ୍ୟନ୍ତ ମୋଟ୧୧ ଲକ୍ଷ ୨୧ ହଜାର ମେଟ୍ରିକ୍ ଟନ୍ ସାର ଯୋଗାଇ ପାରିଛନ୍ତି ତେବେ ଚାଷୀ ଆନ୍ଦୋଳନ କାହିଁକି ଚାଲିଛି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ପକ୍ଷରୁ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି ଯେ ସାରର ପ୍ୟାକେଟ୍ ପିଛା ନିର୍ଦ୍ଧାରିତ ଦାମ୍‌ଠାରୁ ଯଥେଷ୍ଟ ଚଢ଼ାଦରରେ ବିକ୍ରି କରାଯାଉଛି। ୟୁରିଆ ୪୫ କେଜି ପ୍ୟାକେଟ୍ ପିଛା ୨୬୭ ଟଙ୍କା ଥିବା ବେଳେ ବଜାରରେ ୬୦୦ରୁ ୭୦୦ ଟଙ୍କାରେ ବିକ୍ରି କରାଯାଉଛି। କୃଷି ବିଭାଗ ପକ୍ଷରୁ ସ୍ୱଚ୍ଛତା ଭିତ୍ତିରେ ଜିଲ୍ଲାୱାରୀ ସାରର ଆବଶ୍ୟକତା, ପ୍ୟାକ୍ସ ଓ ଘରୋଇ ଡିଲରମାନଙ୍କ ନାମ, ଫୋନ ନମ୍ବର ସହ ଚାଷୀମାନଙ୍କ ନିକଟରେ ଏହାକୁ କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଧାନଗଛ ବୃଦ୍ଧି ପାଇଁ ବିଶେଷ କରି ୟୁରିଆ ସାରର ବହୁଳ ଆବଶ୍ୟକତା ଥିବାବେଳେ ୟୁରିଆ ସାରର ଏପରି ସଙ୍କଟ ପରିସ୍ଥିତି ଚାଷୀଙ୍କ ପାଇଁ ନାହିଁ ନ ଥିବା ସମସ୍ୟା ସୃଷ୍ଟି କରିଛି। ତେଣୁ ରାଜ୍ୟ ସରକାର ଏ ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଦଳ ଦାବି କରିଛି। ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ବ୍ଲକସ୍ତରକୁ ଗସ୍ତକରି ଚାଷୀମାନଙ୍କ ସହିତ ବାସ୍ତବ ସ୍ଥିତିର ପତ୍ୟକ୍ଷ ଆଲୋଚନା କରିଛନ୍ତି। ସାର ଗଚ୍ଛିତ ପାଇଁ ସମିତିର ଗୋଦାମ ଘର ନ ଥିବା, ମୃତ୍ତିକା ସୁରକ୍ଷା ଓ ସହଣିକ ସାର ବ୍ୟବହାର ପାଇଁ ବୈଷୟିକ ଜ୍ଞାନକୌଶଳର ଅଭାବ, କୃଷି ଓ ସମବାୟ ବିଭାଗ ମଧ୍ୟରେ ସମନ୍ୱୟ ନ ରହିବା,କଳାବଜାରୀ ରୋକିବାରେ ଠୋସ୍ ପଦକ୍ଷେପ ଗ୍ରହଣ କରା ନ ଯିବା, ଆବଶ୍ୟକ ଚାଷଜମି ଅନୁଯାୟୀ ସାରର ସୁଷମ ବଣ୍ଟନ ନିମିତ ପରିସଂଖ୍ୟାନ କରା ନ ଯିବା ଯୋଗୁଁ ବାରମ୍ବାର ଏପରି ସମସ୍ୟା ଉପୁଜୁଛ ବୋଲି ଅଭିଯୋଗ ସହ ଯୁଦ୍ଧକାଳୀନ ଭିତ୍ତିରେ ଚାଷୀଙ୍କୁ ଆବଶ୍ୟକ ପରିମାଣର ସାର ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

### ପଦାରେ ପଡ଼ିଲା ସୁରକ୍ଷା ବ୍ୟବସ୍ଥା

# ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

ପୁରୀ, ୪।୯ (ସମିସ): ପୁଣି ପଦାରେ ପଡ଼ିଲା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା। ମାଳମାଳ ସୁରକ୍ଷା କର୍ମୀ ନିୟୋଜିତ ଥିଲେ ହେଁ ବିଭିନ୍ନ ସମୟରେ ମନ୍ଦିର ଭିତର ଫଟୋ ଭାଇରାଲ ହେଉଛି। ଏହି ଭାଇରାଲ ଫଟୋ କିମ୍ବା ଭିଡ଼ିଓ ଯଦି ମନ୍ଦିର ପ୍ରଶାସନ ନଜରକୁ ଆସୁଛି, ଥାନାରେ ଏତଲା ଦିଆଯାଉଛି। କିନ୍ତୁ ପରବର୍ତ୍ତୀ ସମୟରେ ଏନେଇ କି' ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତା' ଉପରେ କାହାର ନିଘା ରହୁନି। ନା ଶ୍ରୀମନ୍ଦିର ପ୍ରଶାସନ ନା ପୁଲିସ କେହି ଏ ଦିଗରେ ତତ୍ପରତା ଦେଖାଉନାହାନ୍ତି। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ବାରମ୍ବାର ବଡ଼ଦେଉଳ ଭିତର ଫଟୋ ଏବଂ ଭିଡିଓ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ଏବେ ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ମହାରାଷ୍ଟ୍ରର ବୈଭବ ଦୁରେ ପାଟିଲ ନାମକ ଜଣେ ଯୁବକ ମନ୍ଦିର ଭିତରେ ଫଟୋ ଉଠାଇ ଏହାକୁ ଭାଇରାଲ କରିଛନ୍ତି। ମନ୍ଦିର ପରିସରରେ ଥିବା ଛାତ ଉପରେ ଠିଆ ହୋଇ ଫଟୋ ଉଠାଇଥିବା ଜଣାପଡୁଛି। ଏହି ଫଟୋରେ ମୁଖ୍ୟ ମନ୍ଦିର, ଜଗମୋହନ, ଘଣ୍ଟି ଦ୍ୱାର ଆଦି ସ୍ପଷ୍ଟ ଭାବେ ରହିଛି।

ଭାଇରାଲର ସବୁଠୁ ବଡ଼ ମାଧ୍ୟମ ପାଲଟିଛି ମୋବାଇଲଫୋନ। ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବା ଉପରେ କଟକଣା ରହିଛି। ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ସୁରକ୍ଷା କର୍ମୀମାନେ ଜଣଜଣ କରି ଶ୍ରଦ୍ଧାଳୁଙ୍କୁ ଯାଞ୍ଚ ବି କରୁଛନ୍ତି। ଏହା ପରେ ବି ମନ୍ଦିର ଭିତରକୁ ମୋବାଇଲ ଯାଉଛି କିପରି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିରକୁ ମୋବାଇଲ ନେବା ନିଷିଦ୍ଧ ସମ୍ପର୍କରେ ଭକ୍ତମାନେ ସଚେତନ ଅଛନ୍ତି ନା ସୁରକ୍ଷା ବ୍ୟବସ୍ଥା ଢିଲା ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମନ୍ଦିରର ଚାରିଦ୍ୱାର ସମେତ ଚତୁଃପାର୍ଶ୍ୱରେ ବ୍ୟାପକ ସୁରକ୍ଷା କର୍ମୀ ମୁତୟନ ରହୁଛନ୍ତି। ପ୍ରବେଶପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ସୁରକ୍ଷା ବ୍ୟବସ୍ଥା ଆହୁରି ବଢ଼ିଯାଇଛି। ମାଳମାଳ ସୁରକ୍ଷା କର୍ମୀ ଏବଂ ମନ୍ଦିର ଭିତରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ବି ନିୟୋଜିତ କରାଯାଇଛି। ତଥାପି ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

୨୦୧୯ରେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣାକୁ ଅଧିକ କଡ଼ାକଡ଼ି କରାଯାଇଥିଲା। ମନ୍ଦିର ଭିତରେ କାହାଠାରୁ ମୋବାଇଲ ଫୋନ ଜବତ ହେଲେ, ତେବେ ତାହାକୁ ବାଜ୍ୟାପ୍ତି ନଚେତ୍ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ ଧରପଗଡ଼ କମିଯିବାରୁ ମଝିରେ ମଝିରେ ଫଟୋ ଭାଇରାଲ ହେଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଟକଣା ରହିଛି। ହେଲେ ଭକ୍ତମାନେ ନେଉଛନ୍ତି କିପରି? ଶ୍ରଦ୍ଧାଳୁଙ୍କ ଏ ବିଷୟରେ ଠିକ୍ ଭାବେ ସଚେତନ କରାଯାଉଛି ନା ନାହିଁ? ଯଦି କରାଯାଉଛି, ତେବେ ମୋବାଇଲ ଭିତରକୁ ନେଉଛନ୍ତି କିପରି? ପ୍ରବେଶପଥରେ ସୁରକ୍ଷା କର୍ମୀମାନେ ଯାଞ୍ଚ କରୁଛନ୍ତି କିଭଳି? ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି।

### ଗ୍ରାମକୁ ବସ୍ ଚଳାଚଳ ଦାବି

# ଦୁଇ ଦିନ ହେଲା ଗ୍ରାମବାସୀଙ୍କ କବ୍‌ଜାରେ 'ମୁଖ୍ୟମନ୍ତ୍ରୀ ବସ୍'

ବଣାଇଁ, ୪।୯(ସମିସ): ଦୁଇ ଦିନ ହେଲା ଗ୍ରାମବାସୀଙ୍କ କବ୍‌ଜାରେ 'ମୁଖ୍ୟମନ୍ତ୍ରୀ ବସ୍ ସେବା'ରେ ଚଳାଚଳ କରୁଥିବା ସରକାରୀ ବସ୍। ବଣାଇଁ ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ହେଲେ ନା

**ପ୍ରଶାସନିକ ଉଦାସୀନତା ନେଇ ଉପଜିଲ୍ଲାପାଳଙ୍କ ଅଫିସ୍ ଘେରିଲେ ଗ୍ରାମବାସୀ**





ପ୍ରଶାସନିକ ଅଧିକାରୀ ନା ପୁଲିସ, କେହି ବସ୍‌ଟିକୁ ଉଦ୍ଧାର କରିବାକୁ ଯାଉନାହାନ୍ତି। ପ୍ରଶାସନର ଏପରି ନିରବତାର ପ୍ରତିବାଦରେ ଆଜି ଗ୍ରାମବାସୀମାନେ ଆଜି ଉପଜିଲ୍ଲାପାଳଙ୍କ ଅଫିସ୍ ଘେରାଉ କରିଛନ୍ତି। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଆଜି ସକାଳୁ ଗାଁରୁ ଚାଲିଚାଲି ବଣାଇଁ ଉପଜିଲ୍ଲାପାଳଙ୍କ ଅଫିସ୍ ପର୍ଯ୍ୟନ୍ତ ଯାଇଥିଲେ। ଗାଁକୁ ଶୀଘ୍ର ମୁଖ୍ୟମନ୍ତ୍ରୀ ବସ୍ ସେବା କାର୍ଯ୍ୟକ୍ଷମ ଦାବିରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହ ସେମାନେ ଉପଜିଲ୍ଲାପାଳ ସ୍ୱାଗତିକା ଦଳପତିଙ୍କୁ ଭେଟି ନିଜ ଦାବି ଜଣାଇଥିଲେ। ତେବେ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ଉପଜିଲ୍ଲାପାଳ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ମୁଖ୍ୟମନ୍ତ୍ରୀ ବସ୍ ସେବାର ରୁଟ୍ ଚାର୍ଟକୁ ନେଇ ପଞ୍ଚାୟତବାସୀ ଆପତ୍ତି ଉଠାଇଥିଲେ। ବସ୍‌ଟି ଘୋଷରା, ପତ୍ରାପାଲି, କ୍ଷେଣ୍ଟପୁର ହୋଇ ଇନ୍ଦୁପୁରରେ ବାହାରିଲେ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ଦାବି କରିଥିଲେ। ଏ ସଂପର୍କରେ ସେମାନେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବଣାଇଁ ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଦାବି କରିଥିଲେ ହେଁ ସୁଫଳ ନ ମିଳି ନଥିଲା। ଗତ ୧୯ ତାରିଖରେ ଲହୁଣୀପଡ଼ାଠାରେ ସୁନ୍ଦରଗଡ଼ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ପଞ୍ଚାୟତବାସୀ ଏହି ସମସ୍ୟା ଉତ୍‌ଥାପନ କରିଥିଲେ। ସେପ୍ଟେମ୍ବର ୨ତାରିଖ ମଧ୍ୟରେ ପ୍ରଶାସନ ନିଷ୍ପତ୍ତି ନନେଲେ ୩ତାରିଖଠାରୁ ୧୪୩ନମ୍ବର ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ। କିନ୍ତୁ, ଏସବୁ ପରେ ମଧ୍ୟ ପ୍ରଶାସନ ପକ୍ଷରୁ ଏ ସଂପର୍କରେ କୌଣସି ନିଷ୍ପତ୍ତି ନିଆଯାଇଥିଲା। ଗତକାଲି ଉକ୍ତ ମୁଖ୍ୟମନ୍ତ୍ରୀ ସେବା ବସ୍‌ଟି ପଞ୍ଚାୟତ କାର୍ଯ୍ୟାଳୟରୁ ଫେରି ଆସିବା ବେଳକୁ ଶତାଧିକ ଗ୍ରାମବାସୀ ବସ୍‌କୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଟକ ରଖିଥିଲେ। ଗତକାଲିଠାରୁ ବସ୍‌ଟି ସେମିତି ବନ୍ଧକ ରହିଥିଲେ ହେଁ ପ୍ରଶାସନିକ ଅଧିକାରୀ କିମ୍ବା ପୁଲିସ ତାହାକୁ ଉଦ୍ଧାର କରିବାକୁ ଯାଇନାହାନ୍ତି।

# ମିଳିମିଶି ହାତୀକୁ ମାରିଦେଲେ

ରାଉରକେଲା, ୪।୯(ସମିସ): ଗୁରୁବାର ସକାଳୁ 'ଗରିବ ରଥ' ଏକ୍ସପ୍ରେସ ଧକ୍କାରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ସୋନାଖାନ ଏବଂ ସଗରା ରେଳ ଷ୍ଟେସନ୍ ମଧ୍ୟରେ ଆଜି ସକାଳ ପ୍ରାୟ ୫ଟା ୧୪ମିନିଟରେ ହୋଇଛି। ହାତୀଟି ରେଳଟ୍ରାକ୍ ଉପରେ ପଡ଼ି ଛଟପଟ ହେଉଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ତାକୁ ଅଧିକ ଚିକିତ୍ସା ଲାଗି ଭୁବନେଶ୍ୱର ସ୍ଥାନାନ୍ତର କରିବା ବ୍ୟବସ୍ଥା କରୁଥିବା ବେଳେ ସଗରା ଷ୍ଟେସନ ନିକଟରେ ଅପରାହ୍ଣ ପ୍ରାୟ ୨ଟାରେ ତା'ର ମୃତ୍ୟୁ ହୋଇଯାଇଥିଲା। ତେବେ ହାତୀମୃତ୍ୟୁ ନେଇ ନୂଆ ବିବାଦ ସୃଷ୍ଟି ହୋଇଛି। ହାତୀଙ୍କ ସୁରକ୍ଷା ପାଇଁ ଲାଗିଥିବା ଏଆଇ କ୍ୟାମେରାରେ ଦୁର୍ଘଟଣା ପୂର୍ବରୁ ସେଠାରେ ହାତୀଟିର ଉପସ୍ଥିତି ସ୍ପଷ୍ଟ ହୋଇଥିଲା। କିନ୍ତୁ କାହିଁକି ଏ ସଂପର୍କରେ ବନବିଭାଗ ପକ୍ଷରୁ ରେଳ ବିଭାଗକୁ ସୂଚନା ଦିଆଗଲାନି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ସୂଚନା ମୁତାବକ, ରାଉରକେଲା ଡିଭିଜନ୍ ରାଜଗାଙ୍ଗପୁର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ସୋନାଖନ ଫରେଷ୍ଟବିଟ୍ ସୋନାଖାନ ସଗରା ରେଲୱେ ଷ୍ଟେସନ ମଝିରେ ଏହି ଅଭାବନୀୟ ଘଟଣା ଘଟିଥିଲା। ସମ୍ବଲପୁର ଆଡୁ ରାଞ୍ଚି ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଗରିବ ରଥ ଏକ୍ସପ୍ରେସ (୦୨୮୩୨) ହାତୀକୁ ଧକ୍କା ଦେଇଥିଲା। ଫଳରେ ହାତୀଟି ରେଳଧାରଣାରୁ ଦୂରକୁ ଛିଟିକି ପଡ଼ି ଛଟପଟ

**■ ଟ୍ରେନ୍ ଧକ୍କାରେ ହାତୀ ମୃତ**
**■ ଏଆଇ କ୍ୟାମେରାରେ ହାତୀ ଉପସ୍ଥିତି ଜାଣି ବି ରେଳବାଇକୁ କାହିଁକି ଦିଆଗଲାନି ସୂଚନା?**

ହୋଇଥିଲା। ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀଙ୍କ ସମେତ ଆରସିସିଏଫ, ବାମଡା ଡିଏଫଓ, ଚକ୍ରଧରପୁର ଡିଆରଏମ୍, ବନ୍ଧମୁଣ୍ଡା ଏଆରଏମ୍, ରାଉରକେଲା ଫରେଷ୍ଟ ଡିଭିଜନ୍, ରାଜଗାଙ୍ଗପୁର ଫରେଷ୍ଟ ରେଞ୍ଜ ଅଧିକାରୀ ତଥା ସମ୍ବଲପୁର ଜିଲ୍ଲାର ବାମରା ଫରେଷ୍ଟ ରେଞ୍ଜ ଅଧିକାରୀ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଗୁରୁତର ହାତୀକୁ ଚିକିତ୍ସା ପାଇଁ ଭୁବନେଶ୍ୱର ନେବାକୁ ପ୍ରସ୍ତୁତ ହେବା ବେଳେ ତା'ର ମୃତ୍ୟୁ ହୋଇଯାଇଥିଲା। ଏନେଇ ରାଉରକେଲା ଡିଏଫ୍‌ଓ ଶ୍ରୀ ସେଠୀଙ୍କୁ ପଚାରିବାରୁ ସେ ଏନେଇ ଜାଣି ନଥିବା ଏବଂ ଏହାର ତଦନ୍ତ ଚାଲିଛି ବୋଲି କହିଥିଲେ।


# ଭତ୍ତା ପାଇଁ ଆବେଦନକାରୀ କରୁଛନ୍ତି ବୟସ ଜାଲିଆତି

ଭୁବନେଶ୍ୱର, ୪।୯(ସମିସ): ରାଜ୍ୟରେ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଭତ୍ତା ପାଇବା ପାଇଁ ଏବେ ଆବେଦନକାରୀଙ୍କ ସଂଖ୍ୟା ଅଚାନକ ବୃଦ୍ଧି ପାଇବା ରାଜ୍ୟ ସରକାରଙ୍କୁ ଚିନ୍ତାରେ ପକାଇଛି। ଅଯୋଗ୍ୟ ହିତାଧିକାରୀମାନେ ନିଜର ଭୋଟର୍ କାର୍ଡରେ ବୟସ ଜାଲିଆତି କରି ମାସିକ ଭତ୍ତା ପାଇଁ ଆବେଦନ କରୁଥିବା ସରକାର ସନ୍ଦେହ କରିଛନ୍ତି। ସେଥିପାଇଁ ଜିଲ୍ଲାପାଳମାନଙ୍କୁ ସେମାନଙ୍କ ପୁରୁଣା ଭୋଟର୍ ପରିଚୟପତ୍ର ତୁରନ୍ତ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ସଚିବ ଆର୍.ଏସ୍ ଗୋପାଳନ। ଏହାକୁ ଅତ୍ୟନ୍ତ ଜରୁରୀ ଭାବେ ବିବେଚନା କରି

**ଭୋଟର୍ ପରିଚୟପତ୍ର ଯାଞ୍ଚ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ**

ପଦକ୍ଷେପ ନେବାକୁ ଶ୍ରୀ ଗୋପାଳନ ସମସ୍ତ ଜିଲ୍ଲାପାଳମାନଙ୍କୁ ଗତ ୩ ତାରିଖରେ ଚିଠି ଲେଖି ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ବିଜେପି ସରକାର ନିଜର ନିର୍ବାଚନୀ ପ୍ରତିଶ୍ରୁତି ମୁତାବକ ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସ୍କ ଏବଂ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କୁ ମାସିକ ୩୫୦୦ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି। ଅନ୍ୟମାନଙ୍କୁ ମାସିକ ୧୦୦୦ ଟଙ୍କାର ଭତ୍ତା ପ୍ରଦାନ କରାଯାଉଛି। ତେବେ ଭତ୍ତା ପାଇବା ପାଇଁ ଅନେକ ନୂଆ ଆବେଦନକାରୀ ନିଜର ଭୋଟର୍ ଆଇଡି କାର୍ଡରେ ଜନ୍ମ ତାରିଖ ପରିବର୍ତ୍ତନ କରୁଥିବା ସରକାର ସନ୍ଦେହ କରିଛନ୍ତି। ସେଥିପାଇଁ ସେମାନଙ୍କର ପୁରୁଣା ଭୋଟର୍ କାର୍ଡ ଯାଞ୍ଚ କରି ବୟସର ସତ୍ୟାସତ୍ୟ ପରଖିବାକୁ କୁହାଯାଇଛି। ଆବେଦନକାରୀଙ୍କ ଜନ୍ମ ତାରିଖରେ କୌଣସି ପରିବର୍ତ୍ତନ ହୋଇଛି କି ନାହିଁ, ତାହା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

# ମସ୍କୋ ପୁସ୍ତକମେଳାରେ 'ବୀର ସୁରେନ୍ଦ୍ର ସାଏ' ଲୋକାର୍ପିତ



ସମ୍ବଲପୁର, ୪।୯ (ସମିସ): ମସ୍କୋ ଆନ୍ତର୍ଜାତିକ ପୁସ୍ତକ ମେଳାର ୩୮ତମ ସଂସ୍କରଣର ଉଦ୍‌ଘାଟନୀ ଦିବସରେ ଭାରତୀୟ ପାଭିଲିଅନ୍‌ରେ ଦୀପକ କୁମାର ପଣ୍ଡାଙ୍କ ଦ୍ୱାରା ହିନ୍ଦୀ ଭାଷାରେ ରଚିତ "ବୀର ସୁରେନ୍ଦ୍ର ସାଏ" ପୁସ୍ତକ ଉନ୍ମୋଚିତ ହୋଇଛି। ପତଞ୍ଜଳି ଆୟୁର୍ବେଦର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକୃଷ୍ଣ, ବୈଜ୍ଞାନିକ ପଦ୍ମଶ୍ରୀ ଅଜୟ କୁମାର ସୋନକର, ପ୍ରଖ୍ୟାତ ଲେଖକ ଅକ୍ଷତ ଗୁପ୍ତା, କାଶ୍ମିରୀ ବିଦ୍ୱାନ ଡଃ ଏସ୍.ଏନ୍ ପଣ୍ଡିତ, ବିଶିଷ୍ଟ ଚଳଚ୍ଚିତ୍ର ସମାଲୋଚକ, ଐତିହାସିକ ତଥା ଫିଲ୍ମନିର୍ମାତା ଅନୀଲ ଜଙ୍କାର, ବିଶିଷ୍ଟ ଗ୍ରାଫିକ୍ସ ଡିଜାଇନର ତଥା ଚିତ୍ରଶିଳ୍ପୀ ମୋହିତ ସୁନେଜା, ସାହିତ୍ୟ ଏକାଡେମୀର ଉପାଧ୍ୟକ୍ଷା ତଥା ମହାତ୍ମାଗାନ୍ଧୀ ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ, ୱାର୍ଦ୍ଧାର କୁଳପତି ପ୍ରଫେସର କୁମୁଦ ଶର୍ମା, କବି, ଲେଖିକା ତଥା ସୁପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ଜୟା ମେହେଟ୍ଟା ପ୍ରମୁଖ ପୁସ୍ତକର ଉନ୍ମୋଚନ କରିଛନ୍ତି।

ଏହି ଅବସରରେ ନିଜ ଅଭିଭାଷଣରେ ଲେଖକ ଶ୍ରୀ ପଣ୍ଡା କହିଲେ ଯେ ଅନେକ ବିଶେଷତ୍ୱକୁ ନେଇ ସମ୍ବଲପୁର ସଶସ୍ତ୍ର ସଂଗ୍ରାମ ମହୀୟାନ। ବ୍ରିଟିଶ ବିରୋଧରେ ଏହା ସର୍ବାଧିକ ସମୟଧରି ଚାଲିଥିବା ସଶସ୍ତ୍ର ସଂଗ୍ରାମ। ସଂଗ୍ରାମକୁ ରୋକିବାରେ ବିଫଳ ହୋଇ ବ୍ରିଟିଶ ଶାସନ ଶାନ୍ତିପୂର୍ଣ୍ଣ ବୁଝାମଣାର ମାର୍ଗ ଆପଣେଇଥିଲେ। ମାତ୍ର ବିଶ୍ୱାସଘାତକତା ଓ ଷଡ଼ଯନ୍ତ୍ର କରି ବିନା ଦଣ୍ଡାଦେଶରେ ସଂଗ୍ରାମୀଙ୍କୁ ବନ୍ଦୀ କରିଥିଲେ। ଏହି ସଂଗ୍ରାମର ନେତା ବୀର ସୁରେନ୍ଦ୍ର ସାଏ ନିଜ ଜୀବନର ୩୭ବର୍ଷ କାଳ ତଥା ତାଙ୍କ ଭାଇ ଉଦନ୍ତ ସାଏ ୪୭ ବର୍ଷ କାରାବରଣ କରି ମୃତ୍ୟୁବରଣ କରିଥିଲେ। ଏହି ସଂଗ୍ରାମରେ ଅନେକ ପରିବାରର ଦୁଇ ଓ ତିନି ପିଢ଼ିର ବହୁ ସଦସ୍ୟ ବା ସମସ୍ତ ପୁରୁଷ ସଦସ୍ୟ ନିଜ ପ୍ରାଣ ଆହୁତି ଦେଇଥିଲେ। ଏହିଭଳି ଅନେକ ବିଶେଷତ୍ୱ ରହିଥିବା ସଂଗ୍ରାମ ବାବଦରେ ପାଠକଙ୍କୁ ସଂକ୍ଷେପରେ ସୂଚନା ଦେବା ଏହି ପୁସ୍ତକର ଉଦ୍ଦେଶ୍ୟ ବୋଲି ସେ କହିଥିଲେ।

ମସ୍କୋ ପୁସ୍ତକ ମେଳାର ଭାରତୀୟ ପାଭିଲିଅନରେ ନବଉନ୍ମୋଚିତ ବୀର ସୁରେନ୍ଦ୍ର ସାଏ ପୁସ୍ତକ ସହ ଦୀପକ କୁମାର ପଣ୍ଡାଙ୍କ ଇଂରାଜୀ ପୁସ୍ତକ "ସମ୍ବଲପୁରୀ ଲାଙ୍ଗୁଏଜ୍, କଲଚର୍ ଆଣ୍ଡ ଟ୍ରାଡିସନ୍' ମଧ୍ୟ ପ୍ରଦର୍ଶିତ ହୋଇଛି। ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ବାବଦରେ ଜାଣିବାକୁ ଅନେକ ଲେଖକ, ଲେଖିକା ଆଗ୍ରହ ପ୍ରକାଶ କରିଥିଲେ।

ଉଲ୍ଲେଖଯୋଗ୍ୟ, ଭାରତୀୟ ଲେଖକଙ୍କ ପ୍ରତିନିଧି ଦଳର ଜଣେ ସଦସ୍ୟ ଭାବରେ ଦୀପକ କୁମାର ପଣ୍ଡା ମସ୍କୋ ଯାଇଛନ୍ତି। ଭାରତୀୟ ପାଭିଲିଅନରେ ପ୍ରତିନିଧି ଦଳ ସଦସ୍ୟଙ୍କ ରେଖାଙ୍କିତ ଚିତ୍ର ସ୍ଥାନିତ ହେବା ସହିତ ଲେଖକଙ୍କ ପରିଚୟ ପୁସ୍ତିକା ଉପଲବ୍ଧ କରାଯାଇଛି।

# 'ସୁଭଦ୍ରା'ରୁ ବାଦ୍ ପଡ଼ିବେ ଅଯୋଗ୍ୟ ହିତାଧିକାରୀ

ଭୁବନେଶ୍ୱର, ୪।୯(ସମିସ): ଏଣିକି 'ସୁଭଦ୍ରା'ରୁ ବାଦ୍ ପଡ଼ିବେ ଲକ୍ଷାଧିକ ଅଯୋଗ୍ୟ ହିତାଧିକାରୀ। ଅଯୋଗ୍ୟଙ୍କୁ ବାଦ୍ ଦେବାକୁ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ପଦକ୍ଷେପ ନିଆଯାଇଛି। ଏନେଇ ତତ୍ପରତା ପ୍ରକାଶ କରିଛନ୍ତି ରାଜ୍ୟ ସରକାର। ବାଣିଜ୍ୟ ଓ ପରିବହନ ବିଭାଗ, ସ୍ୱାସ୍ଥ୍ୟ ଓ ଖାଦ୍ୟ ଯୋଗାଣ ବିଭାଗକୁ ଏନେଇ ଚିଠି ଲେଖିଛି ମହିଳା ଏବଂ ଶିଶୁ ବିଭାଗ। 'ବାହନ' ଡାଟାବେସ୍‌ରୁ ଚାରିଚକିଆ ଥିବା ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମୃତ ହିତାଧିକାରୀଙ୍କ ତଥ୍ୟ ପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ଖାଦ୍ୟଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଖାଦ୍ୟଯୋଗାଣ ବିଭାଗରେ ପଞ୍ଜୀକରଣ କରି ଧାନ ବିକିଥିବା ମହିଳାଙ୍କ ତଥ୍ୟକୁ ଆଉଥରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ହୋଇଛି। ସୂଚନା ଅନୁସାରେ, ଗତବର୍ଷ ସେପ୍ଟେମ୍ବର ୧୭ରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ ରାଜ୍ୟ ସରକାର। ଏବେ ଏହି ଯୋଜନା ମାଧ୍ୟମରେ କୋଟିଏରୁ ଅଧିକ ହିତାଧିକାରୀ ୩ଟି କିସ୍ତିରେ ୧୫ ହଜାର ଟଙ୍କା ଲେଖାଏଁ ପାଇସାରିଛନ୍ତି। ତେବେ ଅନେକ ମହିଳା ଯୋଗ୍ୟ ହୋଇ ମଧ୍ୟ 'ସୁଭଦ୍ରା'ରେ ସାମିଲ ହୋଇ ନାହାନ୍ତି। ତେଣୁ ଯୋଗ୍ୟ ହିତାଧିକାରୀ କିଭଳି 'ସୁଭଦ୍ରା'ରେ ସାମିଲ କରିବେ, ସେଥିପାଇଁ କସରତ ଆରମ୍ଭ ହୋଇଛି। ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ହିତାଧିକାରୀଙ୍କୁ ସାମଇଲ କରାଯିବାକୁ ନିଷ୍ପତ୍ତି ହୋଇଛି।

### ଏନ୍‌ଆଇଆର୍‌ଏଫ୍ ରାଙ୍କିଙ୍ଗ୍

# ଶ୍ରେଷ୍ଠ ୧୦୦ରେ ଓଡ଼ିଶାରୁ ୫ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୪।୯(ସମିସ): ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ୍ ରାଙ୍କିଙ୍ଗ୍ ଫ୍ରେମୱାର୍କ (ଏନ୍‌ଆଇଆର୍‌ଏଫ୍) ପକ୍ଷରୁ ଆଜି ଦେଶର ଶ୍ରେଷ୍ଠ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକର ରାଙ୍କିଙ୍ଗ୍ ପ୍ରକାଶ ପାଇଛି। ଚଳିତ ବର୍ଷ ସମୁଦାୟ ୧୭ଟି ବର୍ଗରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ରାଙ୍କିଙ୍ଗ୍ ପ୍ରଦାନ କରାଯାଇଛି। ସାମଗ୍ରିକ ବର୍ଗରେ ଚଳିତ ବର୍ଷ ପୁଣିଥରେ ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ବିବେଚିତ ହୋଇଛି। ସେହିପରି ୨୦୨୪ ପରି ଆଇଆଇଏସ୍‌ସି ବେଙ୍ଗାଲୁରୁ ଦ୍ୱିତୀୟ ଏବଂ ଆଇଆଇଟି ବମ୍ବେ ତୃତୀୟ ସ୍ଥାନରେ ରହିଛି। ଶ୍ରେଷ୍ଠ ୧୦୦ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ଗତବର୍ଷ ଓଡ଼ିଶାରୁ ୩ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଥିବା ଚଳିତବର୍ଷ ୫ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛନ୍ତି। ରାଜ୍ୟର ପ୍ରଥମ ଶିକ୍ଷାନୁଷ୍ଠାନ ଭାବେ ସୋଆ ବିଶ୍ୱବିଦ୍ୟାଳୟ ୨୫ତମ ସ୍ଥାନରେ ଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟ ୨୭, ଏନ୍‌ଆଇଟି ରାଉରକେଲା ୩୪ତମ ସ୍ଥାନରେ ଅଛନ୍ତି। ପ୍ରଥମ ଥର ପାଇଁ ଆଇଆଇଟି ଭୁବନେଶ୍ୱର ୮୦ତମ ଏବଂ ଏମ୍‌ସ ଭୁବନେଶ୍ୱର ୧୦୦ ତମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ଶହେ ମଧ୍ୟରେ ପ୍ରବେଶ କରିଛନ୍ତି।

ଅନୁରୂପ ଭାବେ ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ଆଇଆଇଏସ୍‌ସି ବେଙ୍ଗାଲୁରୁ ପ୍ରଥମ ସ୍ଥାନରେ ଥିବାବେଳେ ଜେଏନୟୁ ଦ୍ୱିତୀୟ, କର୍ଣ୍ଣାଟକର ମଣିପାଲ୍ ଏକାଦେମୀ ଅଫ୍ ହାଇଅର୍ ଏଜୁକେସନ୍ ତୃତୀୟ ସ୍ଥାନରେ ରହିଛି। ଗୋଟିଏ ସ୍ଥାନ ତଳକୁ ଖସି ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ ୪ର୍ଥରେ ପହଞ୍ଚିଛି। ଓଡ଼ିଶାରୁ ସୋଆ ଓ କିଟ୍ ଯଥାକ୍ରମେ ୧୫ ଓ ୧୭ ତମ ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ଥର ପାଇଁ ଶ୍ରେଷ୍ଠ ସରକାରୀ ବିଶ୍ୱବିଦ୍ୟାଳୟର ର୍‌ୟାଙ୍କିଂ ମଧ୍ୟ

**■ ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ଉଚ୍ଚ ଶିକ୍ଷାନୁଷ୍ଠାନ**
**■ ଖସିଲା ଉତ୍କଳ ଓ ଓୟୁଏଟିର ମାନ୍ୟତା**
**■ ଶ୍ରେଷ୍ଠ ମହାବିଦ୍ୟାଳୟ ମଧ୍ୟରେ ଓଡ଼ିଶାରୁ ଶୂନ୍**

ପ୍ରକାଶ ପାଇଛି। ଏହି ତାଲିକାରେ କୋଲକାତାସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନରେ ଥିବାବେଳେ ଚେନ୍ନାଇସ୍ଥିତ ଆନ୍ନା ବିଶ୍ୱବିଦ୍ୟାଳୟ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଓଡ଼ିଶାରୁ ଏକମାତ୍ର ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୧୦୦ ତାଲିକାରେ ସ୍ଥାନ ପାଇଛି। ହେଲେ ମାନ୍ୟତାରେ ୬ଟି ସ୍ଥାନ ତଳକୁ ଖସିବା ସହ ୪୨ତମ ସ୍ଥାନରୁ ୪୮ରେ ପହଞ୍ଚିଛି। ଗବେଷଣା କ୍ଷେତ୍ରରେ ଏନ୍‌ଆଇଟି ରାଉରକେଲା ପୂର୍ବପରି ୩୦ତମ ସ୍ଥାନରେ ଥିବାବେଳେ କିଟ୍ ୪୩ ତମ ସ୍ଥାନରେ ରହିଛି। ଶ୍ରେଷ୍ଠ ମହାବିଦ୍ୟାଳୟ ମଧ୍ୟରେ ଓଡ଼ିଶାର କୌଣସି ମହାବିଦ୍ୟାଳୟ ସ୍ଥାନ ପାଇ ନାହାନ୍ତି।

ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଇଆଇଟି ମାଡ୍ରାସ୍, ଆଇଆଇଟି ଦିଲ୍ଲୀ ଓ ଆଇଆଇଟି ବମ୍ବେ ଯଥାକ୍ରମେ ପ୍ରଥମ ତିନୋଟି ସ୍ଥାନରେ ରହିଛନ୍ତି। ଓଡ଼ିଶାରୁ ଏନ୍‌ଆଇଟି ରାଉରକେଲା ୧୩ତମ ସ୍ଥାନରେ ଥିବାବେଳେ ସୋଆ ୨୨, କିଟ୍ ୩୬, ଆଇଆଇଟି ଭୁବନେଶ୍ୱର ୩୯ ଏବଂ ସିଭି ରମଣ ଗ୍ଲୋବାଲ୍ ୟୁନିଭର୍ସିଟି ୯୫ତମ ସ୍ଥାନରେ ରହିଛି। ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ମଧ୍ୟରେ ରାଜ୍ୟରୁ ଆଇଆଇଏମ୍ ସମ୍ବଲପୁର ୩୪ତମ ସ୍ଥାନ ସହ ଶିର୍ଷରେ ଥିବାବେଳେ ଜାଭିଆର ବିଶ୍ୱବିଦ୍ୟାଳୟ ୪୫, ସୋଆ ୬୬, କିଟ୍ ୬୮ ଓ ଭୁବନେଶ୍ୱରସ୍ଥିତ ଆଇଏମ୍‌ଆଇ ୮୪ତମ ସ୍ଥାନରେ ରହିଛି। ଫାର୍ମାସୀ ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାରୁ କୌଣସି ଶିକ୍ଷାନୁଷ୍ଠାନ ନ ଥିବାବେଳେ ମେଡିକାଲ୍ ଶିକ୍ଷାନୁଷ୍ଠାନ ମଧ୍ୟରେ ଏମସ୍ ଭୁବନେଶ୍ୱର ୧୪ତମ ସ୍ଥାନରେ ଥିବାବେଳେ ସୋଆ ୧୫ ଓ କିଟ୍ ୨୪ତମ ସ୍ଥାନ ଅଧିକାର କରିଛି। ଆର୍କିଟେକ୍‌ଚର ଆଣ୍ଡ ପ୍ଲାନିଂରେ ଏନ୍‌ଆଇଟି ରାଉରକେଲା ନବମରୁ ସପ୍ତମ ସ୍ଥାନକୁ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଆଇନ୍ ଶିକ୍ଷାନୁଷ୍ଠାନ ମଧ୍ୟରେ ସୋଆ ୧୦, କିଟ୍ ୧୪ ଓ କଟକସ୍ଥିତ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ ୧୫ ତମ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ଶହେ କୃଷି ବିଶ୍ୱବିଦ୍ୟାଳୟ ମଧ୍ୟରେ ଓଡ଼ିଶାର ଏକମାତ୍ର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ମାନ୍ୟତାରେ ଅବନତି ଘଟିଛି। ୨୦୨୪ରେ ନବମ ସ୍ଥାନ ଅଧିକାର କରିଥିବାବେଳେ ଚଳିତବର୍ଷ ୧୯ତମ ସ୍ଥାନରେ ପହଞ୍ଚିଛି।

ଏହି ରାଙ୍କିଙ୍ଗ ପ୍ରକ୍ରିୟା ଶିକ୍ଷାଦାନ, ଶିକ୍ଷଣ ଏବଂ ସମ୍ବଳ (ଟିଏଲଆର), ଗବେଷଣା ଏବଂ ବୃତ୍ତିଗତ ଅଭ୍ୟାସ (ଆରପି), ସ୍ନାତକ ଫଳାଫଳ (ଜିଓ), ଆଉଟ୍‌ରିଚ୍ ଏବଂ ଅନ୍ତର୍ଭୁକ୍ତୀକରଣ (ଓଆଇ) ଏବଂ ଧାରଣା (ପିଆର) ପରି ପାଞ୍ଚଟି ମାନଦଣ୍ଡରେ ଅନୁଷ୍ଠାନଗୁଡ଼ିକୁ ମାନ୍ୟତା ପ୍ରଦାନ କରିବା ସହ ତାଲିକାଭୁକ୍ତ କରାଯାଇଛି। ସମ୍ପୂର୍ଣ୍ଣ ତାଲିକା nirfindia.org ୱେବସାଇଟ୍‌ରେ ଉପଲବ୍ଧ ରହିଛି। ରାଙ୍କିଙ୍ଗ୍‌ର ଏହି ଦଶମ ସଂସ୍କରଣକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଛନ୍ତି।

# ସୋଆ ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୪।୯(ସମିସ): ଏନ୍‌ଆଇଆର୍‌ଏଫ୍ ରାଙ୍କିଙ୍ଗ୍‌ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ୟୁନିଭର୍ସିଟି ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟ ସହ ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟ ଭାବେ ପୁନଃ ସ୍ୱୀକୃତି ଲାଭ କରିଛି। ସେହିପରି ସାମଗ୍ରିକ ବର୍ଗରେ ଚଳିତଥର ୨୫ ତମ ସ୍ଥାନରେ ରହିଛି। ୨୦୧୬ ମସିହାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏହି ର୍‌ୟାଙ୍କିଙ୍ଗ୍‌ରେ ପ୍ରତ୍ୟେକ ଥର ଦେଶର ଶ୍ରେଷ୍ଠ ୨୫ଟି ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ପାଉଛି। ଏପରିକି ୮ ଥର ଶ୍ରେଷ୍ଠ ୨୦ ମଧ୍ୟରେ ସାମିଲ୍ ହୋଇଛି। ଚଳିତବର୍ଷ ମେଡିକାଲ୍ ସାଇନ୍ସ ବର୍ଗରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଉତ୍ତମ ପ୍ରଦର୍ଶନ କରିଛି। ଗତବର୍ଷ ୨୧ତମ ସ୍ଥାନରେ ଥିବାବେଳେ ଚଳିତ ବର୍ଷ ୬ଟି ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ପହଞ୍ଚିଛି। ସେହିପରି ଗତବର୍ଷ ପରି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍

**ମେଡିକାଲ୍ ସାଇନ୍ସ ଓ ଇଞ୍ଜିନିୟରିଂ ବର୍ଗରେ ଉପରକୁ ଉଠିଲା**

ସାଇନ୍ସ ୯ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଇଞ୍ଜିନିୟରିଂ ବର୍ଗରେ ୨୬ତମ ସ୍ଥାନରୁ ୨୨ତମ ସ୍ଥାନକୁ ଲମ୍ଫ ଦେଇଛି। ଆଇନ୍ ଶିକ୍ଷାନୁଷ୍ଠାନ ବର୍ଗରେ ମଧ୍ୟ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' ସାରା ଦେଶରେ ୧୦ମ ଶ୍ରେଷ୍ଠ ଆଇନ୍ ମହାବିଦ୍ୟାଳୟର ମାନ୍ୟତା ପାଇବା ସହ ଗବେଷଣା କ୍ଷେତ୍ରରେ ୪୯ ତମ ସ୍ଥାନ ହାସଲ କରିଛି। ଏକାଧିକ ବର୍ଗରେ ଉତ୍ତମ ପ୍ରଦର୍ଶନ କରିବା ସହ ରାଜ୍ୟ ଓ ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ଏହି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। ର୍‌ୟାଙ୍କିଙ୍ଗ୍‌ରେ ପ୍ରଦର୍ଶନ ନେଇ ସୋଆର ପ୍ରତିଷ୍ଠାତା ସଭାପତି ଡ. ମନୋଜ ରଞ୍ଜନ ନାୟକ ଖୁସି ବ୍ୟକ୍ତ କରିବା ସହ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ସୋଆ ୨୦୨୨ରେ ନ୍ୟାସନାଲ୍ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡିଟେସନ୍ କାଉନସିଲ୍ (ନାକ୍) ପକ୍ଷରୁ 'ଏ ++' ମାନ୍ୟତା ହାସଲ କରିଛି।



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ । ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ ।

**ବୃଷ:** ବନ୍ଧୁଙ୍କ ସହଯୋଗ ମିଳିପାରେ । କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିପାରେ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ରାଜନେତାଙ୍କ ପାଇଁ ଦିନଟି ଭଲ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ । ଆୟ ଓ ବ୍ୟୟ ସମାନ ରହିବ ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବୈବାହିକ ଜୀବନରେ ସମସ୍ୟା ଆସିବ । ବନ୍ଧୁ ମିଳନ ଯୋଗ ରହିଛି ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜକୁ ଦୂରେଇ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ । ପରିବାର ସହିତ ହସଖୁସିର ସମୟ ବିତାଇବେ ।

**ବିଛା:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହୋଇପାରେ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । କୌଣସି କଥାକୁ ନେଇ ମନ ଉଣା ହୋଇପାରେ ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ । ଦାନ ଧର୍ମ କରନ୍ତୁ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ । ଉଧାର ଟଙ୍କା ଫେରି ପାଇବେ ।

**କୁମ୍ଭ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଉଧାର ଟଙ୍କା ଫେରି ପାଇବେ ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

## ଆଜିର ଐତିହ୍ୟ

- ୧୯୨୦- ମେକ୍ସିକୋରେ ରାଷ୍ଟ୍ରପତି ନିର୍ବାଚନ ଆରମ୍ଭ ।
- ୧୯୬୧- ଆମେରିକା ପରମାଣୁ ପରୀକ୍ଷା କଲା ।
- ୧୯୯୧- ନେଲସନ୍ ମଣ୍ଡେଲା ଆଫ୍ରିକୀୟ ନ୍ୟାସନାଲ୍ କଂଗ୍ରେସର ଅଧ୍ୟକ୍ଷ ନିର୍ବାଚିତ ।
- ୧୯୯୭- ମଦର ଟେରେସାଙ୍କ ପରଲୋକ ।
- ୨୦୦୨- ଆଫଗାନିସ୍ତାନ ରାଷ୍ଟ୍ରପତି ହମିଦ୍ କାରଜାଇଙ୍କ ଉପରେ ମରଣାନ୍ତକ ଆକ୍ରମଣ ।
- ୨୦୦୯-ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଦଶୋଟି କମ୍ପାନିକୁ ସେୟାର୍ ବଜାରରେ କାରବାର କରିବା ଉପରେ ପ୍ରତିବନ୍ଧକ ଲଗାଇଲା ।

# ଗୁରୁଶିଷ୍ୟ ପରମ୍ପରାର ଅନନ୍ୟ ଦିନ



ଆଜି ପବିତ୍ର ଗୁରୁଦିବସ । ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିବସକୁ 'ଗୁରୁ ଦିବସ' ଭାବେ ସାରା ଭାରତ ବର୍ଷରେ ପାଳନ କରାଯାଉଛି । ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରୁଥିବା ଗୁରୁଙ୍କ ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ । ଗୁରୁ ହେଉଛନ୍ତି ସାକ୍ଷାତ୍ ପରମ୍ବ୍ରହ୍ମ । ଗୁରୁ ହେଉଛନ୍ତି ମଣିଷ ତିଆରି କାରଖାନାର ବିନ୍ଧାଣି । କେତେବେଳେ ଗୁରୁଙ୍କ ଆକଟ ଭରା କଠୋର ଅନୁଶାସନ ତ ପୁଣି କେବେ ଉତ୍ସାହପ୍ରଦ ପ୍ରେରଣା ଯୋଗୁ ଜଣେ ଛାତ୍ର ଜୀବନରେ ଆଗକୁ ବଢ଼ିଥାଏ । ସେଥିପାଇଁ ସର୍ବ ପ୍ରଥମେ ଗୁରୁଙ୍କ ଚରଣ ସ୍ପର୍ଶ କରିବା ଉଚିତ । ଗୁରୁଙ୍କ ଜ୍ଞାନ ଓ କର୍ମ ଆଗରେ ଆଜି ନତମସ୍ତକ ସମସ୍ତେ । ବିନା ଗୁରୁରେ କେହି କେବେ ସଫଳତାର ଶିଖର ଛୁଇଁପାରି ନ ଥାଏ । ଗୁରୁଙ୍କ ବେତ ପାହାର ପିଲାର ଉତ୍ତମ ଜୀବନ ଗଠନରେ ସହାୟକ ହୁଏ । କଞ୍ଚାମାଟିର ପିତୁଳାକୁ ଉଜ୍ୱଳ ତାରକା ରୂପେ ଗଢ଼ିବାରେ ନିରନ୍ତର ଚେଷ୍ଟା କରିଥାନ୍ତି ଗୁରୁ । ବାପାମା'ଙ୍କ ପରେ ଗୁରୁ ହିଁ ଜୀବନରେ ଆଗକୁ ବଢ଼ିବା ପାଇଁ ସଠିକ୍ ମାର୍ଗ ଦେଖାଇଥାନ୍ତି । ଶିକ୍ଷା ପ୍ରଦାନ ସହ ଜୀବନକୁ ମାର୍ଜିତ, ଶୃଙ୍ଖଳିତ କରିବାରେ ତାଙ୍କ ଅବଦାନ ଥାଏ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ପାଠପଢ଼ାଠାରୁ ଖେଳକୁଦ ପୁଣି ନୃତ୍ୟ ସଙ୍ଗୀତ ଅଭିନୟ, ସବୁ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଗୁରୁଙ୍କ ଅବଦାନ ଲୋଡ଼ାଥାଏ । ତେଣୁ ଭାଗବତରେ ଅଛି "ଗୁରୁ ନ ଥାଇ ତୁ ଅର୍ଜୁନ, କାହୁଁ ପାଇବୁ ସଦଜ୍ଞାନ ।" ଗୁରୁଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ହିଁ ଶିଷ୍ୟମାନଙ୍କର ଜୀବନର ପାଥେୟ । ଗୁରୁ ଶିଷ୍ୟର ପରମ୍ପରା ଆଜିର ନୁହେଁ ପୁରାଣ କାଳରୁ ଏହି ପରମ୍ପରା ରହି ଆସିଛି । ବେଦବ୍ୟାସଙ୍କ ଠାରୁ ଆରମ୍ଭ କରି ଦ୍ରୋଣାଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳିଛି ଗୁରୁଙ୍କ ପ୍ରତି ଥିବା ଶିଷ୍ୟର ଭକ୍ତି ଭାବକୁ । ଭାରତୀୟ ସଂସ୍କୃତି ହିଁ ଗୁରୁ-ଶିଷ୍ୟ ପରମ୍ପରା ଉପରେ ପ୍ରତିଷ୍ଠିତ । ସେଇଥିପାଇଁ ରାମାୟଣ, ମହାଭାରତ, ବେଦ, ଉପନିଷଦ, ଗୀତା ଓ ଭାଗବତରେ ଗୁରୁକୁଳ ଆଶ୍ରମର ମହନୀୟତା ବିଶେଷ କରି ଶିଷ୍ୟମାନଙ୍କୁ ସାଧୁତା-ନୈତିକତା ଓ ମୂଲ୍ୟବୋଧ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଉଥିଲା । ବିନା ଗୁରୁରେ ଜୀବନରେ ଗତି, ମୁକ୍ତି, ମୋକ୍ଷ ପ୍ରାପ୍ତି ସମ୍ଭବ ନୁହେଁ । ଯେଉଁ ସମାଜରେ ଗୁରୁଙ୍କୁ ଉଚ୍ଚ ଆସନ ମିଳିଛି, ସେ ସମାଜ ସେତେ ସମୃଦ୍ଧ । କାରଣ ବିକଶିତ ମାନବ ସମ୍ବଳ ତିଆରିରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆମ ଦେଶରେ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଗୁରୁ ଦିବସ ଭାବେ ପାଳନ କରାଯାଏ । ଭାରତର ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥିରେ ପାଳିତ ହୁଏ ଗୁରୁ ଦିବସ । ୧୮୮୮ ମସିହା ଆଜିର ଦିନରେ ତାମିଲନାଡୁର ତିରୁଟ୍ଟନୀ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ । ଶିକ୍ଷା ପ୍ରତି ଥିବା ତାଙ୍କ ଅବଦାନକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯାଏ । ୧୯୬୨ ମସିହାରେ ସେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ହେଲେ । ସେ ରାଷ୍ଟ୍ରପତି ଥିବା ସମୟରେ ବହୁ ଛାତ୍ରଛାତ୍ରୀ ତାଙ୍କର ଜନ୍ମଦିନ ପାଳନ କରିବାକୁ କହିଥିଲେ । ମାତ୍ର ସେ ସେମାନଙ୍କୁ ନିଜ ଜନ୍ମଦିନ ପାଳିବାକୁ ମନା କରିଥିଲେ । ଜନ୍ମଦିନ ପାଳନ କରିବା ଅପେକ୍ଷା ଏହି ଦିନକୁ ଗୁରୁମାନଙ୍କ ଦିବସ ଭାବେ ପାଳନ କରାଗଲେ, ତାହା ତାଙ୍କ ପାଇଁ ବଡ଼ ସମ୍ମାନ ହେବ ବୋଲି କହିଥିଲେ । ସେବେଠୁ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିବସକୁ 'ଗୁରୁ ଦିବସ' ଭାବେ ପାଳନ ହୋଇ ଆସୁଛି । ରାଧାକ୍ରିଷ୍ଣନ୍‌ଙ୍କ କ୍ୟାରିୟର ଶିକ୍ଷକତାରୁ ଆରମ୍ଭ ହୋଇଥିଲା । ଶିକ୍ଷାର ମହତ୍ତ୍ୱ ଉପରେ ସଚେତନ କରିବା ଥିଲା ତାଙ୍କ ଜୀବନର ଲକ୍ଷ୍ୟ । ତା'ସହ ଦେଶର ସାକ୍ଷରତା ହାର କିଭଳି ଉପରକୁ ଉଠିବ, ତାହା ଥିଲା ତାଙ୍କର ଅନ୍ୟତମ ଲକ୍ଷ୍ୟ । ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନରେ ଶିକ୍ଷାଦାନ କରିଥିଲେ । ବେଦ ଉପନିଷଦକୁ ସୁନ୍ଦର ଭାବେ ବ୍ୟାଖ୍ୟା କରୁଥିଲେ । ଶିକ୍ଷା ପ୍ରତି ଥିବା ତାଙ୍କ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଦିନ ସ୍କୁଲ, କଲେଜ ତଥା ବିଭିନ୍ନ ଅନୁଷ୍ଠାନରେ ଗୁରୁ ଦିବସ ପାଳନ କରାଯାଏ ।

# 'ଚାଲବାଜ୍' ରିମେକ୍‌ରେ ଜାହ୍ନବୀ



ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ଏବେ ଏକାଧିକ ଫିଲ୍ମରେ କାମ କରୁଛନ୍ତି । ତାଙ୍କ ହାତରେ ଏବେ ଅନେକ ବଡ଼ ପ୍ରୋଜେକ୍ଟ ରହିଛି । ନିକଟରେ ଜାହ୍ନବୀଙ୍କ 'ପରମ ସୁନ୍ଦରୀ' ଫିଲ୍ମ ରିଲିଜ୍ ହୋଇଛି । ଏହା ବକ୍ସ ଅଫିସ୍‌ରେ ଠିକ୍‌ଠାକ୍ ବିଜନେସ୍ କରିଛି । ଏହି ଫିଲ୍ମ ପରେ ଜାହ୍ନବୀ 'ସନି ସଂସ୍କାରୀ କୀ ତୁଲସୀ କୁମାରୀ' ଫିଲ୍ମରେ ନଜର ଆସିବେ । ଇତିମଧ୍ୟରେ ଜାହ୍ନବୀଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଛି । ଜାହ୍ନବୀଙ୍କ ହାତକୁ ଏବେ ତାଙ୍କ ମା' ଶ୍ରୀଦେବୀଙ୍କ ଅଭିନୀତ ଫିଲ୍ମ 'ଚାଲ୍‌ବାଜ୍'ର ରିମେକ୍ ପାଇଁ ଅଫର୍ ଆସିଛି । ଜାହ୍ନବୀଙ୍କୁ ଏହି ଅଫର୍ ଆସିବା ପରେ ସେ ଏଥିରେ କାମ କରିବା ପାଇଁ ତୁରନ୍ତ ରାଜି ହୋଇଯାଇଛନ୍ତି । ଯଦିଓ ଏହି ପ୍ରୋଜେକ୍ଟକୁ ନେଇ ଜାହ୍ନବୀ ବେଶ୍ ଉତ୍ସାହିତ ଅଛନ୍ତି କିନ୍ତୁ ଏଥିରେ ତାଙ୍କୁ ତାଙ୍କ ମା'ଙ୍କ ସହ ତୁଳନା କରାଯିବା ନେଇ ସେ ବେଶ୍ ଚିନ୍ତିତ ଅଛନ୍ତି । ତେବେ ସେ ଏଥିରେ କାମ କରିବେ କି ନାହିଁ ସେପ୍ଟେମ୍ବର ଶେଷ ସୁଦ୍ଧା ଫାଇନାଲ କରିବେ ବୋଲି କହିଛନ୍ତି । ଏଠାରେ ପ୍ରକାଶ ଥାଉ କି, ୩୬ ବର୍ଷ ପୂର୍ବରୁ ରିଲିଜ୍ ହୋଇଥିବା 'ଚାଲବାଜ୍' ଶ୍ରୀଦେବୀଙ୍କର ଏକ ଆଇକନିକ୍ ଫିଲ୍ମ ଭାବେ ଜଣାଯାଏ । ଏଥିରେ ସେ ଅଞ୍ଜୁ ଓ ମଞ୍ଜୁ ଦୁଇଟି ଭୂମିକାରେ ନଜର ଆସିଥିଲେ । 'ଚାଲବାଜ୍'ରେ ଶ୍ରୀଦେବୀଙ୍କ ସହ ସନ୍ନି ଦେଓଲ ଓ ରଜନୀକାନ୍ତ ଲିଡ୍ ରୋଲରେ ଦେଖାଯାଇଥିଲେ ।

## ଏମିତି ଏକ ଚାକିରି
# ୬ ଘଣ୍ଟା ଚଲାଇବାକୁ ହେବ ଇନ୍‌ଷ୍ଟାଗ୍ରାମ୍

ମୁମ୍ବାଇସ୍ଥିତ ମଙ୍କ ଏଣ୍ଟରଟେନମେଣ୍ଟ ନାମକ ଏକ କମ୍ପାନି ଏମିତି ଏକ ଚାକିରି ବାହାର କରିଛି, ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ହେଉଛି । କମ୍ପାନିର ସିଇଓ ବିରାଟ ସେଠ କହିଛନ୍ତି, ତାଙ୍କ ଟିମ୍‌ରେ ସେ ଡୁମ୍ ସ୍କ୍ରଲର୍‌କୁ ଚାହୁଁଛନ୍ତି । ଯେଉଁମାନେ ନିତିଦିନ ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ଥାଆନ୍ତି ବିଶେଷକରି ଇଣ୍ଟରନେଟ୍‌ରେ ନକାରାତ୍ମକ ସମ୍ବାଦ ତଲାସ କରୁଥାନ୍ତି ସେମାନଙ୍କୁ ଡୁମ୍ ସ୍କ୍ରଲର୍ କୁହାଯାଏ । ଧୀରେ ଧୀରେ ଏହି ଶବ୍ଦ ଇନଷ୍ଟାଗ୍ରାମ୍, ୟୁଟ୍ୟୁବ୍, ଟ୍ୱିଟର ଆଦିରେ ଘଣ୍ଟା ଘଣ୍ଟା ସମୟ ଅତିବାହିତ କରୁଥିବା ଲୋକଙ୍କ ପାଇଁ ମଧ୍ୟ ବ୍ୟବହାର କରାଗଲାଣି । ମୁଖ୍ୟତଃ ଏହି ଚାକିରି ଲାଗି ଆବେଦନ କରିବାକୁ ଥିବା ଆବେଦନକାରୀଙ୍କୁ ନିତିଦିନ ୬ ଘଣ୍ଟା ଇନଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍‌ରେ ଅତିବାହିତ କରିବାକୁ ହେବ । ଏ ଲାଗି ସେମାନଙ୍କୁ ସ୍କ୍ରିନସଟ୍ ମଧ୍ୟ ଦେଖାଇବାକୁ ପଡ଼ିବ । ସବୁଠୁ ବଡ଼ କଥା ହେଲା ଆବେଦନକାରୀ ନୂଆ ନୂଆ ଡିଜିଟାଲ କ୍ରିଏଟରଙ୍କୁ ଜାଣିଥିବା ଦରକାର । ଏହାବାଦ୍ ଇଂରାଜୀ ଏବଂ ହିନ୍ଦୀ ଭାଷାର ଜ୍ଞାନ ରହିବା ଜରୁରି । ଏହି ଚାକିରି ମୁମ୍ବାଇ ପାଇଁ ଉଦ୍ଦିଷ୍ଟ ଏବଂ ଏହା ଏକ ପୂର୍ଣ୍ଣକାଳୀନ ଚାକିରି ବୋଲି ସ୍ପଷ୍ଟ କରାଯାଇଛି । ତେବେ ଏ ଲାଗି ପାରିଶ୍ରମିକ କେତେ ମିଳିବ, ସେକଥା କିଛି କୁହାଯାଇ ନାହିଁ । ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏକଥା ସେୟାର୍ ହେବା ପରେ ଲୋକେ ଏହା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି ।




## ସଞ୍ଜୀବନୀ



# ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱ



**ଶିଶୁର ଶାରୀରିକ ତଥା ବୌଦ୍ଧିକ ବିକାଶ ମା'ର ଗର୍ଭରୁ ପ୍ରାରମ୍ଭ କରି ତା'ର ସ୍ୱାସ୍ଥ୍ୟ, ଖାଦ୍ୟ ଏବଂ ପରିବେଶ ଉପରେ ନିର୍ଭର କରିଥାଏ । ତେଣୁ ମା'ମାନେ ନିଜ ଶିଶୁର ସନ୍ତୁଳିତ ଖାଦ୍ୟପେୟ ଓ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଥାଆନ୍ତି । ହେଲେ ଶିଶୁଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନଙ୍କୁ ଜୀବାଣୁ, ଭୂତାଣୁ ଓ ପରିବେଶ ଜନିତ ରୋଗ ଶୀଘ୍ର ସଂକ୍ରମିତ କରିଥାଏ । ଅସୁସ୍ଥତା ଅନୁଭବ କଲେ ବି ସେମାନେ କହିପାରନ୍ତି ନାହିଁ । ଆଉ କିଛି ସ୍ୱାସ୍ଥ୍ୟ ସମସ୍ୟାକୁ ପିତାମାତା ମଧ୍ୟ ସହଜରେ ଜାଣି ପାରନ୍ତିନି । ତେଣୁ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଜରୁରି ।**

**୧ ବର୍ଷରୁ ପାଞ୍ଚ ବର୍ଷ:**

ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜନ୍ମ ପରେ ଏକରୁ ଦୁଇବର୍ଷ ମଧ୍ୟରେ ସମସ୍ତ ପ୍ରକାର ଟିକା ଓ ପରେ ବୁଷ୍ଟର ଡୋଜ୍ ଦିଆଯାଏ । ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ କେତେକ ଶିଶୁଙ୍କର ହିୟରିଂ ଟେଷ୍ଟ ମଧ୍ୟ କରାଯାଇଥାଏ । ତେବେ ଟିକାରୁ ବଞ୍ଚିତ ହେଲେ ବର୍ଷେରୁ ପାଞ୍ଚ ବର୍ଷର ଶିଶୁଙ୍କୁ ଟିକା- ନିବାରକ ରୋଗ (ଭିପିଡିଏସ୍) ଯଥା- ଡିପ୍‌ଥେରିଆ, ଟିଟାନସ୍, ପୋଲିଓ, ଟିବି, ଟାଇଫଏଡ୍, ଜଣ୍ଡିସ ଆଦି ହେବାର ଆଶଙ୍କା ଥାଏ । ତେଣୁ ଟିକାକରଣ କରିବାକୁ ଭୁଲନ୍ତୁନି । ସେହିପରି ଶିଶୁଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ଶ୍ୱାସକ୍ରିୟା ଜନିତ, ଭୂତାଣୁଜନିତ ସଂକ୍ରମଣ, କୃମି, ଝାଡ଼ାବାନ୍ତି, ଅଧିକ ଦେଖାଯାଏ । ଜ୍ୱର ଲାଗି ରହି ଅକ୍ସିଜେନ୍‌ସ୍ତର କମିଲେ ଡାକ୍ତରଙ୍କ ପରାମର୍ଶରେ ରକ୍ତ ଓ ପରିସ୍ରା ପରୀକ୍ଷା, ଛାତି ଏକ୍ସରେ ଆଦି କରାଇ ଆବଶ୍ୟକୀୟ ଟିକା ଓ ଚିକିତ୍ସା କରାଯାଏ । ଡେଙ୍ଗୁ, ସ୍କ୍ରବ୍ ଟାଇଫସ୍ ଆଦି ପାଇଁ ଭିନ୍ନ ଭିନ୍ନ ପରୀକ୍ଷା ରହିଛି । ଶିଶୁର ଉଚ୍ଚତା, ଓଜନ, ବିଏମ୍‌ଆଇ, ରକ୍ତ ପରୀକ୍ଷା, ହୃଦ୍‌ପିଣ୍ଡ, ଫୁସ୍‌ଫୁସ୍‌ର ଯାଞ୍ଚ ନିୟମିତ ବ୍ୟବଧାନରେ କରିବା ଦ୍ୱାରା ସେମାନଙ୍କ ସୁସ୍ଥତା ବିଷୟରେ ଜାଣିହୁଏ । ବର୍ଷକରୁ ଉର୍ଦ୍ଧ୍ୱ ପିଲାଙ୍କ ଖାଦ୍ୟ ଅରୁଚି ହେଲେ ସେମାନେ ଖାଇବା କମାଇ ଦୁର୍ବଳ ହୋଇପଡ଼ନ୍ତି । ଡାକ୍ତର ବାହୁର ଗୋଲେଇକୁ ଦେଖି ଅପପୁଷ୍ଟିର ଆକଳନ କଲେ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଏ । ଅନ୍ୟପଟେ ଅଟିଜିମ୍ ଏକ ମସ୍ତିଷ୍କ ବିକାଶ ସମ୍ବନ୍ଧୀୟ ରୋଗ । ଦୁଇରୁ ଅଢ଼େଇ ବର୍ଷର ପିଲା ଅନ୍ୟ ପିଲାଙ୍କ ତୁଳନାରେ କଥା ଶୀଘ୍ର ଧରୁ ନ ଥିଲେ କିମ୍ବା ଯୋଗାଯୋଗ କରି ପାରୁ ନ ଥିଲେ ପିଲା ଅଟିଜିମ୍ କି ନାହିଁ ପରୀକ୍ଷା କରାଇବା ଆବଶ୍ୟକ ।

**ଦାନ୍ତ ଓ ଚକ୍ଷୁ ପରୀକ୍ଷା:** ଜନ୍ମରୁ ଛଅ ମାସ ପରେ ଦାନ୍ତ ଉଠିଥାଏ । କ୍ୟାଲ୍‌ସିୟମ ଅଭାବରୁ ବହୁ ଶିଶୁଙ୍କର ଦାନ୍ତ ଉଠିବା ବିଳମ୍ବ ହୁଏ । ଭଲ କରି ଦାନ୍ତ ନ ଘଷିବା ଦ୍ୱାରା ପିଲାଙ୍କ ଦାନ୍ତଜନିତ ସମସ୍ୟା ଦେଖାଯାଏ । ତେଣୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ପିଲା ଛଅ ମାସକୁ ଥରେ ଦାନ୍ତ ପରୀକ୍ଷା କରାଇବା ସହ ଚକ୍ଷୁ ପରୀକ୍ଷା କରାଇବା ଆବଶ୍ୟକ ।

**୫ରୁ ୧୦ ବର୍ଷ:**

ଆଜିକାଲି ପିଲାମାନେ ମୋବାଇଲରେ ଅଧିକ ସମୟ ବିତାଉଛନ୍ତି । ଅନିୟମିତ ଜୀବନଶୈଳୀ, ଖାଦ୍ୟପେୟ ତଥା ଶାରୀରିକ କ୍ରିୟାରେ ଅଭାବ ହେତୁ ମେଦବହୁଳତା, ଚିଡ଼ିଚିଡ଼ାପଣ, କୋଲେଷ୍ଟ୍ରଲସ୍ତର ବୃଦ୍ଧି ପାଉଛି । ତେଣୁ ଶିଶୁଙ୍କର ରକ୍ତ ପରୀକ୍ଷା, ଲିପିଡି ପ୍ରୋଫାଇଲ ଟେଷ୍ଟ, ବେଳେ ବେଳେ ହରମୋନ୍ ଟେଷ୍ଟ ଆଦି ପରୀକ୍ଷା ନିୟମିତ ବ୍ୟବଧାନରେ କରିବା ଉଚିତ । ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଗଲେ ଡାକ୍ତରଙ୍କ ପରାମର୍ଶରେ ପରୀକ୍ଷା କରାଇ ପାରିବେ ।

**୧୦ରୁ ୧୪ ବର୍ଷ:**

ଏହି ବୟସରେ ମୁଖ୍ୟତଃ ରକ୍ତହୀନତା ଦେଖାଯାଏ । ଏହାଦ୍ୱାରା ପିଲାଙ୍କ ଶାରୀରିକ ଏବଂ ମାନସିକ ବିକାଶରେ ସମସ୍ୟା ହୁଏ । ତେଣୁ ହିମୋଗ୍ଲୋମିନ୍, ସିବିସି, ମଳ, ରକ୍ତର ଲୌହସାର ମାତ୍ରା, ଭିଟାମିନ୍ ଡି ଏବଂ ବି -୧୨ର ପରୀକ୍ଷା, ନିୟମିତ ବ୍ୟବଧାନରେ କରିବା ଆବଶ୍ୟକ ।

**ଥାଇରଏଡ୍ ଓ କିଡ୍‌ନୀ ଫଙ୍କସନ ଟେଷ୍ଟ:** ଜନ୍ମରୁ ସାତ ଦିନ ଭିତରେ ସମୟ ପୂର୍ବରୁ ଏବଂ କମ୍ ଓଜନର ଶିଶୁଙ୍କପାଇଁ ଥାଇରଏଡ୍ ପରୀକ୍ଷା କରାଯାଏ । ସାଧାରଣ ଶିଶୁଙ୍କର ଓଜନ ବଢୁ ନ ଥିଲେ, ଝାଡ଼ା ଠିକ୍ ନ ହେଲେ, ଥାଇରଏଡ ପରୀକ୍ଷା ମଧ୍ୟ କରାଯାଏ । ସ୍ୱାସ୍ଥ୍ୟ ପରୀକ୍ଷା ସମୟେ ଯେଉଁ ଶିଶୁଙ୍କର ମୁହଁ, ଗୋଡ, ହାତ ଫୁଲିଥାଏ ସେମାନଙ୍କର କିଡନୀ ଫଙ୍କସନ ଟେଷ୍ଟ କରାଯାଇ ଡାକ୍ତରଙ୍କ ପରାମର୍ଶ ନିଆଯାଏ । ପରିବାରରେ କାହାକୁ ଶ୍ୱାସ ସମସ୍ୟା ଥିଲେ ସେହି ପରିବାରର ଶିଶୁଙ୍କର ଶ୍ୱାସ ତଥା ଅନ୍ୟାନ୍ୟ ରୋଗ ଚିହ୍ନଟ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ନିହାତି ଆବଶ୍ୟକ ।





# ସ୍ତନ କର୍କଟ ଚିକିତ୍ସାରେ ନୂତନ ସମ୍ଭାବନା

ସ୍ତନ କର୍କଟରେ ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରତିବର୍ଷ ପ୍ରାୟ ୨୫% ମହିଳାଙ୍କର ମୃତ୍ୟୁ ହୋଇଥାଏ । ସ୍ତନକର୍କଟର ଚିକିତ୍ସା ପାଇଁ ଔଷଧ, କେମୋଥେରାପି, ରାଡିଏସନ୍ ଥେରାପି ଏବଂ ଅସ୍ତ୍ରୋପଚାର ପଦ୍ଧତି ଗ୍ରହଣ କରାଯିବା ସାଧାରଣ କଥା । ହେଲେ ଏବେ ଏହି ଚିକିତ୍ସା ପଦ୍ଧତିରେ ବିଛାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ବ୍ରାଜିଲ, ୟୁନିଭର୍ସିଟି ଅଫ୍ ସାଓ ପାଉଲୋର ବୈଜ୍ଞାନିକମାନେ ଆମାଜନର ଏକ ଦୁର୍ଲଭ ବିଛା ପ୍ରୋଥେସ୍ ଆମାଜୋନିକସ୍ ବିଛା ବିଷରୁ ସ୍ୱତନ୍ତ୍ର ଅଣୁର ସନ୍ଧାନ କରିଛନ୍ତି । ଏହି ଅଣୁର ନାଁ ରହିଛି BamazScplp1 । କର୍କଟ କୋଷକୁ ନଷ୍ଟ କରିବାରେ ବେଶ୍ ପ୍ରଭାବୀ । ଏହି ଅଣୁ କର୍କଟ କୋଷ ଉପରେ ପ୍ରଭାବ ପକାଉଥିବାବେଳେ ଶରୀରର ସାଧାରଣ କୋଷ ଉପରେ କିଛି ପ୍ରଭାବ ପକାଇବନି । ସ୍ତନ କର୍କଟରେ ଦିଆଯାଉଥିବା କେମୋଥେରାପି ଔଷଧ ପାକ୍ଲିଟ୍ୟାକ୍ସେଲ ଯେପରି କର୍କଟ କୋଷକୁ ନଷ୍ଟ କରିଥାଏ, ବିଛା ବିଷର ଅଣୁ ମଧ୍ୟ ସ୍ତନକର୍କଟ କୋଷକୁ ନଷ୍ଟ କରିବାକୁ ପ୍ରଭାବୀ ବୋଲି ବୈଜ୍ଞାନିକ ପ୍ରାରମ୍ଭିକ ପରୀକ୍ଷଣରୁ ଜାଣିଥିଲେ । BamazScplp1 ଶରୀରରେ ଥିବା ଏଞ୍ଜାଇମ୍ ଗ୍ରୁପ୍ ସିରିନ୍ ପ୍ରୋଟେସେସ ସହିତ ସମ୍ବନ୍ଧିତ । ଏହା କର୍କଟ କୋଷଗୁଡିକର ଜୀବନଚକ୍ରକୁ ମଧ୍ୟ ବ୍ୟାହତ କରେ । ଏହି ପ୍ରୋଜେକ୍ଟର ଗବେଷକ ତଥା ପ୍ରଫେସର ଏଲିଏନ୍ ଅରନ୍ତେସଙ୍କ କହିବାନୁସଯାୟୀ ପିସିଆ ପାଷ୍ଟୋରିସ୍ ନାମକ ଇଷ୍ଟ ପ୍ରୟୋଗ କରିଥିଲୁ । ଏହି କୌଶଳକୁ ଉପଯୋଗ କରି କୌଣସି ପ୍ରାଣୀଙ୍କୁ କ୍ଷତି ନ ପହଞ୍ଚାଇ ବହୁ ପରିମାଣର ଅଣୁ ଉତ୍ପାଦନ କରାଯାଇପାରିବ । ଏପର୍ଯ୍ୟନ୍ତ BamazScplp1 ଉପରେ କେବଳ ପ୍ରାରମ୍ଭିକ ପରୀକ୍ଷା କରାଯାଇଥିଲେ ହେଁ, ଏହାର ପ୍ରଭାବକୁ ଦେଖି ବୈଜ୍ଞାନିକମାନେ ବେଶ୍ ଉତ୍ସାହିତ ରହିଛନ୍ତି । ଆଗାମୀ ପରୀକ୍ଷଣରେ ଯଦି ଏହା ନିରାପଦ ପ୍ରମାଣିତ ହୁଏ, ତେବେ ସ୍ତନ କର୍କଟ ଚିକିତ୍ସା କ୍ଷେତ୍ରରେ ଏହା ନୂତନ ଦିଗ୍‌ଦର୍ଶନ ଦେବ ।

# କୋଲେଷ୍ଟ୍ରଲ ନିୟନ୍ତ୍ରଣ ପାଇଁ ମ୍ୟାଜିକ୍ ଚା'

**ବର୍ତ୍ତମାନର ଜୀବନ ଏବଂ ଖାଦ୍ୟପେୟ ଶୈଳୀ ଯୋଗୁଁ ବିଭିନ୍ନ ରୋଗ ସୃଷ୍ଟି ହେଉଛି । ତନ୍ମଧ୍ୟରୁ ମେଦବହୁଳତା ଏକ ପ୍ରମୁଖ ସମସ୍ୟା । ମେଦବହୁଳତା ହେଲେ କୋଲେଷ୍ଟ୍ରଲ ମଧ୍ୟ ବୃଦ୍ଧି ପାଏ । ଏହା ହୃଦ୍‌ଘାତ, ରକ୍ତଚାପ ଏବଂ ମୋଟାପା ପରି ଗମ୍ଭୀର ରୋଗର କାରଣ ସାଜିପାରେ । ତେଣୁ ଉଚ୍ଚ କୋଲେଷ୍ଟ୍ରଲ ନିୟନ୍ତ୍ରଣ ପାଇଁ ଖାଦ୍ୟ ବିଶେଷଜ୍ଞ ମନପ୍ରୀତ କାଲରା ମ୍ୟାଜିକ ଚା' ଉପଯୋଗୀ ବୋଲି ମତ ରଖିଛନ୍ତି ।**

ମ୍ୟାଜିକ୍ ଚା' ଶରୀରରୁ ସମସ୍ତ ପ୍ରକାର ବିଷାକ୍ତ ପଦାର୍ଥ ବାହାର କରିପାରେ । ଏଥିପାଇଁ ଏକ ଗ୍ଲାସ ପାଣିରେ ଅଧା ଚାମଚ ହଳଦୀ, ଅଧା ଚାମଚ ଡାଲଚିନି, ଏକ ଚୁଟ୍‌କି ଗୋଲ ମରିଚ ପକାଇ ଏହାକୁ ୨ରୁ ୩ ମିନିଟ୍ ଫୁଟାନ୍ତୁ । ଚା' ହାଲୁକା ଥଣ୍ଡା ହୋଇଗଲେ, ଏଥିରେ ଏକ ଚାମଚ ମହୁ, ଅଧ ଚାମଚ ଲେମ୍ବୁ ରସ ମିଶାଇ ସକାଳୁ ଖାଲି ପେଟରେ ପିଇବା ହିତକର । ଚିକିତ୍ସକଙ୍କ ପରାମର୍ଶକ୍ରମେ ଗୋଟେ ମାସ ଧରି ଏହି ଚା' ପିଇବା ଦ୍ୱାରା କୋଲେଷ୍ଟ୍ରଲ ନିୟନ୍ତ୍ରଣ ହୋଇପାରେ । ରକ୍ତସଞ୍ଚାଳନ ହେବା ସହିତ ଶରୀର ଶୁଦ୍ଧି କରଣ ହୋଇଥାଏ । ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଏହା ମଧ୍ୟ ବହୁତ ଭଲ । ଚର୍ବି ହ୍ରାସ କରିବାରେ ଏହି ଚା'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ଔଷଧ ସେବନ କରୁଥିଲେ, କିମ୍ବା ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶ ନେଇ ପିଇପାରିବେ ।



# ଧାୱନଙ୍କୁ ଇଡିର ଜେରା

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଅନ୍‌ଲାଇନ ବେଟିଂ ଆପ୍ ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ଗୁରୁବାର ଇଡି ଅଫିସରେ ହାଜର ହୋଇଛନ୍ତି। ପୂର୍ବରୁ ଇଡି ପକ୍ଷରୁ ତାଙ୍କୁ



ମୁଖ୍ୟାଳୟରେ ହାଜର ହୋଇ ତଦନ୍ତରେ ସହଯୋଗ କରିବା ଲାଗି ନୋଟିସ କରାଯାଇଥିଲା। ତେଣୁ ୩୯ ବର୍ଷୀୟ ଧାୱନ ଗୁରୁବାର ଇଡି କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତର ସମ୍ମୁଖୀନ ହୋଇଥିଲେ। ଏହି ବେଟିଂ ଆପ୍‌ର ନାମ ହେଉଛି '୧ x ବେଟ୍'। ଏହି ମାମଲାରେ ଇଡିର ତଦନ୍ତର ସମ୍ମୁଖୀନ ହେବାରେ ଧାୱନ ୪ର୍ଥ ଭାରତୀୟ କ୍ରିକେଟର୍। ତାଙ୍କ ପୂର୍ବରୁ ସୁରେଶ ରାଇନା, ହରଭଜନ ସିଂହ ଓ ଯୁବରାଜ ସିଂହଙ୍କୁ ମଧ୍ୟ ଇଡି ପକ୍ଷରୁ ଜେରା ହୋଇସାରିଛି। 'କାହାର ପରାମର୍ଶରେ ଏହି ଆପ୍‌ର ପ୍ରଚାର କରୁଥିଲେ? ଏଥିଲାଗି କେତେ ଟଙ୍କା ଦିଆଯାଇଥିଲା? ଏହି ଆପ୍ ଭାରତରେ ବେଆଇନ ବୋଲି ଜାଣିଥିଲେ କି ନାହିଁ' ଭଳି ପ୍ରଶ୍ନ ଇଡି ଅଧିକାରୀମାନେ ଧାୱନଙ୍କୁ ପଚାରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଭାରତରେ ବେଟିଂକୁ ବେଆଇନ ବୋଲି ବିବେଚନା କରାଯାଏ। ଏହାସତ୍ତ୍ୱେ ଅନେକ ଭାରତୀୟ କ୍ରିକେଟର୍ ଏହି ଆପ୍‌ର ପ୍ରଚାର ଓ ପ୍ରସାର କରିଥିବା ଅଭିଯୋଗ ହୋଇଥିଲା।

# ୧୦୦ ଟଙ୍କାରେ ମିଳିବ ମହିଳା ଦିନିକିଆ ବିଶ୍ୱକପ୍ ଟିକଟ୍

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ଆରମ୍ଭ ହେବ ମହିଳା ଦିନିକିଆ ବିଶ୍ୱକପ୍। ଏହି ମେଗା ଇଭେଣ୍ଟ ଲାଗି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ଗୁରୁବାର ଲିଗ୍ ପର୍ଯ୍ୟାୟ ମ୍ୟାଚର ଟିକଟ୍ ଦର ଘୋଷଣା କରାଯାଇଛି। ଲିଗ୍ ପର୍ଯ୍ୟାୟ ମ୍ୟାଚର ସର୍ବନିମ୍ନ ଟିକଟ୍ ମୂଲ୍ୟ ୧.୧୪ ଡଲାର ତଥା ଭାରତୀୟ ମୁଦ୍ରାରେ ୧୦୦ ଟଙ୍କା ରଖାଯାଇଛି। ଆଇସିସିର ଯେକୌଣସି ଇଭେଣ୍ଟରେ ଏହା ସର୍ବନିମ୍ନ ଟିକଟ୍ ମୂଲ୍ୟ ହେବାର ରେକର୍ଡ ହୋଇଛି। ଅଧିକରୁ ଅଧିକ ମାତ୍ରାରେ ଦର୍ଶକଙ୍କୁ ଷ୍ଟାଡିୟମକୁ ଆଣିବା ଲାଗି ଏଭଳି କମ୍ ମୂଲ୍ୟରେ ଟିକଟ୍ ଉପଲବ୍ଧ କରାଯାଉଥିବା ଆଇସିସି ପକ୍ଷରୁ କୁହାଯାଇଛି। ସେହିଭଳି ଗୌହାଟୀରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ଏଥିପୂର୍ବରୁ ଉଦ୍‌ଘାଟନୀ ସମାରୋହରେ ବଲିଉଡ୍‌ର ମହାନ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ ଟୁର୍ଣ୍ଣାମେଣ୍ଟର ଅଫିସିଆଲ୍ ସଙ୍ଗୀତ 'ବ୍ରିଙ୍ଗ୍ ଇଟ୍ ହୋମ୍' ଗାନ କରିବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ବିଶ୍ୱକପ୍ ପୂର୍ବରୁ ଭାରତକୁ ବଡ଼ ଝଟ୍‌କା ଲାଗିଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରୁ ଇନଫର୍ମ ୱିକେଟକିପର ଯଷ୍ଟିକା ଭାଟିଆ ଆଘାତ ଲାଗି ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଉମା ଛେତ୍ରୀ ଖେଳିବେ ବୋଲି ବିସିସିଆଇ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।

**ଭାରତୀୟ ଦଳରୁ ଯଷ୍ଟିକା ବାଦ୍**

■ ଫିଫା ବିଶ୍ୱକପ୍

# ଫାଇନାଲ ମ୍ୟାଚ୍‌ର ଟିକଟ୍ ମୂଲ୍ୟ ୫.୯ ଲକ୍ଷ ଟଙ୍କା

ଜୁରିକ, ୪।୯ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଆସନ୍ତା ବର୍ଷ ଜୁନ ୧୧ରୁ ଆମେରିକା, କାନାଡା ଓ ମେକ୍ସିକୋରେ ମିଳିତ ଭାବେ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ଲାଗି ଆସନ୍ତା ୧୧ ତାରିଖରୁ ବିଧିବଦ୍ଧ ଭାବେ ଟିକଟ୍ ବିକ୍ରି ଆରମ୍ଭ ହେବ। ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଗାମୀ ବିଶ୍ୱକପ୍ ଲାଗି ସର୍ବନିମ୍ନ ଟିକଟ୍ ମୂଲ୍ୟ ୬୦ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୫,୨୯୦ ଟଙ୍କା) ରଖାଯାଇଛି। ସେହିଭଳି ସର୍ବାଧିକ ଟିକଟ୍‌ର ମୂଲ୍ୟ ୬,୭୧୦ ଡଲାର ରହିଛି। ଯାହାକି ଭାରତୀୟ ମୂଲ୍ୟରେ ୫ ଲକ୍ଷ ୯୧ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଜଣେ ବ୍ୟକ୍ତି ଗୋଟିଏ ମ୍ୟାଚରେ ସର୍ବାଧିକ ୪ଟି ଓ ସାରା ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୪୦ଟି ଟିକଟ୍ କିଣିପାରିବେ। ୧୯୯୪ରେ ଆମେରିକାରେ ଆୟୋଜିତ ଫିଫା ବିଶ୍ୱକପ୍‌ରେ ସର୍ବନିମ୍ନ ଓ ସର୍ବାଧିକ ଟିକଟ୍‌ର ମୂଲ୍ୟ ଯଥାକ୍ରମେ ୨୫ ଡଲାର ଓ ୪୭୫ ଡଲାର ରହିଥିଲା। ସେହିଭଳି ୨୦୨୨ରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଗତ ସଂସ୍କରଣରେ ସର୍ବନିମ୍ନ ଟିକଟ୍ ମୂଲ୍ୟ ୬୯ ଡଲାର ଓ ସର୍ବାଧିକ ମୂଲ୍ୟ ୧୬୦୭ ଡଲାର ରଖାଯାଇଥିଲା। ପ୍ରକାଶଯୋଗ୍ୟ, ଏଥର ଫିଫା ବିଶ୍ୱକପ୍‌ରେ ରେକର୍ଡ ୪୮ଟି ଦେଶ ଅଂଶଗ୍ରହଣ କରିବେ।

## ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍

# ପୁରୁଷ ଯୁଗଳ ସେମିରେ ଭାମ୍ବ୍ରୀ-ଭେନସ

ନ୍ୟୁୟର୍କ,୪।୯ (ଏଜେନ୍ସି):



ଭାରତର ଯୁକି ଭାମ୍ବ୍ରୀ ଓ ନ୍ୟୁଜିଲାଣ୍ଡର ମାଇକେଲ ଭେନସଙ୍କ ଯୋଡି ଏଠାରେ ଚାଲିଥିବା ୟୁଏସ୍ ଓପନ ପୁରୁଷ ଯୁଗଳ ବିଭାଗ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ବୁଧବାର ରାତିରେ ଖେଳାଯାଇଥିବା କ୍ୱାର୍ଟରଫାଇନାଲ ମୁକାବିଲାରେ ୧୪ତମ ସିଡ୍ ଭାମ୍ବ୍ରୀ-ଭେନସଙ୍କ ଯୋଡି ୧୧ଶ ସିଡ୍ କ୍ରୋଏସିଆର ନିକୋଲ ମେକ୍‌ଟିକ୍ ଓ ଆମେରିକାର ଭେଟେରାନ ଖେଳାଳି ରାଜୀବ ରାମଙ୍କୁ ୬-୩, ୬-୭, ୬-୩ ସେଟ୍‌ରେ ହରାଇ ପ୍ରଥମଥର କୌଣସି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ମୁକାବିଲାଟି ଦୀର୍ଘ ୨ ଘଣ୍ଟା ୩୯ ମିନିଟ୍ ଧରି ଚାଲିଥିଲା। ମେକ୍‌ଟିକ ଓ ରାମ ପୂର୍ବରୁ ଭିନ୍ନ ଭିନ୍ନ ପାର୍ଟନରଙ୍କ ସହ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି। କିନ୍ତୁ ଏହି ମ୍ୟାଚ୍‌ରେ ସେମାନେ ଭାରତ-ନ୍ୟୁଜିଲାଣ୍ଡ ଯୋଡିକୁ ହରାଇବାରେ ସମର୍ଥ ହୋଇନାହାନ୍ତି।

ଭାରତର ଶୀର୍ଷମାନ୍ୟତାପ୍ରାପ୍ତ ଯୁଗଳ ଖେଳାଳି ଯୁକି ଭାମ୍ବ୍ରୀଙ୍କୁ ବିଶ୍ୱଟେନିସ୍‌ରେ ମାନ୍ୟତା ହେଉଛି ୩୨। ଭାମ୍ବ୍ରୀ ଓ ଭେନସଙ୍କ ଯୋଡି ଚତୁରତାର ସହ ଖେଳି ଏଠାରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରିଥିଲେ। ପ୍ରଥମ ସେଟ୍‌ରେ ଭାମ୍ବ୍ରି-ଭେନସ ଚତୁର୍ଥ ଗେମ୍‌ରେ ସର୍ଭିସ ବ୍ରେକ୍ କରି ଖେଳକୁ ନିଜ ନିୟନ୍ତ୍ରଣକୁ ନେଇଆସିଥିଲେ। ଏହି ସେଟ୍ ଜିତିବା ପରେ ଦ୍ୱିତୀୟ ସେଟ୍‌ରେ ମୁକାବିଲା ଜୋରଦାର ହୋଇଥିଲା। ଉଭୟ ପ୍ରତିଦ୍ୱନ୍ଦ୍ୱୀ ସମାନ ପଏଣ୍ଟ ସଂଗ୍ରହ କରିଥିଲେ ମଧ୍ୟ ସେଟ୍ ଟାଇବ୍ରେକ୍‌କୁ ଯାଇଥିଲା। ଭାମ୍ବ୍ରୀ-ଭେନସ ୬-୫ରେ ଆଗୁଆ ଥିଲେ ମଧ୍ୟ ମ୍ୟାଚ୍ ପଏଣ୍ଟ ହାସଲ କରିପାରି ନ ଥିଲେ। ଏହା ପରେ ତୃତୀୟ ସେଟ୍‌ରେ ଲଢ଼େଇ ଜୋରଦାର ହୋଇଥିଲା। ୯ମ ଗେମ୍‌ରେ ଭାମ୍ବ୍ରୀ-ଭେନସ ବ୍ରେକ୍‌ପଏଣ୍ଟ ହାସଲ କରି ମ୍ୟାଚ୍ ଜିତିବାର ସୁଯୋଗ ସୃଷ୍ଟି କରିଥିଲେ। ଏହାପରେ ୭ଟି ବ୍ରେକ୍ ପଏଣ୍ଟକୁ ଅଟକାଇବା ପରେ ମ୍ୟାଚ୍ ପଏଣ୍ଟ ସଂଗ୍ରହ କରି ମୁକାବିଲାକୁ ଜିତି ସେମିଫାଇନାଲରେ ପ୍ରବେଶ କରିଥିଲେ।

**ସେମିଫାଇନାଲ ମୁକାବିଲା**

| ପୁରୁଷ ଏକକ | ମହିଳା ଏକକ |
|---|---|
| ଆଲକାରାଜ-ଜୋକୋଭିଚ୍ | ସାବାଲେଙ୍କା-ପେଗୁଲା |
| ସିନ୍ନର-ଫେଲିକ୍ସ | ଓସାକା-ଆନିସିମୋଭା |

ଭାମ୍ବ୍ରୀଙ୍କ ୟୁଏସ୍ ଓପନ ସେମିଫାଇନାଲ ପ୍ରବେଶ କରିବା ସହ ଏକ ନୂଆଯୁଗର ଆରମ୍ଭ ହୋଇଛି। ଏହା ଫଳରେ ଭାରତର ଏହି ଖେଳାଳିଙ୍କର ଗ୍ରାଣ୍ଡସ୍ଲାମ୍ କ୍ୟାରିୟର ନୂଆ ମୋଡରେ ପହଞ୍ଚିଛି। ଗୁରୁବାର ରାତିରେ ଖେଳାଯିବାକୁ ଥିବା ସେମିଫାଇନାଲ ମୁକାବିଲାରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ୬ଷ୍ଠ ସିଡ୍ ଗ୍ରେଟବ୍ରିଟେନର ନିଲ ସ୍କୁପସ୍କି ଓ ଜୋ ସାଲିସବରୀଙ୍କ ଯୋଡିକୁ ଭେଟିବେ। ଏଠାରେ ସାଲିସବରୀ ୨୦୨୧, ୨୦୨୨ ଓ ୨୦୨୩ରେ ପୁରୁଷ ଯୁଗଳ ଟାଇଟଲ ଜିତିଛନ୍ତି। ସ୍କୁପସ୍କି ୨୦୨୨ ଫାଇନାଲରେ ପ୍ରବେଶ କରିଥିଲେ। ଏହି ସେମିଫାଇନାଲ ମୁକାବିଲା ଜୋରଦାର ହେବ ବୋଲି ଆଶା କରିବା ସ୍ୱାଭାବିକ।

ଏହି ବିଜୟ ଫଳରେ ଯୁକି ଭାମ୍ବ୍ରୀ ଏକମାତ୍ର ଭାରତୀୟ ଖେଳାଳିଭାବେ ତିଷ୍ଠି ରହିଛନ୍ତି। ଗତକାଲି ଅନିରୁଦ୍ଧ ଚନ୍ଦ୍ରଶେଖର ଓ ବିଜୟ ସୁନ୍ଦର ପ୍ରଶାନ୍ତଙ୍କ ଯୋଡି ବ୍ରାଜିଲୀୟ ଯୋଡିଠାରୁ ପରାଜିତ ହୋଇଥିଲେ। ପୂର୍ବରୁ ଭାରତର ଭେଟେରାନ ଖେଳାଳି ରୋହନ ବୋପନ୍ନା, ଅର୍ଜୁନ ଖାଡେ ସେମାନଙ୍କ ପାର୍ଟନର ସହ ପ୍ରଥମ ରାଉଣ୍ଡରେ ହାରିଯାଇଥିଲେ। ଭାମ୍ବ୍ରି ଏକମାତ୍ର ଭାରତର ଆଶା ଭାବେ ତିଷ୍ଠି ରହିଛନ୍ତି।

## ପୁରୁଷ ଏକକ ସେମିରେ ସିନ୍ନର

ବିଶ୍ୱର ନଂ-୧ ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର ଏଠାରେ ଚାଲିଥିବା ୟୁଏସ୍ ଓପନ ପୁରୁଷ ଏକକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ସିନ୍ନର ୩-୦ ସେଟ୍‌ରେ ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ମ୍ୟାଚ୍‌କୁ ସେ ୬-୧, ୬-୪, ୬-୨ସେଟ୍‌ରେ ଜିତିଥିଲେ। ସେମିଫାଇନାଲରେ କାନାଡାର ଫେଲିକ୍ସ ଅଗର-ଆଲିସିଆମେଙ୍କ ସହ ସିନ୍ନରଙ୍କ ମୁକାବିଲା ହେବ। ଅନ୍ୟ ଏକ ସେମିଫାଇନାଲରେ ନଂ-୨ ସିଡ୍ କାର୍ଲୋସ ଆଲକାରାଜଙ୍କ ସହ ନଂ-୭ ସିଡ ତଥା ରେକର୍ଡ ୨୫ତମ ଟାଇଟଲ ଜିତିବାକୁ ଆଶାୟୀ ଥିବା ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଲଢ଼େଇ ହେବ। ଗତକାଲି ରାତିରେ ଅନୁଷ୍ଠିତ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ୨୮ତମ ସିଡ୍ ଫେଲିକ୍ସ କଡ଼ା ସଂଘର୍ଷ କରି ୮ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ପରାସ୍ତ କରିଥିଲେ। ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଏହି ମ୍ୟାଚ୍‌କୁ ଫେଲିକ୍ସ ୪-୬, ୭-୬, ୭-୫, ୭-୬ ସେଟ୍‌ରେ ଜିତିନେଇଥିଲେ।

## ସ୍ୱିଆଟେକ୍ ବିଦା, ସେମିରେ ଓସାକା

୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭା ଏକତରଫା କ୍ୱାର୍ଟରଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ଇଗା ସ୍ୱିଆଟେକ୍‌ଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ପୂର୍ବ ଚାମ୍ପିଅନ ତଥା ଟାଇଟଲ ଆଶାୟୀ ସ୍ୱିଆଟେକ କ୍ୱାର୍ଟରଫାଇନାଲରୁ ବିଦା ହୋଇଛନ୍ତି। ତାଙ୍କୁ ବିଦା କରିଥିବା ଆନିସିମୋଭା ସେମିଫାଇନାଲରେ ଫର୍ମକୁ ଫେରିଥିବା ଜାପାନର ନାଓମି ଓସାକାଙ୍କୁ ଭେଟିବେ। ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଓସାକା ଲଢ଼ୁଆ ଖେଳ ପ୍ରଦର୍ଶନ କରି ୬-୪, ୭-୬ ସେଟ୍‌ରେ ଏକାଦଶ ସିଡ୍ କାରୋଲିନା ମୁଚୋଭାଙ୍କୁ ପରାସ୍ତ କରିଥିଲେ। ସେହିପରି ଅନ୍ୟ ଏକ ସେମିଫାଇନାଲ ଟପ୍ ସିଡ୍ ଆରିନା ସାବାଲେଙ୍କା ଓ ଚତୁର୍ଥ ସିଡ୍ ଜେସିକା ପେଗୁଲାଙ୍କ ମଧ୍ୟରେ ଖେଳାଯିବ।

## ଦୁଲୀପ ଟ୍ରଫି ସେମିଫାଇନାଲ

### ଜଗଦୀଶନଙ୍କ ଅପରାଜିତ ଶତକ



ବେଙ୍ଗାଲୁରୁ,୪।୯ (ଏଜେନ୍ସି): ସ୍ଥାନୀୟ ସେଣ୍ଟର ଅଫ୍ ଏକ୍ସିଲେନ୍ସି ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଛି ଦୁଲୀପ ଟ୍ରଫି ସେମିଫାଇନାଲ। ଏହି ସେମିଫାଇନାଲର ଉତ୍ତରାଞ୍ଚଳ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ତାମିଲନାଡୁ ୱିକେଟରକ୍ଷକ ଏନ୍ ଜଗଦୀଶନ ଅପରାଜିତ ଶତକ ହାସଲ କରିଛନ୍ତି। ସେ ୨୬୦ ବଲ ଖେଳି ୧୪୮ ରନ୍‌ରେ ଅପରାଜିତ ରହିବା ଫଳରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୩ ୱିକେଟ ହରାଇ ୨୯୭ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଜଗଦୀଶନଙ୍କ ସହ କାମଚଳା ଅଧିନାୟକ ମହମ୍ମଦ୍ ଆଝାରୁଦ୍ଦିନ ୧୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଦେବଦତ୍ତ ପଡିକାଲ ୫୭, ଓପନର ତନ୍ମୟ ଅଗରୱାଲ ୪୩ ଓ ମୋହିତ କାଲେ ୧୫ ରନ୍ କରିଛନ୍ତି। ଉତ୍ତରାଞ୍ଚଳ ପକ୍ଷରୁ ନିଶାନ୍ତ ସିନ୍ଧୁ ୨ଟି ଓ ଅଂଶୁଲ କାମ୍ବୋଜ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି।

### ଚମକ ଦେଖାଇଲେ ଋତୁରାଜ



ଋତୁରାଜ ଗାଏକ୍ୱାଡଙ୍କ ବିଶାଳ ୧୮୪ ରନ୍‌ର ବିରାଟ ଶତକ ବଳରେ ଏଠାରେ କେନ୍ଦ୍ରାଞ୍ଚଳ ବିପକ୍ଷ ଦ୍ୱିତୀୟ ସେମିଫାଇନାଲରେ ପ୍ରଥବେ ବ୍ୟାଟିଂ କରି ପଶ୍ଚିମାଞ୍ଚଳ ୬ ୱିକେଟରେ ୩୬୩ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଲ୍‌ରାଉଣ୍ଡର ତନୁସ କୋଟିଆନ ୬୫ ଓ ଅଧିନାୟକ ଶାର୍ଦ୍ଦୁଳ ଠାକୁର ୨୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳର ଦୁଇ ତାରକା ଖେଳାଳି ଯଶସ୍ୱୀ ଜୟସ୍ୱାଲ ୩ ବଲ୍‌ରେ ୪ ରନ୍ ଓ ଶ୍ରେୟସ ଆୟର ୨୮ ବଲ୍ ଖେଳି ୨୫ ରନ୍ କରିପାରିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଖଲୀଲ ଅହମ୍ମଦ୍ ଓ ସାରାଂଶ ଜୈନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏସିଆ କପ୍ ଦଳରେ ଶ୍ରେୟସ ଆୟର ସ୍ଥାନ ପାଇ ନ ଥିବାରୁ ଅନେକ ସମାଲୋଚନା କରାଯାଇଥିଲା। ଗାଏକ୍ୱାଡ୍ ୨୦୬ ବଲ୍‌ରୁ ୨୫ ଚୌକା ଓ ୧ ଛକା ସହାୟତାରେ ୧୮୪ ରନ୍‌ର ବିରାଟ ଇନିଂସ ଖେଳିଥିଲେ।

# ସମସ୍ତ ଫର୍ମାଟ୍‌ରୁ ଅମିତ ମିଶ୍ରାଙ୍କ ସନ୍ନ୍ୟାସ

**ଫେରଷ୍ଟେଟ ସ୍ପଷ୍ଟେଟ** 

| ଫର୍ମାଟ | ମ୍ୟାଚ୍ | ୱିକେଟ୍ | ଇକୋନୋମୀ |
|---|---|---|---|
| ଟେଷ୍ଟ | ୨୨ | ୭୬ | ୩.୧୯ |
| ଦିନିକିଆ | ୩୬ | ୬୪ | ୪.୭୨ |
| ଟି-୨୦ | ୧୦ | ୧୬ | ୬.୩୧ |
| ପ୍ରଥମେ ଶ୍ରେଣୀ | ୧୫୨ | ୫୩୫ | ୩.୦୩ |
| ଆଇପିଏଲ୍ | ୧୬୨ | ୧୭୪ | ୭.୩୭ |



ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଭେଟେରାନ ଭାରତୀୟ ରିଷ୍ଟ ସ୍ପିନର ଅମିତ୍ ମିଶ୍ରା ଗୁରୁବାର କ୍ରିକେଟ୍‌ର ସମସ୍ତ ପ୍ରକାର ଫର୍ମାଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ୨୦୦୩ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିବା ଅମିତ୍ ଶେଷଥର ଲାଗି ୨୦୧୭ରେ ଜାତୀୟ ଦଳ ପକ୍ଷରୁ ଖେଳିବାର ସୁଯୋଗ ପାଇଥିଲେ। ଏହାପରେ ସେ ଘରୋଇ ଘରୋଇ ଓ ଆଇପିଏଲ୍‌ରେ ସକ୍ରିୟ ଥିଲେ। ୪୨ ବର୍ଷୀୟ ଅମିତ ତାଙ୍କ ଅବସର ବାର୍ତ୍ତାରେ କହିଛନ୍ତି, 'ଆଜି ୨୫ ବର୍ଷ ପରେ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରୁଛି। ଏହି ଖେଳ ମୋର ପ୍ରଥମ ପ୍ରେମ, ମୋର ପ୍ରଥମ ଶିକ୍ଷକ ଓ ଖୁସିର ସବୁଠୁ ବଡ଼ ଉତ୍ସ ଥିଲା। ଏହି ଲମ୍ବା ଯାତ୍ରାରେ ମୋତେ ସମର୍ଥନ ଜଣାଇଥିବା ବିସିସିଆଇ, ହରିୟାଣା କ୍ରିକେଟ୍ ସଂଘ, ସାଥୀ ଖେଳାଳି, ପ୍ରଶିକ୍ଷକ ଓ ପରିବାରବର୍ଗଙ୍କୁ କୃତଜ୍ଞତା ଜଣାଉଛି।'

ଉଲ୍ଲେଖଯୋଗ୍ୟ, ୨୦୦୦ ମସିହାରେ କେରଳ ବିପକ୍ଷରେ ଖେଳି ଅମିତ ହରିୟାଣା ପକ୍ଷରୁ ଘରୋଇ କ୍ରିକେଟ୍‌ରେ ପାଦ ଥାପିଥିଲେ। ସେହି ସମୟରେ ଅନିଲ କୁମ୍ବଲେ ଓ ହରଭଜନ ସିଂଙ୍କ ଭଳି ମହାନ ସ୍ପିନର ଥିବାରୁ ସେ ଭାରତ ପାଇଁ ବିଶେଷ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ଟିମ୍ ଇଣ୍ଡିଆ ପାଇଁ ସେ ୨୨ ଟେଷ୍ଟ, ୩୬ ଦିନିକିଆ ଓ ୧୦ ଟି-୨୦ ମ୍ୟାଚ୍ ଖେଳି ମୋଟ୍ ୧୫୬ଟି ୱିକେଟ୍ ନେଇଛନ୍ତି। ଏକମାତ୍ର ବୋଲର ଭାବେ ଆଇପିଏଲ୍‌ରେ ୩ଟି ହ୍ୟାଟ୍ରିକ ନେଇଥିବା ଅମିତଙ୍କ ନାମରେ ଏହି ଲିଗରେ ୧୭୪ଟି ୱିକେଟ୍ ଲିପିବଦ୍ଧ ରହିଛି।

**ଏସିଆ କପ୍ ପୁରୁଷ ହକି**

# ମାଲେସିଆକୁ ହରାଇ ଶୀର୍ଷରେ ଭାରତ

ରାଜଗିର,୪।୯ (ଏଜେନ୍ସି):

ଶକ୍ତିଶାଳୀ ମାଲେସିଆକୁ ୪-୧ ଗୋଲ ବ୍ୟବଧାନରେ ପରାସ୍ତ କରି ଆୟୋଜକ ଭାରତ ଏଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ସୁପର-୪ ପର୍ଯ୍ୟାୟରେ ଶୀର୍ଷରେ ରହିଛି। ଗତକାଲି ଦକ୍ଷିଣ କୋରିଆ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିବା ଭାରତ ୨ଟି ମ୍ୟାଚ୍‌ରୁ ୩ ପଏଣ୍ଟ ସଂଗ୍ରହ କରି ପଏଣ୍ଟ ତାଲିକାରେ ପ୍ରଥମ ସ୍ଥାନରେ ରହିଛି। ଦଳ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ଚୀନ୍‌କୁ ଶନିବାର ଭେଟିବ। ଏହି ଦିନ ସୁପର-୪ ମୁକାବିଲା ପରେ କେଉଁ ଦୁଇ ଦଳ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିବେ ତାହା ଚୂଡ଼ାନ୍ତ ହେବ। ୨ ରାଉଣ୍ଡ ଶେଷରେ ଚୀନ୍ ଓ ମାଲେସିଆ ଗୋଟିଏ ଲେଖାଏଁ ବିଜୟ ସହ ସୁପର-୪ ପଏଣ୍ଟ ଟେବଲରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ମାଲେସିଆ ପକ୍ଷରୁ ଖେଳର ଦ୍ୱିତୀୟ ମିନିଟ୍‌ରେ ସଫିକ ହାସନ ଫିଲ୍ଡ ଗୋଲ କରି ଭାରତକୁ ଚମକାଇଦେଇଥିଲେ। ଏହି ଗୋଲ ଖାଇବା ପରେ ଭାରତ ରଣନୀତି ବଦଳାଇଥିଲା। ଦ୍ୱିତୀୟ କ୍ୱାର୍ଟରର ୭ମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରରୁ ମନପ୍ରୀତ୍ ସିଂହ, ୧୯ତମ ଓ ୨୪ତମ ମିନିଟ୍‌ରେ ସୁଖଜିତ ସିଂହ ଓ ଓଡ଼ିଆ ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିବା ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଘରୋଇ ଦଳ ୩-୧ରେ ଆଗୁଆ ରହିଥିଲା। ବିବେକ ସାଗର ଭାରତ ପକ୍ଷରୁ ଶେଷ ଗୋଲଟି ଦେଇଥିଲେ।



### ହରମନପ୍ରୀତ୍‌ଙ୍କ ୨୫୦ତମ ମ୍ୟାଚ୍

ମାଲେସିଆ ବିପକ୍ଷରେ ଭାରତର ନେତୃତ୍ୱ ନେଉଥିବା ହରମନପ୍ରୀତ୍ ସିଂହ ଏଠାରେ ଦେଶ ପକ୍ଷରୁ ୨୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏହି ଅବସରରେ ହକି ଇଣ୍ଡିଆ ପକ୍ଷରୁ ତାଙ୍କୁ ମ୍ୟାଚ୍ ଆରମ୍ଭ ପୂର୍ବରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀୟ ସଫଳତାରେ ହରମନପ୍ରୀତ୍‌ଙ୍କ ଯୋଗଦାନ ଅତୁଳନୀୟ ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି।

### କୋରିଆକୁ ହରାଇଲା ଚୀନ୍

ଆଜି ଖେଳାଯାଇଥିବା ଅନ୍ୟ ଏକ ସୁପର-୪ ମ୍ୟାଚ୍‌ରେ ଚୀନ୍ ୩-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ୍ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଫଳରେ ଦଳକୁ ଦ୍ୱିତୀୟ ମୁକାବିଲାରେ ପୂରା ପଏଣ୍ଟ ମିଳିଛି। ଗତକାଲି ଚୀନ୍ ପ୍ରଥମ ସୁପର-୪ ମ୍ୟାଚ୍‌ରେ ମାଲେସିଆଠାରୁ ୨-୦ ଗୋଲରେ ହାରିଯାଇଥିଲା।

### ଆଜିଠୁ ମହିଳା ଏସିଆ କପ୍ ହକି

ବେଜିଂ, ୪।୯ (ଏଜେନ୍ସି): ମହିଳା ଏସିଆ କପ୍ ହକିର ୧୧ତମ ସଂସ୍କରଣ ଶୁକ୍ରବାରଠାରୁ ଚାଇନାରେ ଆରମ୍ଭ ହେବ। ଭାରତୀୟ ମହିଳା ଦଳ ପୁଲ୍-ବି'ରେ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ସହ ସ୍ଥାନ ପାଇଛି। ଉଦ୍‌ଘାଟନୀ ଦିବସରେ ଥାଇଲାଣ୍ଡ ସହ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏଥିରେ ଚାମ୍ପିଅନ ଦଳ ୨୦୨୬ ମହିଳା ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏସିଆ କପ୍‌ରେ ଜାପାନ ଓ ଦକ୍ଷିଣ କୋରିଆ ସର୍ବାଧିକ ୩ଥର ଲେଖାଏ ଏବଂ ଭାରତ ଓ ଚାଇନା ୨ଥର ଲେଖାଏ ଚାମ୍ପିଅନ ହୋଇଛନ୍ତି।

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS